ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୪/୨୦୨୬ (୧୪ ପୃଷ୍ଠା) Bhubaneswar, Wednesday, February 4/2026 Page 14 ₹ 7.00 RAYAGADA
୫୨ଶ ଭାଗ ୭୨ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 52 ISSUE 72 ମୂଲ୍ୟ ₹୭/-


# ଲୋକଙ୍କ ଡାଟା ସହ ଖେଳ ନାହିଁ


## ପ୍ରିଭେସି ପଲିସି ନେଇ ମେଟା ଓ ହ୍ୱାଟ୍ସଆପ୍‌କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ମେଟା ପ୍ଲାଟଫର୍ମ୍ସ ଓ ହ୍ୱାଟ୍ସଆପ୍ ଏଲ୍‌ସିସି ଲୋକଙ୍କ ଡାଟା ସହ ଖେଳିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଭର୍ତ୍ସନା କରିଛନ୍ତି। ମେଟା କମ୍ପାନୀର ପ୍ରିଭେସି ପଲିସି ବିରୋଧରେ ସର୍ବୋଚ୍ଚ ଅଦାଲତ କଡ଼ା ଟିପ୍ପଣୀ ଦେଇ କହିଛନ୍ତି, ସେମାନଙ୍କୁ ଭାରତୀୟମାନଙ୍କ ବ୍ୟକ୍ତିଗତ ତଥ୍ୟର ଦୁରୁପଯୋଗ କରିବାକୁ ଦିଆଯିବ ନାହିଁ। ହ୍ୱାଟ୍ସଆପ୍‌ର ଡାଟା ଶେୟାରିଂ ପଲିସି 'ଶୋଷଣକାରୀ' ଓ ଅନେକ ୟୁଜରଙ୍କ ପାଇଁ ଅବୁଝା। ତେଣୁ ଏହି ମେସେଜିଂ ଆପ୍ ଏପରି ପଲିସି ଆଣିବା କଥା, ଯାହାକୁ ଦେଶର ଅନେକ ନିୟୁତ ଗରିବ ଓ ଅଶିକ୍ଷିତ ଲୋକ ବୁଝିପାରିବେ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ତାଗିଦ କରିଛନ୍ତି। କମ୍ପାନୀ ଏଥିରେ ବିଫଳ ହେଲେ ଭାରତ ଛାଡ଼ି ଚାଲିଯିବା ଉଚିତ କହି ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।**

ନୂଆଦିଲ୍ଲୀ,୩।୨(ପି.ଟି./ଲାଇଭ୍ ଲ)

ହ୍ୱାଟ୍ସଆପ୍‌ର ପ୍ରିଭେସି ପଲିସିକୁ ନେଇ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ (ସିସିଆଇ) ୨୦୨୧ ନଭେମ୍ବର ୮ରେ ଏହା ଉପରେ ୨୧୩.୧୪ କୋଟି ଟଙ୍କା ଜରିମାନା କରିଥିଲେ। ହ୍ୱାଟ୍ସଆପ୍ ଏହାକୁ ନ୍ୟାଶନାଲ କମ୍ପାନୀ ଲ' ଅପିଲେଟ୍ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ରେ ଚ୍ୟାଲେଞ୍ଜ କରିଥିଲା। ଟ୍ରିବ୍ୟୁନାଲ ସିସିଆଇଙ୍କ ଜରିମାନା ଆଦେଶକୁ ବଳବତ୍ତର ରଖିବା ପରେ ହ୍ୱାଟ୍ସଆପ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଓ ଭିପୁଲ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହି ପ୍ରସଙ୍ଗରେ ଶୁଣାଣି କରିଛନ୍ତି। ଶୁଣାଣିବେଳେ ସିଜେଆଇ କହିଛନ୍ତି, ଆମେରିକୀୟ କମ୍ପାନୀ, ତୁମେ ପ୍ରିଭେସି ସହ ଖେଳିପାରିବ ନାହିଁ। ତୁମକୁ ଆମ ଡାଟାର ଗୋଟିଏ ବି ସଂଖ୍ୟା ଶେୟାର କରିବାକୁ ଅନୁମତି ଦିଆଯିବ ନାହିଁ। ଏହାକୁ ଭାରତୀୟଙ୍କୁ ଶୋଷଣ ☞ପୃଷ୍ଠା-୨



# ଟାରିଫ୍‌କୁ ନେଇ କଂଗ୍ରେସ-ଭାଜପା ମୁହାଁମୁହିଁ


## ଚାପରେ ପ୍ରଧାନମନ୍ତ୍ରୀ ଦେଶକୁ ବିକିଦେଇଛନ୍ତି: ରାହୁଲ

ନୂଆଦିଲ୍ଲୀ,୩।୨

ଆମେରିକା ଭାରତ ଉପରୁ ଟାରିଫ୍ ହ୍ରାସ କରିବା ପ୍ରସଙ୍ଗକୁ ନେଇ କଂଗ୍ରେସ ଏବଂ ଭାଜପା ମୁହାଁମୁହିଁ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାପରେ ଦେଶକୁ ବିକି ଦେଇଛନ୍ତି ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିବା ସହିତ ଟାରିଫ୍ ସହିତ ଆଦାନୀ ଏବଂ ଏପ୍‌ଷ୍ଟିନ୍ ଫାଇଲ୍ ପ୍ରସଙ୍ଗକୁ ଯୋଡ଼ିଛନ୍ତି। ମଙ୍ଗଳବାର ସଂସଦ ବାହାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିଜର ପ୍ରତିକ୍ରିୟା ଦେଇ ରାହୁଲ କହିଛନ୍ତି , ବର୍ତ୍ତମାନ ଆମେରିକୀୟ ଅଦାଲତରେ ଶିଳ୍ପପତି ଗୌତମ ଆଦାନୀଙ୍କ ମାମଲା ବିଚାରାଧୀନ ରହିଛି। କିନ୍ତୁ ସେମାନେ ଆଦାନୀଙ୍କୁ ଟାର୍ଗେଟ ନ କରି ପ୍ରଧାନମନ୍ତ୍ରୀ ମୋଦି ଏବଂ ଭାଜପାକୁ ଟାର୍ଗେଟ କରୁଛନ୍ତି। କାରଣ ଆଦାନୀଙ୍କ ଆର୍ଥିକ ସାମ୍ରାଜ୍ୟ ମୋଦି ଏବଂ ଭାଜପା ଉପରେ ନିର୍ଭର କରୁଛି। ଏହାଛଡ଼ା ମୋଦିଙ୍କୁ ନେଇ ଏପ୍‌ଷ୍ଟିନ୍ ଫାଇଲରେ ଆହୁରି ଅନେକ ତଥ୍ୟ ଆସି ନାହିଁ। ଏହି ଦୁଇଟି ବିଷୟକୁ


ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସଂସଦ ବାହାରେ ଟାରିଫ୍‌କୁ ନେଇ ପ୍ରତିକ୍ରିୟା ଦେଉଛନ୍ତି।

ନେଇ ମୋଦି ଚାପଗ୍ରସ୍ତ ହୋଇଥିବାରୁ ଭାରତ-ଆମେରିକା ବାଣିଜ୍ୟିକ ଚୁକ୍ତିରେ ସାଲିସ୍ କରିଛନ୍ତି ଯଦ୍ଵାରା ଟାରିଫ୍‌କୁ ନେଇ ବୁଝାମଣା ହୋଇଛି। ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ବୁଝାମଣା ପାଇଁ ମାସ ମାସ ବିତିଯାଇଥିଲା ବେଳେ ଅଚାନକ ଟାରିଫ୍ ହ୍ରାସ ଘୋଷଣା କେମିତି ହେଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। କିନ୍ତୁ ମୋଦି ସାଲିସ୍ କରି ଦେଶକୁ ବିକି ଦେଇଛନ୍ତି ବୋଲି ରାହୁଲ କହିଛନ୍ତି।


ପୀୟୂଷ ଗୋଏଲ

### ବାଣିଜ୍ୟ ଚୁକ୍ତି ଐତିହାସିକ : ପୀୟୂଷ ଗୋଏଲ

ଭାରତ-ଆମେରିକା ଟାରିଫ୍ ବୁଝାମଣାକୁ ନେଇ କଂଗ୍ରେସ ଉଠାଇଥିବା ଅଭିଯୋଗ ଉପରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ଉତ୍ତର ରଖିବା ସହିତ ଏହାକୁ ଐତିହାସିକ ବୋଲି କହିଛନ୍ତି। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ପୀୟୂଷ କହିଛନ୍ତି, କୌଣସି ସାଲିସ୍ ନୁହେଁ,ଆମେରିକା ସହ ସମ୍ମାନର ସହିତ ଟାରିଫ୍ ବୁଝାମଣା ହୋଇଛି। ଏଥିରେ କୌଣସିସ୍ତରରେ ଜାତୀୟ ସ୍ୱାର୍ଥକୁ ଅଣଦେଖା କରାଯାଇ ନାହିଁ। ବରଂ ଏହି ବୁଝାମଣା ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଭାରତର ଅର୍ଥନୀତି ଆହୁରି ସୁଦୃଢ଼ ହେବା ସହିତ ଦେଶର ବର୍ଦ୍ଧିତ ଅର୍ଥନୈତିକ ଧାରା ଆହୁରି ସଶକ୍ତ ହେବ। ଚାଷୀଙ୍କଠାରୁ ଆରମ୍ଭ କରି ମତ୍ସ୍ୟଜୀବୀ, ମହିଳା ଉଦ୍ୟୋଗୀ, ଯୁବପିଢ଼ି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ଅଧିକ ସୁଯୋଗ ମିଳିବ ବୋଲି ସେ କହିଛନ୍ତି। ଏହାପୂର୍ବରୁ ସେ ବିରୋଧୀଙ୍କୁ ଟାର୍ଗେଟ କରି କହିଥିଲେ, ରାହୁଲ ଗାନ୍ଧୀ ଜଣେ ନକାରାତ୍ମକ ମାନସିକତାର ମଣିଷ। ଡିଏମ୍‌କେ ହେଉ କି ଟିଏମ୍‌ସି, ଯେଉଁ ଦଳ ରାହୁଲଙ୍କ ସହ ହାତ ମିଳାଇଛନ୍ତି, ସେମାନେ ମଧ୍ୟ ସବୁକିଛିକୁ ନକାରାତ୍ମକ ଢଙ୍ଗରେ ଦେଖୁଛନ୍ତି। ଟାରିଫ୍ ବୁଝାମଣା ଦ୍ୱାରା ଭାରତରେ ଯେଉଁସବୁ କ୍ଷେତ୍ରରେ ଅପୂର୍ବ ସୁଯୋଗ ସୃଷ୍ଟି ହେବ ତାହାକୁ ସେମାନେ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି।

# ଲୋକ ସଭାରେ ବିରୋଧୀଙ୍କ ହଙ୍ଗାମା: ୮ ସାଂସଦ ନିଲମ୍ବିତ

ନୂଆଦିଲ୍ଲୀ,୩।୨

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଲୋକ ସଭାରେ ଉଠାଇଥିବା ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ ମଙ୍ଗଳବାର ପୁଣି ହଙ୍ଗାମା କରିଛନ୍ତି। ହଙ୍ଗାମା ଯୋଗୁ ଗୃହକୁ ବାରମ୍ବାର ମୁଲତବୀ ରଖାଯାଇଥିଲା ବେଳେ ବିଶୃଙ୍ଖଳିତ ଆଚରଣ ପାଇଁ କଂଗ୍ରେସର ୭ ସାଂସଦଙ୍କ ସମେତ ୮ ସଦସ୍ୟଙ୍କୁ ଗୃହରୁ ନିଲମ୍ବନ କରାଯାଇଛି। ୨୦୨୦ ଡୋକଲାମ୍ ଏବଂ ଗଲୱାନ୍ ସଂଘର୍ଷ ସମ୍ପର୍କରେ ପୂର୍ବତନ ସେନାମୁଖ୍ୟ ଏମ୍. ଏମ୍. ନରୱଣେଙ୍କ ଦ୍ୱାରା ଲିଖିତ ପୁସ୍ତକର ଅଂଶକୁ ନେଇ ରାହୁଲ ଗାନ୍ଧୀ ସୋମବାର ସରକାରଙ୍କୁ ଘେରିଥିଲେ। ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଚାଲିଥିଲାବେଳେ ରାହୁଲ ପୁଣି ଉକ୍ତ ପ୍ରସଙ୍ଗ ଉଠାଇଥିଲେ। କିନ୍ତୁ ସୋମବାର ଏହି ପ୍ରସଙ୍ଗରେ ଗୃହ ଅଧ୍ୟକ୍ଷ ରୁଲିଂ ଦେଇ ସାରିଥିବାରୁ ଏହା ଉପରେ ଆଉ ଆଲୋଚନା କରିବା ଆବଶ୍ୟକ ନାହିଁ ବୋଲି ଅଧ୍ୟକ୍ଷ କହିଥିଲେ। ଏହାପରେ ରାହୁଲ ଯୁକ୍ତି ରଖି କହିଥିଲେ, ସେ ଯାହା କହିବାକୁ ଚାହୁଁଛନ୍ତି ତାହା ରାଷ୍ଟ୍ରପତିଙ୍କ ଅଭିଭାଷଣ ସହ ଜଡ଼ିତ ରହିଛି। ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଜାତୀୟ ସୁରକ୍ଷା କଥା ରହିଥିଲାବେଳେ ସେ ମଧ୍ୟ ସେହି ବିଷୟରେ କହିବାକୁ ଚାହୁଁଛନ୍ତି। କିନ୍ତୁ ଗୃହରେ ଜଣେ ବିରୋଧୀ ଦଳର ନେତାଙ୍କୁ ଜାଣିଶୁଣି କହିବାକୁ ଦିଆଯାଉ ନାହିଁ ବୋଲି ରାହୁଲ କହିବା ପରେ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିବା ସହିତ ଟେବୁଲ ଉପରେ ଚଢ଼ି କାଗଜ ଚିରିଥିଲେ। ବିଶୃଙ୍ଖଳିତ ଆଚରଣ ପାଇଁ ୮ ସଦସ୍ୟଙ୍କୁ ନିଲମ୍ବନ କରାଗଲା ବୋଲି ଗୃହରେ ଅଧ୍ୟକ୍ଷତା କରୁଥିବା କ୍ରିଷ୍ଣପ୍ରସାଦ ତେନେତି ଘୋଷଣା କରିଥିଲେ। ନିଲମ୍ବିତ ସାଂସଦ ହେଲେ କଂଗ୍ରେସର ଅମରିନ୍ଦର ସିଂ ରାଜା,ହିବି ଏଡେନ୍, ଡିନ୍ କୋରିଆକୋଜ୍,ଗୁରୁଜିତ୍ ସିଂ ଅଜଲା,ସି. କିରନ୍ କୁମାର ରେଡ୍ଡୀ, ମନିକାମ୍ ଟାଗୋର୍ ଏବଂ ପ୍ରଶାନ୍ତ ପାଦୋଲେ ଏବଂ ସିପିଆଇ(ଏମ୍)ର ଏସ୍. ଭେଙ୍କଟେଶନ୍ । ଅଧିବେଶନ ଶେଷ ପର୍ଯ୍ୟନ୍ତ ସେମାନଙ୍କୁ ନିଲମ୍ବନ କରାଯାଇଛି।

# ଖେମ୍‌ଚାନ୍ଦ ସିଂ ହେବେ ମଣିପୁର ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୩।୨



ୟୁମ୍‌ନାମ ଖେମ୍‌ଚାନ୍ଦ ସିଂ ମଣିପୁରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ମଙ୍ଗଳବାର ଭାଜପା ବିଧାୟକ ଦଳ ବୈଠକ ବସି ଖେମ୍‌ଚାନ୍ଦଙ୍କୁ ଦଳର ନେତା ନିର୍ବାଚନ କରାଯିବା ପରେ ଏନ୍‌ଡିଏ ବିଧାୟକ ଦଳ ବୈଠକରେ ମଧ୍ୟ ସେ ନେତା ନିର୍ବାଚିତ ହୋଇଛନ୍ତି। ଫଳରେ ମଣିପୁରରେ ପାଖାପାଖି ଗୋଟିଏ ବର୍ଷର ରାଷ୍ଟ୍ରପତି ଶାସନ ପରେ ସରକାର ଗଠନ ହେବାକୁ ଯାଉଛି। କୁକି ନେତ୍ରୀ ନେମ୍‌ଚା କିପ୍‌ଗେନ୍ ନୂଆ ମଣିପୁର ସରକାରରେ ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ଗତବର୍ଷ ଫେବୃଆରୀରେ ବିଧାନସଭାରେ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେବା ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ଇସ୍ତଫା ଦେଇଥିଲେ। ଫେବୃଆରୀ ୧୩ରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା ଓ ବିଧାନସଭାକୁ ସ୍ଥଗିତ ରଖାଯାଇଥିଲା। ଗତ ଅଗଷ୍ଟ ୧୩ରେ ରାଷ୍ଟ୍ରପତି ଶାସନ ସମୟସୀମା ବଢ଼ାଯାଇଥିବାବେଳେ ଫେବୃଆରୀ ୧୩ରେ ଏହା ଶେଷ ହେବାକୁ ଯାଉଛି।

# ୟୁକ୍ରେନ୍ ଉପରେ ୭୦ ମିଶାଇଲ, ୪୫୦ ଡ୍ରୋନ୍ ମାଡ଼କଲା ରୁଷିଆ

ମସ୍କୋ,୩।୨

ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟକରି ରୁଷିଆ ସୋମବାର ବିଳମ୍ବିତ ରାତିରେ ଜୋର୍‌ଦାର ଆକ୍ରମଣ କରିଛି। ମସ୍କୋ ୭୦ରୁ ଊର୍ଦ୍ଧ୍ୱ ମିଶାଇଲ୍ ଏବଂ ୪୫୦ ଡ୍ରୋନ୍‌ରେ ଆକ୍ରମଣ କରିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। କିଭ୍‌ରେ ତାପମାତ୍ରା ବିୟୁକ୍ତ ୨୦ ଡିଗ୍ରୀ ସେଲ୍‌ସିୟସ୍ ଥିବାବେଳେ ରୁଷିଆ ଆକ୍ରମଣରେ ବିଶେଷ କ୍ଷୟକ୍ଷତି ହୋଇନାହିଁ। ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଉପରେ ସୋଭିଏଟ୍ ଅମଳର ସ୍ମାରକୀ ଏବଂ ମଦରଲ୍ୟାଣ୍ଡ କୀର୍ତ୍ତିରାଜି ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନ୍ ସଂସ୍କୃତି ମନ୍ତ୍ରୀ କହିଛନ୍ତି। ଆକ୍ରମଣ ପରେ ବିଭିନ୍ନ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରୁଷିଆ ଜାଣିଶୁଣି ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ କରୁଥିବା ଜେଲେନ୍‌ସ୍କି କହିଛନ୍ତି। ସୁମି, ଖର୍‌କିଭ୍ ଅଞ୍ଚଳ, କିଭ୍ ଅଞ୍ଚଳ ଏବଂ ରାଜଧାନୀ ସମେତ ନିପ୍ରୋ, ଓଡେସା ଏବଂ ଭିନ୍ୟାସିଆ ଅଞ୍ଚଳରେ ଆକ୍ରମଣ ହୋଇଥିଲା।

# ମଳାଶୟରୁ ବାହାରିଲା ପ୍ରଥମ ବିଶ୍ୱଯୁଦ୍ଧ ସମୟର ଜୀବନ୍ତ ବିସ୍ଫୋରକ

ପ୍ୟାରିସ୍,୩।୨

ଦକ୍ଷିଣ ଫ୍ରାନ୍ସର ଟୋଲୁଜ୍ ସହରରେ ଜଣେ ୨୪ ବର୍ଷୀୟ ଯୁବକଙ୍କ ମଳାଶୟରୁ ଡାକ୍ତରମାନେ ଏକ ଜୀବନ୍ତ ବିସ୍ଫୋରକ (ଆର୍ଟିଲାରି ସେଲ୍) କାଢ଼ିବା ଘଟଣା ବିଭିନ୍ନ ମହଲରେ ବିସ୍ମୟ ସୃଷ୍ଟି କରିଛି। ଫ୍ରାନ୍ସର ଡେଲି ମେଲ୍ ରିପୋର୍ଟ ଅନୁସାରେ ଏହି ସହରର ଜଣେ ଯୁବକ ପେଟରେ ଯନ୍ତ୍ରଣା ଭୋଗିବା ଯୋଗୁ ନିକଟସ୍ଥ ହସ୍ପିଟାଲକୁ ଯାଇଥିଲେ। ଡାକ୍ତରମାନେ ଯୁବକଙ୍କ ଶରୀର ପରୀକ୍ଷାନିରୀକ୍ଷା କରିବା ପରେ



ତାଙ୍କ ମଳାଶୟରେ କିଛି ବଡ଼ ବସ୍ତୁ ରହିଥିବା ଜାଣିବାକୁ ପାଇଥିଲେ। ପରେ ସେମାନେ ତାହାକୁ ବାହାର କରିବାକୁ ଅସ୍ତ୍ରୋପଚାର କରିଥିଲା ବେଳେ ଯୁବକଙ୍କ ମଳାଶୟରୁ ୮ ଇଞ୍ଚର ଏକ ଜୀବନ୍ତ ରାସାୟନିକ ବିସ୍ଫୋରକ ମିଳିଥିଲା। ଏହାକୁ ଦେଖି ସାରା ହସ୍ପିଟାଲରେ ଭୟର ବାତାବରଣ ଖେଳି ଯାଇଥିଲା। ତୁରନ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ବୋମା ନିଷ୍କ୍ରିୟକାରୀ ଟିମ୍ ଡକାଇବା ସହିତ ହସ୍ପିଟାଲକୁ ଖାଲି କରିଦେଇଥିଲେ। କାରଣ ଏହି ବିସ୍ଫୋରକ ଜୀବନ୍ତ ଏବଂ ଏହାର ବିସ୍ଫୋରଣ କ୍ଷମତା ଏତେ ଅଧିକ ଥିଲା ଯେ, ଏହା ଉକ୍ତ ହସ୍ପିଟାଲ ସମେତ ସ୍ଥାନୀୟ ଅଞ୍ଚଳକୁ କ୍ଷତିଗ୍ରସ୍ତ କରିଦେଇଥାଆନ୍ତା। ବଡ଼ କଥା ହେଲା, ବିସ୍ଫୋରକଟି ପ୍ରଥମ ବିଶ୍ୱଯୁଦ୍ଧ ସମୟର। ତେବେ ଯୁବକ ଜଣକ ଏହାକୁ କେମିତି ପାଇଲେ ଏବଂ ତାଙ୍କ ମଳାଶୟକୁ ଏହା କେମିତି ଗଲା ସେ ସମ୍ପର୍କରେ ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି।




# ଧରିତ୍ରୀ
DHARITRI





## ନମ୍ବର ୧ ରହିଲେ ସାବାଲେଙ୍କା

ସଦ୍ୟ ପ୍ରକାଶିତ ମହିଳା ସିଙ୍ଗଲ୍ସ ଟେନିସ ର୍ୟାଙ୍କିଙ୍ଗ ତାଲିକାରେ ନମ୍ବର ୧ ସ୍ଥାନ ବଜାୟ ରଖିଛନ୍ତି ବେଲାରୁଷର ଆରିନା ସାବାଲେଙ୍କା।

୧୨ ୦୨

## 'କଲ୍କି'ସିକ୍ୱେଲରେ ସାଇ ପଲ୍ଲବୀ

ବହୁଚର୍ଚ୍ଚିତ ସାଇନ୍ସ-ଫିକ୍ସନ ଚଳଚ୍ଚିତ୍ର 'କଲ୍କି ୨୮୯୮ ଏଡି'ର ସିକ୍ୱେଲର ମୁଖ୍ୟ ନାୟିକା ଭୂମିକାରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାଇ ପଲ୍ଲବୀ ଅଭିନୟ କରିବେ ଚର୍ଚ୍ଚା ଚାଲିଛି।



## ଆହୁରି ୫ଦିନ କୁହୁଡ଼ି

**ଭୁବନେଶ୍ୱର,୩।୨(ବନ୍ଦନା ସେଠୀ)**

ରାଜ୍ୟରେ ଶୀତ ପ୍ରକୋପ ସାମାନ୍ୟ ହ୍ରାସ ପାଇଥିଲେ ହେଁ କୁହୁଡ଼ିର ମାତ୍ରା ଅଧିକ ରହୁଛି। ପ୍ରବଳ କୁହୁଡ଼ି କାରଣରୁ ସକାଳୁ ରାସ୍ତାଘାଟ ଠିକ୍ ଭାବେ ଦେଖାଯାଉନାହିଁ। ଗାଡ଼ି ମୋଟର ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଛି। ତେବେ ଏଭଳି ସ୍ଥିତି ଆହୁରି ୫ଦିନ ପର୍ଯ୍ୟନ୍ତ ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, କଟକ, ଖୋର୍ଦ୍ଧା ଏବଂ ସୁନ୍ଦରଗଡ଼ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଦେଖାଦେବ। ସେହିପରି ଆସନ୍ତା ୪ଦିନ ପର୍ଯ୍ୟନ୍ତ ରାଜ୍ୟରେ ସର୍ବନିମ୍ନ ରାତି ତାପମାତ୍ରାରେ ସେଭଳି କିଛି ବଡ଼ ପରିବର୍ତ୍ତନ ହେବ ନାହିଁ। ମାତ୍ର ଏହାପରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବ। ଗତ ୨୪ଘଣ୍ଟା ମଧ୍ୟରେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮.୨ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ସମ୍ବଲପୁରରେ ସର୍ବାଧିକ ୩୧.୭ ଡିଗ୍ରୀ ରହିଥିଲା।

**ଆଜିର ସମ୍ପାଦକୀୟ**

**ତଥ୍ୟ ଅସୁରକ୍ଷିତ**



ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲା ଅନ୍ତର୍ଗତ ପହଲଗାମ୍‌ରେ ତୁଷାରପାତ ଯୋଗୁ ମଙ୍ଗଳବାର ପାର୍କିଂରେ ଥିବା ଗାଡ଼ିଗୁଡ଼ିକ ବରଫାବୃତ ହୋଇଯାଇଛି।

## ୯ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କଲେ ସହପାଠୀ

- ଗଣବଳାତ୍କାରର ଭିଡିଓ ଉତ୍ତୋଳନ କରି ଭାଇରାଲ କଲେ
- ପୀଡ଼ିତା ପରିବାର ପକ୍ଷରୁ ଅଭିଯୋଗ ପରେ ୬ ଅଟକ
- ସମ୍ବେଦନଶୀଳ ଘଟଣାର ଯାଞ୍ଚ କରାଯାଉଛି: ଏସ୍‌ପି

**ବଲାଙ୍ଗୀର/କଣ୍ଟାବାଞ୍ଜି, ୩।୨(ବୀରେନ୍ଦ୍ର କୁମାର ଝାଙ୍କର/ଗୁରୁଦୟାଲ ହଂସ)**

ଜଣେ ୯ମ ଶ୍ରେଣୀର ଛାତ୍ରୀ (୧୫ବର୍ଷ)ଙ୍କୁ ତାଙ୍କର ୪ ଜଣ ସହପାଠୀ, ଜଣେ ନାବାଳକ ଏବଂ ଅନ୍ୟ ଜଣେ ସାବାଳକ ସ୍କୁଲର ଏକ ନିର୍ମାଣାଧୀନ ଘରେ ଗଣବଳାତ୍କାର କରି ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ଭାଇରାଲ କରିଛନ୍ତି। ଏଭଳି ଏକ ସାଂଘାତିକ ଏବଂ ଚିନ୍ତା ଉଦ୍ରେକକାରୀ ଘଟଣା ବଲାଙ୍ଗୀର ଜିଲା ତୁରେକେଲା ଅଞ୍ଚଳରେ ଦେଢ଼ମାସ ତଳେ ଘଟିଥିବାବେଳେ ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହା ଲୋକଲୋଚନକୁ ଆସିଛି। ଘଟଣା ଜଣାପଡ଼ିବା ପରେ ବଲାଙ୍ଗୀର ଏସ୍‌ପି ଅଭିଲାଷ ଜିଙ୍କ ନିର୍ଦ୍ଦେଶରେ ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ବଲାଙ୍ଗୀର ଏସ୍‌ପି ଅଭିଲାଷ, ଜିଲାପାଳ ଗୌରବ ଶିବାଜୀ ଇସ୍‌ଲୱାର, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ, ଲିଗାଲ ପ୍ରୋବେଶନର ଅଫିସର, ସାମାଜିକ କର୍ମୀ ଏବଂ ଜିଲା ଶିଶୁ କଲ୍ୟାଣ ସମିତି ସଦସ୍ୟାଙ୍କ ସହ ଆଲୋଚନା କରିବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୫ ତାରିଖ ସନ୍ଧ୍ୟାରେ ତୁରେକେଲା ଥାନା ଅନ୍ତର୍ଗତ ଏକ ଗାଁର ୯ମ ଶ୍ରେଣୀ ସ୍କୁଲ ଛାତ୍ରୀଙ୍କୁ ତାଙ୍କର ସହପାଠୀ ଓ ଅନ୍ୟ ୨ ଜଣ ଛାତ୍ର ଗଣବଳାତ୍କାର କରିବା ସହ ଏହାର ଦୃଶ୍ୟକୁ ମୋବାଇଲ ☞ପୃଷ୍ଠା-୨

## 'ଆନ୍ଧ୍ରରେ ବିକ କୋଟିଆ ଶସ୍ୟ'

### ସୀମାନ୍ତବାସୀଙ୍କୁ ପ୍ରବର୍ତ୍ତାଇଲେ ପଡ଼ୋଶୀ ରାଜ୍ୟ ଅଧିକାରୀ



ବୈଠକରେ ଆନ୍ଧ୍ର ଜିସିସି ବିଭାଗର କର୍ମଚାରୀମାନେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**ପଟ୍ଟାଙ୍ଗି,୩।୨(ଶରତ କୁମାର ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତର ସୀମାନ୍ତବାସୀଙ୍କୁ ନେଇ ଓଡ଼ିଶା-ଆନ୍ଧ୍ର ପ୍ରଦେଶ ପକ୍ଷରୁ ବୈଠକକରି ସଚେତନ କରାଯାଉଛି। ଏଥିରେ ଉକ୍ତ ପଞ୍ଚାୟତର ସୀମାନ୍ତବାସୀ ହଇରାଣ ହେଉଥିବା ଜଣାପଡ଼ିଛି। କୋଟିଆ ପଞ୍ଚାୟତ ସୀମାନ୍ତ ନେରିଡିବାଲସା ଗ୍ରାମରେ ଆନ୍ଧ୍ର ପିଆଇଟିଡିଏ ବିଭାଗ ପକ୍ଷରୁ ନିର୍ମିତ ସ୍ଥାୟୀ ଗୃହ ବାରଣ୍ଡାରେ ଲୋକଙ୍କୁ ମଙ୍ଗଳବାର ଏକତ୍ର କରାଯାଇଛି। ଆନ୍ଧ୍ର ପାର୍ବତୀପୁରମ ମାନ୍ୟାମ ଜିଲା ଅଧୀନ ସାଲୁର ବ୍ଲକ୍‌ରେ ଥିବା ଜିସିସି ବିଭାଗର ସି.ଏଚ୍. ରାମୁଲୁଙ୍କ ସହ ଅନ୍ୟ କର୍ମଚାରୀ ସୀମାନ୍ତ ଗ୍ରାମରେ ପହଞ୍ଚି ଲୋକଙ୍କୁ ଉତ୍ପାଦିତ ବିରି, ଅଳସୀ ଆଦି ଶସ୍ୟକୁ ସୁଲଭ ମୂଲ୍ୟରେ ବିକ୍ରିକରି ରୋଜଗାରକ୍ଷମ ହେବା ନେଇ ବୁଝାଇଛନ୍ତି। ନିଜ ରାଜ୍ୟରେ ଥିବା ସରକାରୀ ଦରରେ ବିକ୍ରି କରିବାକୁ କହିଛନ୍ତି। କୋଟିଆ ପଞ୍ଚାୟତର ପ୍ରତି ଗ୍ରାମ ଓ ପାହାଡ଼ରେ ପ୍ରଚୁର ପରିମାଣରେ ଥିବା ତେନ୍ତୁଳି ଗଛରୁ ତେନ୍ତୁଳି ଅମଳ କରି ଆନ୍ଧ୍ରର ଉକ୍ତ ସଂସ୍ଥାକୁ ବିକ୍ରିକରି ଲାଭବାନ୍ ହୋଇପାରିବେ ବୋଲି କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସୀମାନ୍ତବାସୀଙ୍କୁ ତେନ୍ତୁଳି କିଲୋ ପିଛା ୩୬ଟଙ୍କାରେ କିଣିବା ବ୍ୟବସ୍ଥା ☞ପୃଷ୍ଠା-୨

# ମାଟିର ଗରିମା ବଢ଼ାଇଛି ନାରୀ ନେତୃତ୍ୱ

### ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି

**ବାଲେଶ୍ୱର/ରେମୁଣା,୩।୨ (ବାଞ୍ଛାନିଧି ଦେ/ରବୀନ୍ଦ୍ର ମହାକୁଡ଼)**

ସାହିତ୍ୟ ଓ ସଂଗ୍ରାମ ପାଇଁ ବାଲେଶ୍ୱର ଓ ଭଦ୍ରକ ମାଟି ସୁପ୍ରସିଦ୍ଧ। ଅନେକ ବରପୁତ୍ରଙ୍କୁ ଜନ୍ମଦେଇ ଏ ମାଟି ଭାରତମାତାର ମୁଖ ଉଜ୍ଜ୍ୱଳ କରିଛି। ଏ ମାଟି କେବଳ ରତ୍ନଗର୍ଭା ନୁହେଁ, ବରଂ ଏ ମାଟିର ମା'ମାନେ ମଧ୍ୟ ରତ୍ନଗର୍ଭା। ଆଦି ଟିକାକାର ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀ, ଭକ୍ତକବି ଦୀନବନ୍ଧୁ ଦାସଙ୍କ ଠାରୁ ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ଉତ୍କଳକେଶରୀ ହରେକୃଷ୍ଣ ମହତାବ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପର୍ଯ୍ୟନ୍ତ ଅନେକ କବି ଓ କର୍ଣ୍ଣଧାର ଭାରତର ଉତ୍ତରପିଢ଼ି ପାଇଁ ଆଦର୍ଶ ପ୍ରତିଷ୍ଠା କରିଛନ୍ତି। ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ଓ ଭଦ୍ରକର ମହିଳାମାନଙ୍କ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ଥିଲା। ସରୋଜିନୀ ନାଇଡୁ, ଜାହ୍ନବୀ ଦେବୀ, କୋକିଳା ଦେବୀ, ସୁଭଦ୍ରା ମହତାବ ଓ ଗୋଦାବରୀ ଦେବୀ ସଂଗ୍ରାମର ଅଗ୍ରଭାଗରେ ରହି ନାରୀ ନେତୃତ୍ୱର ଗରିମା ବଢ଼ାଇଛନ୍ତି। ଏମାଟି ଲବଣ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନ ତୀବ୍ରତା ତଥା ଦେଶୀୟ ରାଜ୍ୟ ମିଶ୍ରଣର ଜୀବନ୍ତ ସାକ୍ଷୀ ବୋଲି ମଙ୍ଗଳବାର ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଏହି ସମାବର୍ତ୍ତନ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଓ ବିଶ୍ୱବିଦ୍ୟାଳୟର ବିବରଣୀ ଉପସ୍ଥାପନ କରିଥିଲେ। ରାଷ୍ଟ୍ରପତି ଫକୀରମୋହନ ସେନାପତିଙ୍କ ସାହିତ୍ୟିକ ଅବଦାନ ☞ପୃଷ୍ଠା-୨




ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

## ନାଭିଗୟାରେ ପିଣ୍ଡଦାନ କଲେ ରାଷ୍ଟ୍ରପତି

**ଯାଜପୁର,୩।୨(ହର୍ଷବର୍ଦ୍ଧନ ବେହେରା)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ପ୍ରଥମେ ପୂର୍ବାହ୍ନ ସାଢ଼େ ୯ଟାରେ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଯାଜପୁର ଆସିଥିଲେ। ହେଲିପ୍ୟାଡ୍‌ରୁ ତାଙ୍କୁ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିରକୁ ନିଆଯାଇଥିଲା। ବିରଜା ମନ୍ଦିରରେ ପ୍ରଥମେ ରାଷ୍ଟ୍ରପତି ମୁର୍ମୁ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ। ମନ୍ଦିରର ସେବାୟତ ସତ୍ୟରଞ୍ଜନ ପାଣି, ଅବିନାଶ ପାଣି ଓ କଲ୍ୟାଣ ପାଣି ପିଣ୍ଡଦାନ କାର୍ଯ୍ୟ ସମ୍ପାଦନ କରିଥିଲେ। ସେବାୟତ ବିଜୟ ପାଣି, ଦୁର୍ଗାମାଧବ ପାଣି ଓ ସତ୍ୟବ୍ରତ ପାଣି ପୂଜା କାର୍ଯ୍ୟ କରିଥିବାବେଳେ ଦେବୀ ପ୍ରସାଦ ପାଣି ରାଷ୍ଟ୍ରପତିଙ୍କୁ ମନ୍ଦିର ବେଢ଼ା ପରିକ୍ରମା କରାଇଥିଲେ। ଏହି ଅବସରରେ ମୁକ୍ତିମଣ୍ଡପ ସେବାୟତ ପରିଷଦ ପକ୍ଷରୁ ରାଷ୍ଟ୍ରପତିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତି ମୁର୍ମୁ ସେବାୟତମାନଙ୍କୁ ରାଷ୍ଟ୍ରପତି ଭବନ ବୁଲି ଆସିବାକୁ ନିମନ୍ତ୍ରଣ କରିଥିଲେ। ପିଣ୍ଡଦାନ ସରିବା ପରେ ରାଷ୍ଟ୍ରପତି ମା' ବିରଜାଙ୍କୁ ଦର୍ଶନ କରିଥିଲେ ଏବଂ ଏହା ପରେ ବେଢ଼ା ପରିକ୍ରମା କରି ଗଙ୍ଗେଶ୍ୱର, ମୁକ୍ତେଶ୍ୱର, ସଂହାର ଭୈରବ, ୧୦୮ ଶିବ ଲିଙ୍ଗ ପାର୍ଶ୍ୱ ଦେବଦେବୀ ଦର୍ଶନ କରିଥିଲେ। ଏହାପରେ ମୁକ୍ତି ମଣ୍ଡପ ସଭାରେ ଆଶୀର୍ବାଦ ଗ୍ରହଣ କରିଥିଲେ। ରାଷ୍ଟ୍ରପତିଙ୍କ ମନ୍ଦିର ପରିଦର୍ଶନ ସମୟରେ ଚତୁର୍ଦ୍ଦିଗ ବେଦ ମନ୍ତ୍ର ଉଚ୍ଚାରଣ ଓ ହୁଳହୁଳି ନାଦରେ ଗୁଞ୍ଜରିତ ହେଉଥିଲା। ଜିଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ବୌଦ୍ଧ ମୂର୍ତ୍ତି ଏବଂ ଟସର ଶାଢ଼ି ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଏହା ପ୍ରଥମ ଯାଜପୁର ଗସ୍ତ ଥିଲା। ☞ପୃଷ୍ଠା-୨

# ଝିଅ ବୋଝ ନୁହନ୍ତି, ଆଶୀର୍ବାଦ: ମୁଖ୍ୟମନ୍ତ୍ରୀ




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନବଦମ୍ପତିଙ୍କୁ ସହାୟତା ପ୍ରଦାନ ଚେକ୍ ପ୍ରଦାନ କରୁଛନ୍ତି।

**ପୁରୁଷୋତ୍ତମପୁର,୩।୨(ସବିତା ମିଶ୍ର)**

ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ଭଗବାନଙ୍କ ଆଶୀର୍ବାଦ। ଆମେ ଏପରି ଓଡ଼ିଶା ଗଢ଼ିବା, ଯେଉଁଠି କୌଣସି ଝିଅ ଆର୍ଥିକ ଅନଟନ କିମ୍ବା ସାମାଜିକ ଚାପ ହେତୁ ବୟସ ନ ହେଉଣୁ ବିବାହ କରିବାକୁ ବାଧ୍ୟ ହେବେ ନାହିଁ। ଯୋଗ୍ୟା କନ୍ୟାଙ୍କ ବିବାହ ପାଇଁ ସରକାର ସହାୟତା ପ୍ରଦାନ କରିବେ ବୋଲି ଗଞ୍ଜାମ ଜିଲାର ଆରାଧ୍ୟା ମା' ତାରାତାରିଣୀଙ୍କ ପୀଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି। ସେଠାରେ

### ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଶୁଭାରମ୍ଭ

- ଯୋଗ୍ୟ କନ୍ୟାଙ୍କ ବିବାହକୁ ସରକାର ଦେବେ ୬୦ ହଜାର ଟଙ୍କା
- ତାରାତାରିଣୀ ପୀଠରେ ୨୦୧ ବରକନ୍ୟାଙ୍କ ବିବାହ

ଏକା ସଙ୍ଗେ ୨୦୧ ବରକନ୍ୟାଙ୍କ ସାମୂହିକ ବିବାହ ସମ୍ପନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ କନ୍ୟାଦାନ କରିବା ସହ ନବଦମ୍ପତିଙ୍କୁ ଆଶୀର୍ବାଦ କରି ଯୋଜନା ସମ୍ପର୍କରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମିଲହେବା ପାଇଁ କନ୍ୟାଙ୍କ ବୟସ ୧୮ରୁ ୩୫ ବର୍ଷ ଏବଂ ବରଙ୍କ ବୟସ ୨୧ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ସେମାନେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ। ଯୋଗ୍ୟ କନ୍ୟାଙ୍କୁ ସରକାରଙ୍କ ପକ୍ଷରୁ ୬୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ☞ପୃଷ୍ଠା-୨


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN ELECTRONICS DESIGN
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ମାଲ୍ୟାର୍ପଣ/ମଧୁବାବୁ ସମ୍ପର୍କୀତ ଆଲୋଚନାଚକ୍ର, ସ୍ଥାନ: ରାଜଭବନ ଛକ/ଲୋକସମ୍ପର୍କ ଭବନ, ସମ୍ମିଳନୀ ଭବନ, ସମୟ: ସକାଳ ୮ଟା ୩୦/ସନ୍ଧ୍ୟା ୫ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁସୂଦନ ଦାଶଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ରାଜ ଭବନ ଛକ, ସମୟ: ସକାଳ ୯ଟା।
- ବିଶ୍ୱ କର୍କଟ ଦିବସ ପାଳନ, ସ୍ଥାନ: ସ୍ପେସିଆଲ୍ ସର୍କିଟ ହାଉସ, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ଶ୍ରାଦ୍ଧବାର୍ଷିକରେ ମାଲ୍ୟାର୍ପଣ, ସ୍ଥାନ: ବିଧାନସଭା ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ କର୍କଟ ଦିବସ ପାଳନ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମହାତ୍ମା ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।

**କଟକ**
- ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ନିଜିଗଡ, ଟିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।

**ବାଲେଶ୍ୱର**
- କର୍କଟ ପ୍ରତିରୋଧକ ସଚେତନତା ଶୋଭାଯାତ୍ରା, ସ୍ଥାନ:ଥାନାଛକ, ଭୋଗରାଇ, ସମୟ: ସକାଳ ୮ଟା ୩୦।
- ପିତୃମାତୃ ସମ୍ମିଳନୀ ଓ ୨୩ତମ ବାର୍ଷିକ ଉତ୍ସବ, ସ୍ଥାନ:ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଖଇରା, ସମୟ:ସକାଳ ୯ଟା।
- ସିମୁଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମାର୍କୋଣା, ସମୟ:ପୂର୍ବାହ୍ନ ୧୦ଟା।
- ଜିଲ୍ଲାସ୍ତରୀୟ ଆଶା, ଜିକେଏସ୍, ଜେଏଏସ୍ ସମ୍ମିଳନୀ, ସ୍ଥାନ: ଆୟୁଷ୍ମାନ୍ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହନୁମାନ ମନ୍ଦିର ବାର୍ଷିକ ଉତ୍ସବର ଉଦ୍‌ଯାପନୀ, ସ୍ଥାନ:ମିରିଗିମୁଣ୍ଡି, ରୁପ୍‌ସା, ସମୟ:ମଧ୍ୟାହ୍ନ ୧୨ଟା।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମହାପରାୟଣ ଦିବସ, ସ୍ଥାନ: ଷ୍ଟେସନ କ୍ଲବ ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ବ୍ରହ୍ମପୁର**
- ବିଶ୍ୱ କର୍କଟ ଦିବସରେ ୱାକାଥନ, ସ୍ଥାନ: ଖଲ୍ଲିକୋର୍ଟ କଲେଜ ପଡ଼ିଆ, ସମୟ: ସକାଳ ୬ଟା ୩୦।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ତିରୋଧାନ ଦିବସ, ସ୍ଥାନ: ଗାନ୍ଧୀନଗର ଛକ, ସମୟ: ସକାଳ ୮ଟା।
- ଭାରତୀୟ ବିକାଶ ପରିଷଦ ପକ୍ଷରୁ ଅଭିଯୋଗ ଦାଖଲ, ସ୍ଥାନ: ଗୋସାଇଁନୂଆଗାଁ ଥାନା, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ପିଏମ୍‌ଶ୍ରୀ ବ୍ରଜନାଥ ବଡେଜନା ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବ୍ରଜନାଥ ବଡ଼ଜେନା ହାଇସ୍କୁଲ ପରିସର, ସମୟ: ସକାଳ ୯ଟା।

**ଜଗତ୍‌ସିଂହପୁର**
- ପାରାଦୀପ ବନ୍ଦରର ନୂତନ ଜେପିପିଏଲ୍ ବର୍ଥରେ ପ୍ରଥମ କରି ଜାହାଜ ଲାଗିବ, ସ୍ଥାନ: ବନ୍ଦର ପୋତାଶ୍ରୟ, ପାରାଦୀପ, ସମୟ: ସକାଳ ୯ଟା।
- କେନ୍ଦ୍ର ସରକାରଙ୍କ କୃଷି ବିରୋଧୀ ମନୋଭାବ ବିରୋଧରେ ବିକ୍ଷୋଭ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ଏରସମା, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ନାଟ୍ୟ ମହୋତ୍ସବ ଭାରତ ରଙ୍ଗ ମହୋତ୍ସବ ତୃତୀୟ ସନ୍ଧ୍ୟାରେ ଉର୍ଦ୍ଦୁ ନାଟକ ଚାକ୍ ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ଉଦୟ ନଗର, ଡେରାବିଶ, ସମୟ: ଅପରାହ୍ନ ୫ଟା।
- ଡେରାବିଶ ଯୁବ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, କୁରୁଜଙ୍ଗା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଭୀମଭୋଇ ଭିନ୍ନକ୍ଷମ ଶିବିର, ସ୍ଥାନ: ବରୀ ଓ ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ଜିଲା ବିଦ୍ୟୁତ ଉପଭୋକ୍ତା କମିଟି ପକ୍ଷରୁ ଗଣ ସମ୍ମିଳନୀ, ସ୍ଥାନ : ଯାଜପୁର ରୋଡ ହୋଟେଲ ରୟାଲ କଳିଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାସ ସରୋବର ମେଳାର ୭ମ ଦିବସରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସ ସରୋବର ପୀଠ ପରିସର, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ୨ୟ ଦିବସରେ ସୂର୍ଯ୍ୟପୂଜା ସହ ପ୍ରବଚନରେ ଶ୍ରୀରାମ ନାମ ମହାତ୍ମ୍ୟ ସତୀମୋହ ଓ ଶିବ ପାର୍ବତୀ ବିବାହ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ପ୍ରାତଃ ୬ଟାରୁ ରାତି ୯ଟା।
- ଭୈମୀ ଏକାଦଶୀ ମେଳାର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ତ୍ରୟୋଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।

**ରାୟଗଡ଼ା**
- ନୂତନ ବ୍ଲକ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ହାଇସ୍କୁଲ ବାର୍ଷିକୋତ୍ସବ, ସ୍ଥାନ: ଡାଙ୍ଗସୋରଡା ସ୍କୁଲ ପରିସର, ଚନ୍ଦ୍ରପୁର, ସମୟ: ଅପରାହ୍ନ ୩ଟା ୩୦।

**ନବରଙ୍ଗପୁର**
- ମାଣ୍ଡିଆ ମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ଗୌଡ଼ଗୁଡ଼ାସ୍ଥିତ ଅଗ୍ରଗାମୀ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମ୍ପୂର୍ଣ୍ଣତା ଅଭିଯାନ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଉତ୍କଳ ଗୌରବ ମଧୁସୂଧନ ଦାସଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ଗୋପବନ୍ଧୁ ପାର୍କ, କୋରାପୁଟ, ସମୟ: ସକାଳ ୯ଟା ୩୦।
- ସମ୍ପୂର୍ଣ୍ଣତା ଅଭିଯାନ, ସ୍ଥାନ: ପଞ୍ଚାୟତ ସମିତି ପରିସର, ଲମତାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ସେନସସ ନେଇ କର୍ମଚାରୀଙ୍କୁ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପିଏମ୍‌ଶ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ ହାଇସ୍କୁଲ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍ କଂଗ୍ରେସର ସମ୍ବର୍ଦ୍ଧନା ସଭା, ସ୍ଥାନ: କଂଗ୍ରେସ ଭବନ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ଚିକାମ୍ବ ସରକାରୀ ଉଚ୍ଚ ବିଦ୍ୟାଳୟ, ଦଶମନ୍ତପୁର, ସମୟ: ଅପରାହ୍ନ ୧ଟା।
- ୬୯ତମ ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, କୋଟପାଡ଼, ସମୟ: ଅପରାହ୍ନ ୩ଟା।

**ସମ୍ବଲପୁର**
- ଅଙ୍ଗନୱାଡ଼ି ଓ ଆଶା କର୍ମୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ଜନୌଷଧି କେନ୍ଦ୍ରର ଶୁଭାରମ୍ଭ, ସ୍ଥାନ : ଫାଟକ, ସମୟ : ମଧ୍ୟାହ୍ନ ୧୨ଟା।
- ପରମାଣପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପରମାଣପୁର ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ଅଭ୍ୟୁଦୟ: ବିକାଶ, ସମୃଦ୍ଧି ଓ ନୂତନ ଆରମ୍ଭର ଉତ୍ସବ,ସ୍ଥାନ: କେ.ଭି.ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ/କେ.ଭି.ଡିଗ୍ରୀ କଲେଜ, କଣ୍ଟାବାଞ୍ଜି ବ୍ଲକ, ସମୟ: ପୂର୍ବାହ୍ନ୧୦ଟାରୁ ଅପରାହ୍ନ ୫ଟା।

**ରାଉରକେଲା**
- ଆନ୍ତଃ ଶ୍ରେଣୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଡିପିଏସ୍, ସମୟ: ପୂର୍ବାହ୍ନ ୧୦ଟା।
- ଆଦିବାସୀଙ୍କ ଧାର୍ମିକ ଶୋଭାଯାତ୍ରା, ସ୍ଥାନ: ଏଡ଼ିଏମ୍ ଅଫିସ୍, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ କଥା ପ୍ରବଚନ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୯ ଆଖଣ୍ଡଳମଣି ମନ୍ଦିର, ସମୟ: ଅପରାହ୍ନ ୪ଟା।

**ସୁନ୍ଦରଗଡ଼**
- ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୮ତମ ବାର୍ଷିକ ଉତ୍ସବ,ସ୍ଥାନ:ମହାବିଦ୍ୟାଳୟ ପରିସର,ସମୟ: ସକାଳ ୯ଟା।
- ଗ୍ରାମ୍ୟ ଜଳ ଅର୍ପଣ ଦିବସ କାର୍ଯ୍ୟକ୍ରମ,ସ୍ଥାନ: ଜଲଙ୍ଗବିରା ଗ୍ରାମର ପାଣି ଟାଙ୍କି ନିକଟସ୍ଥ ପଡିଆ, ଜଲଙ୍ଗବିରା ଗ୍ରାମପଞ୍ଚାୟତ,କୁଆଁରମୁଣ୍ଡା ବ୍ଲକ,ସମୟ: ସକାଳ ୧୦ଟା।
- ସୁନ୍ଦରଗଡ ଘରୋଇ ବସ ମାଲିକ ସଂଘ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଲୁହୁରାଡିପା ନୂଆ ବସଷ୍ଟାଣ୍ଡ ସ୍ଥିତ ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟ,ସମୟ: ସକାଳ୯ଟାରୁ୨ଟା।

**ବରଗଡ଼**
- ଧନୁଯାତ୍ରା ନନ୍ଦରାଜାଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: କୀର୍ତ୍ତନ ମଣ୍ଡପ, ଅମ୍ବାପାଲି, ବରଗଡ଼, ସମୟ:ସନ୍ଧ୍ୟା ୬ଟା।

**କଳାହାଣ୍ଡି**
- ଜନଗଣନା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କପ ଭଲିବଲ ପାଇଁ ବାଳିକା ଚୟନ ଶିବିର, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ବାବା କପ୍ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

**ଦେବଗଡ଼**
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ସକାଳ ୯ଟା ୩୦।
- ବାବା କୁଟ୍ରେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରିଆମାଳ ବ୍ଲକ୍ କଣ୍ଟାବାହାଲ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ପକ୍ଷରୁ ସରକାରଙ୍କ ଚାଷୀମାରଣ ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ପ୍ରତିଶ୍ରୁତି ଖିଲାପ ବିରୋଧରେ ବିକ୍ଷୋଭ ପଦଯାତ୍ରା, ସ୍ଥାନ: ଗୋପାଳଜୀ ମନ୍ଦିରଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: କେନ୍ଦୁପାଲି, ବହଲପଦର ପଞ୍ଚାୟତ, ବୀରମହାରାଜପୁର, ସମୟ: ସକାଳ ୭ଟା।
- ଭଙ୍ଗାମୁଣ୍ଡା ଦୁର୍ଗା ମାଧବ ମନ୍ଦିର ପ୍ରତିଷ୍ଠା ଉତ୍ସବ ୫୬ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା।
- ମା' ମାହେଶ୍ୱରୀ କ୍ରିକେଟ କପ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ନୂଆଗଡ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ବନବିହାର କାର୍ଯ୍ୟକ୍ରମ, ସ୍ଥାନ: ଅମରପାଲି ହାଇସ୍କୁଲ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ସନ୍ଧ୍ୟା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସନ୍ଧ୍ୟା ୫ଟା ୩୦।
- ଉଲୁଣ୍ଡା ବ୍ଲକ ଭଙ୍ଗାମୁଣ୍ଡା ଧନୁଯାତ୍ରା ଶୁଭାରମ୍ଭ, ସ୍ଥାନ: ମନ୍ଦିର ସମ୍ମୁଖସ୍ଥ ଦରବାର, ସମୟ: ସନ୍ଧ୍ୟା ୮ଟା।

**ନୂଆପଡ଼ା**
- ଖଡିଆଳ ମହୋତ୍ସବ ୨୦୨୬ ଉଦ୍‌ଘାଟନ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୭ଟା।
- ଖଡିଆଳ ମହୋତ୍ସବ ପାଇଁ ମଶାଲ ଯାତ୍ରା, ସ୍ଥାନ: ଯୋଗୀମଠଠାରୁ ଠାକୁରାଣୀ ମନ୍ଦିର ଦେଇ ମହୋତ୍ସବ ପଡିଆ, ସମୟ: ଅପରାହ୍ନ ୩ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ ବଡ଼ିପଡା, ସମୟ: ଅପରାହ୍ନ ୩ଟା ୪୬।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୬ତମ ବାର୍ଷିକ ଉତ୍ସବ, ସ୍ଥାନ: ଶିଶୁ ଭାରତୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୂଆପଡ଼ା, ସମୟ: ଅପରାହ୍ନ ୫ଟା।

# 'କଳ୍କି' ସିକ୍ୱେଲରେ ସାଇ ପଲ୍ଲବୀ



**ହାଇଦ୍ରାବାଦ:** ନାଗ ଅଶ୍ୱିନଙ୍କ ନିର୍ଦ୍ଦେଶିତ ସାଇନ୍ସ-ଫିକ୍ସନ ଚଳଚ୍ଚିତ୍ର 'କଳ୍କି ୨୮୯୮ ଏଡି'ର ସିକ୍ୱେଲକୁ ନେଇ ଚର୍ଚ୍ଚା ଜୋର ଧରିଛି। ଫିଲ୍ମର ମୁଖ୍ୟ ନାୟିକା 'ସୁମତି' ଭୂମିକାରେ ଅଭିନୟ କରୁଥିବା ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ଏହି ପ୍ରୋଜେକ୍ଟରୁ ଓହରି ଯାଇଥିବା ବେଳେ ତାଙ୍କ ସ୍ଥାନରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାଇ ପଲ୍ଲବୀଙ୍କୁ ନେବା ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ଚଳଚ୍ଚିତ୍ର ପ୍ରଯୋଜନା ସଂସ୍ଥାର ଜଣେ ପ୍ରତିନିଧି ସ୍ପଷ୍ଟ କରିଛନ୍ତି ଯେ, ସାଇ ପଲ୍ଲବୀଙ୍କ ନାମ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଦୀପିକାଙ୍କ ବିଦାୟ ପରେ ନିର୍ମାତାମାନେ 'ସୁମତି' ଚରିତ୍ର ପାଇଁ ସାଇ ପଲ୍ଲବୀଙ୍କ ନାମ ଉପରେ ବିଚାର କରୁଛନ୍ତି। ସେ ଏହି ଭୂମିକା ପାଇଁ ଉପଯୁକ୍ତ ବୋଲି ସେମାନେ ଭାବୁଛନ୍ତି। ଦୀପିକା ପ୍ରାୟ ୨୦ ଦିନର ଶୁଟିଂ ଶେଷ କରିସାରିଥିଲେ। କିନ୍ତୁ ପାରିଶ୍ରମିକ ବୃଦ୍ଧିକୁ ନେଇ ନିର୍ମାତାଙ୍କ ସହ ବୁଝାମଣା ନ ହେବାରୁ ସେ ଏହି ଚଳଚ୍ଚିତ୍ରରୁ ଓହରି ଯାଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅକାର ଉକାର ମକାର ତିନି,**
**ଓଁକାର ଅକ୍ଷୟ ବେଦର ଧ୍ୱନି।**

ଅକାର, ଉକାର ଓ ମକାର ଯଥାକ୍ରମେ ସୂର୍ଯ୍ୟବୀଜ, ଚନ୍ଦ୍ରବୀଜ ଓ ଅଗ୍ନିବୀଜ ଭାବେ ପରିଗଣିତ। ଏହାର ମୂଳ ତିନୋଟି ଅକ୍ଷର 'ଅ', 'ଉ' ଓ 'ମ'ର ସଂଯୋଗରେ 'ଓଁ'ର ଉତ୍ପତ୍ତି ହୋଇଥାଏ। ଏହାକୁ ପ୍ରଥମେ ଉଚ୍ଚାରଣ କରି ମନ୍ତ୍ରପାଠ କଲେ ମନ୍ତ୍ର ସିଦ୍ଧ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅଳପ ଜାଣେ, ବହୁ ବଖାଣେ**
**ମରିବା ବଞ୍ଚିବା ଦୁଇ ନ ଜାଣେ।**

ସାଧାରଣତଃ ଜ୍ୟୋତିଷ ଓ ନାହାକ ଭଳି ବ୍ୟକ୍ତି ଲୋକର ହାତ ବା ଜାତକ ଦେଖି ତାଙ୍କ ଆଗତ ଭବିଷ୍ୟତ କଥା କହିଥାନ୍ତି। ଏଭଳି ବ୍ୟକ୍ତି ଯେତିକି ଜାଣିଥାନ୍ତି ତା'ଠାରୁ କାହିଁ କେତେ ଅଧିକ କଥା ଲୋକଙ୍କୁ ଶୁଣାଇଥାନ୍ତି। ତେବେ ସେମାନେ ଲୋକର ଜନ୍ମ ଓ ମୃତ୍ୟୁ ଭଳି ଏହି ଦୁଇଟି କଥାକୁ କେବେ ସଠିକ ବା ନିର୍ଭୁଲ ଭାବେ ଆକଳନ କରିପାରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ଲୋକଙ୍କ ଡାଟା...

କରିବା ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ଦିଆଯିବ ନାହିଁ। ଅନ୍ୟପକ୍ଷେ ବିଜ୍ଞାପନ ଉଦ୍ଦେଶ୍ୟରେ ୟୁଜର ଡାଟା ଶେୟାରିଂ ପ୍ରସଙ୍ଗରେ ଟ୍ରିବ୍ୟୁନାଲ କମ୍ପାନୀ ଦ୍ୱାରା କ୍ଷମତାର ଦୁରୁପଯୋଗ ହେଉ ନ ଥିବା କହି ମେଟାକୁ ଅନୁମତି ଦେଇଥିବାରୁ ସିସିଆଇ ମଧ୍ୟ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ବ୍ୟବସାୟିକ ଉଦ୍ଦେଶ୍ୟରେ କମ୍ପାନୀର ଶୋଷଣକାରୀ ନୀତିକୁ ସମାଲୋଚନା କରିଥିଲେ। ସିଜେଆଇ କହିଥିଲେ, ତୁମେ ଯଦି ଭାରତୀୟ ସମ୍ବିଧାନକୁ ମାନି ଚଳିପାରିବ ନାହିଁ ତେବେ ଦେଶ ଛାଡ଼ି ଚାଲିଯାଅ। ଆମେ ନାଗରିକଙ୍କ ପ୍ରିଭେସିରେ ସାଲିସ ହେବାକୁ ଅନୁମତି ଦେଇପାରିବୁ ନାହିଁ।

## ମାଟିର ଗରିମା...

ଓ କନ୍ୟା ଶିକ୍ଷା ପ୍ରଚାରରେ ତାଙ୍କର ଅଗ୍ରଣୀ ଭୂମିକାକୁ ସ୍ମରଣ କରିଥିଲେ। ସେ ଫକୀରମୋହନଙ୍କ ଅମରକୃତି 'ରେବତୀ'ର ଗୁରୁତ୍ୱକୁ ଉଲ୍ଲେଖ କରି, ରେବତୀ କିପରି ଅନେକ ଅସୁବିଧା ସତ୍ତ୍ୱେ ଶିକ୍ଷା ପାଇଁ ସଂଘର୍ଷ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ସାମାଜିକ ସେବା ଓ ସମୁଦାୟ ସଂଲଗ୍ନତାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ନୀତି, ସତ୍ୟ ନିଷ୍ଠତା ଓ ସାମାଜିକ ଦାୟିତ୍ୱବୋଧ ଅତୁଟ ରଖିବାକୁ ଆହ୍ୱାନ କରିଥିଲେ। କୁଳାଧିପତି ତଥା ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଯୋଗଦେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ସମ୍ବନ୍ଧୀୟ ଉଲ୍ଲେଖନୀୟ ଭବିଷ୍ୟମୂଳକ ଯୋଜନା ଓ ଭିଜନ ସମ୍ପର୍କରେ କହିଥିଲେ। ଶିକ୍ଷା ସମାଜ ଉନ୍ନତିର ଶକ୍ତିଶାଳୀ ଉପକରଣ। ଛାତ୍ରୀଛାତ୍ରମାନଙ୍କୁ ଆଜୀବନ ଶିକ୍ଷାର୍ଥୀ ହୋଇ ରହିବା ଆବଶ୍ୟକ ବୋଲି ବକ୍ତବ୍ୟରେ କହିଥିଲେ। ଉଚ୍ଚଶିକ୍ଷା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟରେ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ପଦକ୍ଷେପ ଓ ନୀତି ସଂଶୋଧନ ବିଷୟରେ ଆଲୋକପାତ କରିଥିଲେ। ସମାରୋହରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମଞ୍ଚାସୀନ ଥିଲେ। ଏହି ଅବସରରେ ୧,୮୩୧ ଜଣ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ଓ ପଦକ ପ୍ରଦାନ କରାଯାଇଥିଲା। ୧୦୧ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିବା ବେଳେ ୮୯ ଜଣ ପି.ଏଚ୍‌ଡି. ଡିଗ୍ରୀଧାରୀଙ୍କୁ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ଅନୁରାଧା ବିଶ୍ୱାଳ, ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଶାନ୍ତନୁ କୁମାର ଆଚାର୍ଯ୍ୟ, ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ଅବଦାନ ପାଇଁ ଗୁରୁ ଗୋପାଳ ଚନ୍ଦ୍ର ପାଣ୍ଡାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା।

## ନାଭିଗୟାରେ ପିଣ୍ଡଦାନ...

ଯାଜପୁରବାସୀ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ। ଯାଜପୁରର ପ୍ରଶାସନିକ ଭବନ ପଡ଼ିଆ ହେଲିପ୍ୟାଡ୍‌ରେ ରାଷ୍ଟ୍ରପତି ଅବତରଣ କରିଥିଲେ। ସେଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ପୋଲିସ ଡିଆଇଜି ଚରଣ ସିଂ ମୀନା, ପୋଲିସ ଅତିରିକ୍ତ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର, ଜିଲାପାଳ ଅମ୍ବର କୁମାର କର, ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମାଳ ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ପୂର୍ବାହ୍ନ ୧୧ ଟା ୪୦ ମିନିଟରେ ବିମାନ ଯୋଗେ ରାଷ୍ଟ୍ରପତି ବାଲେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ।

## ୯ମ ଶ୍ରେଣୀ ଛାତ୍ରୀଙ୍କୁ...

ଭିଡିଓରେ ରେକର୍ଡିଂକରି ନେଇଥିଲେ। ମଙ୍ଗଳବାର ଉକ୍ତ ଗଣବଳାତ୍କାର ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ପୀଡ଼ିତାଙ୍କ ଜଣେ ସମ୍ପର୍କୀୟ ବଲାଙ୍ଗୀର ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଏସ୍‌ପି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତୁରେକେଲା ପୋଲିସ ଟିମ୍ ତଦନ୍ତ ଆରମ୍ଭ କରିବା ସହ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଅଟକ ରଖିଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ୨୨ ବର୍ଷୀୟ ଯୁବକ ଯାହାଙ୍କୁ ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଛି ତାଙ୍କୁ ମଧ୍ୟ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଇତିମଧ୍ୟରେ ପୀଡ଼ିତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା, ସାମାଜିକ କର୍ମୀ ଅରୁଣ ଖୁଆସ, ସିଡବ୍ଲ୍ୟୁସି ଇନ୍‌ଚାର୍ଜ ଅଧ୍ୟକ୍ଷା ଲୀନା ବାବୁ, ସଦସ୍ୟା ଏସ୍. ଲତାଶ୍ରୀ ଏସ୍‌ପି କାର୍ଯ୍ୟାଳୟକୁ ଯାଇ ଏସ୍‌ପି ଅଭିଲାଷଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ରାତିରେ ପୀଡ଼ିତା ନାବାଳିକା ଛାତ୍ରୀଙ୍କୁ ପ୍ରଥମେ ତୁରେକେଲାରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇ ସିଡବ୍ଲ୍ୟୁସିରେ ପ୍ରଡ୍ୟୁସ୍ କରାଯିବ ବୋଲି ଇନ୍‌ଚାର୍ଜ ଅଧ୍ୟକ୍ଷା ଲୀନା କହିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପଣ୍ଡା କହିଛନ୍ତି, ପୀଡ଼ିତା ଛାତ୍ରୀଙ୍କୁ ସୁରକ୍ଷା ଦେବା ସହ ଅନ୍ୟାନ୍ୟ ପଦକ୍ଷେପ ନିଆଯିବ। ବଲାଙ୍ଗୀର ଏସ୍‌ପି ଅଭିଲାଷଙ୍କୁ ପଚରାଯିବାରେ ଭିଡିଓ ଭାଇରାଲ ପରେ ଘଟଣା ଜଣାପଡ଼ିଛି। ଗତ ଡିସେମ୍ବର ୨୫ ତାରିଖରେ ଏଭଳି ଘଟଣା ଘଟିଥିବା ପରିବାର ଲୋକେ କହିଛନ୍ତି। ପୀଡ଼ିତା ଛାତ୍ରୀ ଓ ତାଙ୍କ ପରିବାରକୁ ସବୁ ପ୍ରକାର ସହଯୋଗ ଦିଆଯିବ। ଅଭିଯୁକ୍ତମାନଙ୍କୁ ଅଟକ ରଖାଯାଇଛି। ବୁଧବାର ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ଦିଆଯିବ ବୋଲି ସେ କହିଛନ୍ତି।

## ଝିଅ ବୋଝ ନୁହନ୍ତି...

ସେଥିରୁ ୪୫ ହଜାର ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏବଂ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଉଛି। ଏହି ଯୋଜନା ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାର ଉପରେ ପଡୁଥିବା ବିବାହର ଆର୍ଥିକ ଭାର ଲାଘବ କରିବା, ମହିଳାଙ୍କ ସମ୍ମାନ, ସାମାଜିକ ସୁରକ୍ଷା, ବିଧବା ପୁନର୍ବିବାହକୁ ଉତ୍ସାହିତ କରିବା, ଯୌତୁକ ପ୍ରଥା ବନ୍ଦ କରିବାକୁ ସହାୟକ ହେବ। ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ଏଥିପାଇଁ ବଜେଟରେ ୫୯ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରାଯାଇଛି। ସୁଭଦ୍ରା ଯୋଜନା ଓ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରାଜ୍ୟର ମହିଳାମାନଙ୍କୁ ସମସ୍ତ ଦିଗରୁ ସୁରକ୍ଷା ଓ ଆତ୍ମସମ୍ମାନ ପ୍ରଦାନ କରିବାରେ ନିଶ୍ଚିତ ରୂପରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଣିଜ୍ୟ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ଏମ୍‌ପି ଅନିତା ପ୍ରିୟଦର୍ଶିନୀ, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ, କୃଷ୍ଣଚନ୍ଦ୍ର ନାୟକ, ସିଦ୍ଧାନ୍ତ ମହାପାତ୍ର, ସରୋଜ ପାଢ଼ୀ, କେ.ଅନିଲ, ନୀଳମଣି ବିଷୋୟୀ, ମନୋରଞ୍ଜନ ଦ୍ୟାନ ସାମନ୍ତରା, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ମହିଳା ଶିଶୁ ବିକାଶ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ଛତ୍ରପୁର ଉପ ଜିଲାପାଳ ଶୁଭାଶିଷ ବରାଳ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡିଓ ଶରତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## 'ଆନ୍ଧ୍ରରେ ବିକ...

ରହିଛି ବୋଲି ବୁଝାଇଛନ୍ତି। ସୀମାନ୍ତବାସୀ କୁଆଡ଼େ ଯିବା ଆବଶ୍ୟକ ନାହିଁ ପ୍ରତିସପ୍ତାହରେ ନେରିଡିବାଲସା ଗ୍ରାମରେ ହେଉଥିବା ସାପ୍ତାହିକ ହାଟରୁ ଆମ ସଂସ୍ଥା କିଣିବ ବୋଲି ଆନ୍ଧ୍ରର ଉକ୍ତ ସଂସ୍ଥାର ଅଧିକାରୀ ସୀମାନ୍ତବାସୀଙ୍କୁ ବୁଝାଇ ଜଙ୍ଗଲ ଜାତୀୟ ଆମଦାନୀ ଫସଲକୁ ମଧ୍ୟ ସୁଲଭ ମୂଲ୍ୟରେ କିଣିବ ବୋଲି ପ୍ରତିଶ୍ରୁତି ଦେବା ସହ ଆନ୍ଧ୍ର ସରକାର ତୁମମାନଙ୍କ ସହ ସର୍ବଦା ରହିଛି ଓ ରହିଥିବ ବୋଲି ବୁଝାଇଛନ୍ତି। ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନର ଜନସମ୍ପର୍କ ବୈଠକର ୨୪ ଘଣ୍ଟା ପରେ ଆନ୍ଧ୍ରର ସରକାରୀ ସଂସ୍ଥାର ଅଧିକାରୀ କର୍ମଚାରୀ ଅନୁପ୍ରବେଶକରି ସୀମାନ୍ତବାସୀଙ୍କୁ ସଚେତନକରି ଫେରିଛନ୍ତି। ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ହୋଇଥିବା ଜନସମ୍ପର୍କ କାର୍ଯ୍ୟକ୍ରମକୁ ନେଇ କୋଟିଆ ସରପଞ୍ଚ ଲିଉ ଗେମେଲ କହିଛନ୍ତି, ପଞ୍ଚାୟତର ସୀମାନ୍ତ ଗ୍ରାମରେ ବ୍ଲକ ପ୍ରଶାସନ ପକ୍ଷରୁ ଜନସମ୍ପର୍କ ବୈଠକ କରି ସୀମାନ୍ତବାସୀଙ୍କୁ ସରକାରଙ୍କ କାର୍ଯ୍ୟକ୍ରମ ନେଇ ସଚେତନତା କରାଯାଉଛି। କିନ୍ତୁ ମୋତେ ଅବଗତ କରାଯାଉନାହିଁ ବୋଲି ସରପଞ୍ଚ ଗେମେଲ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଚତୁର୍ଥଗ୍ରହ କର୍ମସ୍ଥାନରେ କାର୍ଯ୍ୟସିଦ୍ଧି, ଅର୍ଥ ଓ ସମ୍ମାନ ଲାଭ କରାଇବେ। କିନ୍ତୁ ନିକିତି ତଉଲ ପରି ପାରିବାରିକ ଜୀବନର ପଲା ନିମ୍ନାଭିମୁଖୀ ହେତୁ ମନାନ୍ତର ଓ ଭୁଲ୍ ବୁଝାମଣାରୁ ଅଶାନ୍ତ ସ୍ଥିତି ମଧ୍ୟ ଉପୁଜିପାରେ। କିନ୍ତୁ ଅଶ୍ୱିନୀ ନକ୍ଷତ୍ର ସକାଶେ ଲୋକ ସମ୍ପର୍କ, ସଭାସମିତି, ଆଲୋଚନାଚକ୍ର, ସାହିତ୍ୟସଭା ପ୍ରୀତିପ୍ରଦ ରହିବ।

**ବୃଷ**
ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆନନ୍ଦ ଅନୁଭବ କରିବେ । ଆନୁଷ୍ଠାନିକ କାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା, ଧର୍ମକାର୍ଯ୍ୟ, ଭ୍ରାତୃ ସମ୍ପର୍କ କ୍ଷେତ୍ରରେ ସଫଳତା ପାଇପାରିବେ। ପଡ଼ୋଶୀଙ୍କ ସହ ସାଧାରଣ କଥାରେ ଉତ୍ତେଜିତ ହୋଇ ଭୁଲ୍ କରିପାରନ୍ତି।

**ମିଥୁନ**
ଅର୍ଥନୈତିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲରେ ଅତିବାହିତ ହେବାର ସମ୍ଭାବନା ରହିଛି। ବନ୍ଧୁଙ୍କ ସହାୟତାରେ ପାରିବାରିକ ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇ ପ୍ରଶଂସିତ ହୋଇପାରନ୍ତି। ପୂର୍ବ ଶତ୍ରୁତାକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଘଟିପାରେ।

**କର୍କଟ**
ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ଓ ସାଂଗଠନିକ ପ୍ରବୃତ୍ତିର ପ୍ରଶଂସା ମିଳିବ। କିନ୍ତୁ ସପ୍ତମସ୍ଥ ଗ୍ରହ ବିବାଦରେ ପରାଜୟ ଓ ମାଲିମକଦ୍ଦମାରେ ବିଫଳତା ପ୍ରଦାନ କରିପାରେ। ଆର୍ଥିକ ଅନଟନ ହେତୁ ଆଶା ପୂରଣ ହୋଇପାରିବ ନାହିଁ। ନିଜର ଫାଇଦା ହାସଲ ପାଇଁ ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ଯୋଜନା କରିପାରନ୍ତି।

**ସିଂହ**
ସମସ୍ୟା ଆସିଲେ ମଧ୍ୟ ଷଷ୍ଠଭାବସ୍ଥ ରବି ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବେ। ଭଲ ସମ୍ପର୍କ ନ ଥିବା କାରଣରୁ ଆତ୍ମୀୟମାନେ ସମସ୍ୟା ସୃଷ୍ଟି କରିପାରନ୍ତି। ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ଧାର୍ମିକ କାର୍ଯ୍ୟ, ବ୍ୟବସାୟିକ ସ୍ଥିତି ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବାର ଆଶା ରହିଛି।

**କନ୍ୟା**
କର୍ମସ୍ଥ ବୃହସ୍ପତିଙ୍କ ଶୁଭଦୃଷ୍ଟି ହେତୁ ପାରିବାରିକ ସମର୍ଥନ, ବାହାର ଲୋକଙ୍କ ସାହାଯ୍ୟ ଆପଣଙ୍କ ପଛରେ ରହିବ। ପରିବହନ, ଜମିଜମା ସମ୍ବନ୍ଧୀୟ ସମସ୍ୟା ଆସିପାରେ। ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ନିର୍ମାଣ, ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇପାରନ୍ତି।

**ତୁଳା**
କୌଣସି ଆନୁଷ୍ଠାନିକ କାମ, ସ୍ଥଗିତ ଧାର୍ମିକକାର୍ଯ୍ୟ ପାଇଁ ନିୟୋଜିତ ରହିବେ। ବିଜାତୀୟ ବ୍ୟକ୍ତିଙ୍କ ସହ ମିତ୍ରତା ପ୍ରତି ପାରିବାରିକ ସମର୍ଥନ ରହିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ କିନ୍ତୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ। ଶିଳ୍ପ, ବାଣିଜ୍ୟ, ପରିବହନ, କଳା, ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା**
ଭାଗ୍ୟାଧିପତି କର୍ମଭାବସ୍ଥ ଯୋଗୁ କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ମନୋରଞ୍ଜନ, ଯାତ୍ରା, ଯାନ୍ତ୍ରିକ ଜିନିଷ କ୍ରୟ, ଦୂରଯାତ୍ରା ପାଇଁ ଦିନଟି ଅନୁକୂଳ। ଚନ୍ଦ୍ର ସହ କେତୁଜନିତ ପାରିବାରିକ କ୍ଷେତ୍ରରେ ଟେନ୍‌ସନ ବଢିବ। ନିଜର ଭଳି ବ୍ୟବହାର ଦେଖାଉଥିବା ବ୍ୟକ୍ତିମାନେ ପଛରେ ଅପପ୍ରଚାର ଚଳାଇପାରନ୍ତି।

**ଧନୁ**
ସମ୍ପର୍କୀୟଙ୍କ ସହାନୁଭୂତି ଆପଣଙ୍କୁ ନୂତନ ଗୃହ, ଯାନ କ୍ରୟ ଓ କାର୍ଯ୍ୟସିଦ୍ଧି ସକାଶେ ସାହାଯ୍ୟ କରିବ। ବିବାଦୀୟ ଘଟଣା ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେମିତି କିଛି ହେବ ନାହିଁ। ବନ୍ଧୁଙ୍କ ସହ ସାକ୍ଷାତ୍‌କାର ସାଙ୍ଗକୁ ଦେବ ଦର୍ଶନ ଏବଂ ଭ୍ରମଣ ସୁଯୋଗ ପାଇବେ। ପରୀକ୍ଷା, ସାହିତ୍ୟ, ସଙ୍ଗୀତ ଓ ପ୍ରତିଯୋଗିତାରେ ସଫଳତା ହାସଲ କରିବେ।

**ମକର**
ବନ୍ଧୁଙ୍କ ଭୁଲ୍ ବୁଝାମଣା ସାଙ୍ଗକୁ ମିଥ୍ୟା ଅଭିଯୋଗ ବ୍ୟଥିତ କରିବ। ଫଳତଃ ମାନସିକ ସ୍ଥିରତା ହରାଇବା ସଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟାରେ ମଧ୍ୟ ପୀଡ଼ିତ ହୋଇପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବେ। ଯାତ୍ରା, ନିର୍ମାଣ, ଆନୁଷ୍ଠାନିକ କାର୍ଯ୍ୟ ଏବଂ କଚେରି ମାମଲା କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**କୁମ୍ଭ**
ସ୍ୱାସ୍ଥ୍ୟରେ ଉନ୍ନତି ସଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଲକ୍ଷ୍ୟ ହାସଲରେ ସହାୟକ ହେବ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ମନସ୍ତାପ କରିବା ବ୍ୟତୀତ କିଛି ଲାଭ ହେବନି। ଶିଳ୍ପ,ନୂତନ ଉଦ୍ୟୋଗ, ପରିବହନ, ବାଣିଜ୍ୟ, କାରଖାନା ଦିଗରୁ ଉପକୃତ ହୋଇପାରନ୍ତି।

**ମୀନ**
ପ୍ରତ୍ୟେକ ଦିଗରୁ ଗ୍ରହସମ୍ପର୍କର ଅନୁକୂଳତା ଜୀବନଚର୍ଯ୍ୟା ପାଇଁ ଲାଭଦାୟକ ରହିବ। ସ୍ଥଗିତ କାମରେ, ସ୍ୱାସ୍ଥ୍ୟ ସମସ୍ୟାରେ, ବାଣିଜ୍ୟରେ ସମସ୍ୟା ସମାଧାନ ହେବ। କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ପୁରୁଣା ସମ୍ପର୍କକୁ ଯୋଡିବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

ଆଜି ଫେବୃୟାରୀ ୪ ତାରିଖ। ବିଶ୍ୱ କର୍କଟ ଦିବସ, ଉତ୍କଳ ଗୌରବ ମଧୁସୂଦନଙ୍କ ତିରୋଧାନ ଦିବସ। ଫାଲ୍‌ଗୁନ କୃଷ୍ଣ ତୃତୀୟା ବୁଧବାର। ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୨୪ମି. ଗତେ ଘ.୦୭।୫୪ମି. ମଧ୍ୟେ, ଘ.୧୦।୩୬ମି. ଗତେ ଘ.୧୧।୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨।୦୦ମି. ଗତେ ଘ.୦୧।୨୪ମି. ମଧ୍ୟେ ରାହୁ କାଳ।

# ଆଦାନୀ ଗ୍ରୁପ୍ ବିରୋଧରେ ପୋର୍ଟ କର୍ମଚାରୀଙ୍କ ଆନ୍ଦୋଳନ

**ଛତ୍ରପୁର, ୩।୨(ଦିଲୀପ ସାମଲ)**

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ ଗୋପାଳପୁର ବନ୍ଦରର ଉନ୍ନତି ଦାୟିତ୍ୱ ନେଇଥିବା ଆଦାନି ଗ୍ରୁପ୍ ଏହାର ପରିଚାଳନା ଦାୟିତ୍ୱ ସ୍ୱୀକୃତିପ୍ରାପ୍ତ ଭେଣ୍ଡର ଓ କଣ୍ଟ୍ରାକ୍ଟରଙ୍କୁ ଦେଇଛି। ଏମାନଙ୍କ ଅଧୀନରେ ଦୀର୍ଘଦିନ ଧରି କାମ କରୁଥିବା ଅପରେଟର, ଡ୍ରାଇଭର ଓ ଅନ୍ୟ ଶ୍ରମିକମାନେ ସେମାନଙ୍କ ଉଚିତ୍ ପ୍ରାପ୍ୟ ନ ପାଇ ମଙ୍ଗଳବାର ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ଦାବିପୂରଣ ନେଇ ଗୋପାଳପୁର ବନ୍ଦର ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣାରେ ବସିଥିଲେ। ଗଞ୍ଜାମ ଅପରେଟର ଆଣ୍ଡ ଡ୍ରାଇଭର ମଜଦୁର ସଂଘ ମାଧ୍ୟମରେ ଆନ୍ଦୋଳନ ଆରମ୍ଭ କରିଥିବା ଏହି ବର୍ଗର କର୍ମଚାରୀ ସେମାନଙ୍କ ନ୍ୟାଯ୍ୟ ଦାବି ପୂରଣ ହେଉ ନ ଥିବା ଅଭିଯୋଗ କରିଛନ୍ତି।




ଗୋପାଳପୁର ବନ୍ଦର ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା କର୍ମଚାରୀ।

ସରକାରୀ ନିୟମ ଅନୁସାରେ ପ୍ରତ୍ୟେକ ଶ୍ରମିକଙ୍କୁ ସେମାନଙ୍କ ହକ୍ ମିଳିବାରେ ଏଠାରେ ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳିଛି। ଶ୍ରମ ଆଇନ ଉଲ୍ଲଂଘନ ବନ୍ଦ କରିବା, ସମାନ କାମକୁ ସମାନ ଦରମା, ଶ୍ରମିକଙ୍କୁ ପାନୀୟଜଳ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସବୁ ସୁବିଧା ଯୋଗାଇବା, ଇପିଏଫ୍ ଓ ଇନ୍‌କ୍ରିମେଣ୍ଟ ନିୟମିତ ଭାବେ

**ସମାନ କାମକୁ ସମାନ ଦରମା ଦାବି**

ପ୍ରଦାନ କରିବା ଆଦି ଦାବି ସଂଘ ପକ୍ଷରୁ ରଖାଯାଇଛି। ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ କହିଛି। ଗଞ୍ଜାମ ଅପରେଟର ଆଣ୍ଡ ଡ୍ରାଇଭର ମଜଦୁର ସଂଘ ସଭାପତି ଏସ୍. କ୍ରିଷ୍ଣା ରେଡ୍ଡୀ, ଉପସଭାପତି ଏସ୍. ପ୍ରଭାକର ରେଡ୍ଡୀ, ସାଧାରଣ ସମ୍ପାଦକ କାହ୍ନୁ ଚରଣ ନାହାକ, ସହ ସମ୍ପାଦକ ପି.ଭେଙ୍କଟ ରେଡ୍ଡୀ, କୋଷାଧ୍ୟକ୍ଷ ହେମନ୍ତ ବେହେରା, ଆଇନ ପରାମର୍ଶଦାତା ଜ୍ୟୋତିରଞ୍ଜନ ମିଶ୍ରଙ୍କ ସହ ସଂଘର ଶତାଧିକ ସଭ୍ୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ରାଜ୍ୟକୁ ବିଏସ୍‌ଏନ୍‌ଏଲ୍ ବକେୟା ମାଗିଲା କେନ୍ଦ୍ର | ବାକି ଟଙ୍କା ତୁରନ୍ତ ଫେରାଅ

**ଭୁବନେଶ୍ୱର,୩।୨ (ରବିନାରାୟଣ ଜେନା)**

ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଉପରେ ବକେୟା ଥିବା ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍)ର ପ୍ରାୟ ୨୮.୫୪ କୋଟି ଟଙ୍କା ତୁରନ୍ତ ପଇଠ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ କୁହାଯାଇଛି। ଏ ସଂକ୍ରାନ୍ତରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ପତ୍ରକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସଂପୃକ୍ତ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗ ପ୍ରମୁଖ ସଚିବ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଯୋଗାଯୋଗ ମନ୍ତ୍ରାଳୟ ପକ୍ଷରୁ ଏନେଇ ପୂର୍ବରୁ ଦୁଇଥର ପତ୍ର ଲେଖି ଅନୁରୋଧ କରାଯାଇଥିଲା। ବିଏସ୍‌ଏନ୍‌ଏଲ ଅଧ୍ୟକ୍ଷ ଏ. ରବର୍ଟ ଜେ ରବି ୨୦୨୪ ଅକ୍ଟୋବର ୧୦ରେ ପ୍ରଥମେ ପତ୍ର ଲେଖି ଅବଗତ କରାଇଥିବାବେଳେ ବିଭାଗୀୟ ସଚିବ ଡ. ନିରଜ ମିତ୍ତଲ ୨୦୨୫ ମେ'୧୪ରେ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ସିନ୍ଧିଆ ୨୦୨୫ ସେପ୍ଟେମ୍ବର ପହିଲା ଓ ନଭେମ୍ବର ୨୫ରେ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ବକେୟା ଅର୍ଥ ମାଗିଥିଲେ। ହେଲେ ଅଦ୍ୟାବଧି ସମ୍ପୂର୍ଣ୍ଣ ବକେୟା ବିଏସ୍‌ଏନ୍‌ଏଲ୍ ପାଇନାହିଁ। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ପ୍ରଦାନ କରିଥିବା ପତ୍ରରେ ପୂର୍ବପତ୍ର ସଂଖ୍ୟା ଦର୍ଶାଇ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ବିଏସ୍‌ଏନ୍‌ଏଲ୍ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହରେ ସହାୟକ ହେଉଛି। ଏହାସହିତ ପଦାତିକ ବାହିନୀ ଏବଂ ବ୍ୟାଙ୍କିଙ୍ଗ୍ ସେବା କ୍ଷେତ୍ରରେ ବିଶ୍ୱାସଯୋଗ୍ୟ ସେବା ଯୋଗାଇଆସୁଛି। ବିଏସ୍‌ଏନ୍‌ଏଲ୍ ଆର୍ଥିକ ଚାପରେ ରହିଥିବାରୁ ଏଥିରୁ ମୁକୁଳିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୯, ୨୦୨୨ ଏବଂ ୨୦୨୩ରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହାସତ୍ତ୍ୱେ ବିଏସ୍‌ଏନ୍‌ଏଲ୍ ଆଗକୁ ବଢ଼ିପାରୁନାହିଁ। ଏକ୍ଷେତ୍ରରେ ରାଜ୍ୟର ସହାୟତା ନିହାତି ଆବଶ୍ୟକ। ବିଏସ୍‌ଏନ୍‌ଏଲ୍‌ର ପରିସ୍ଥିତିକୁ ଦୃଷ୍ଟିରେ ରଖି ସଂପୃକ୍ତ ବିଭାଗକୁ ବକେୟା ଅର୍ଥ ଦେବା ଦିଗରେ ଏକ ନିର୍ଦ୍ଦେଶନାମା ଜାରି କରିବାକୁ କେନ୍ଦ୍ରମନ୍ତ୍ରୀ ପତ୍ରରେ ଅନୁରୋଧ କରିଛନ୍ତି।




# କ୍ଷତିଗ୍ରସ୍ତଙ୍କ ଭିତରେ ଫାଟ ସୃଷ୍ଟି ପାଇଁ ଚକ୍ରାନ୍ତ ଅଭିଯୋଗ

## ନାଲ୍‌କୋ ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରସଙ୍ଗ

- **ଉଚିତ କ୍ଷତିପୂରଣ, ସ୍ଥାୟୀ ଚାକିରି ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ଆନ୍ଦୋଳନ**
- **ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କଲେ କେତେଜଣ କ୍ଷତିଗ୍ରସ୍ତ**


**ଅନୁଗୋଳ,୩।୨ (ମାନସ ବିଶ୍ୱାଳ)**

ଅନୁଗୋଳ ସହର ଉପକଣ୍ଠରେ ଅବସ୍ଥିତ ନବରତ୍ନ କମ୍ପାନୀ ନାଲ୍‌କୋ ନିଜର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ସ୍ମେଲଟର କାରଖାନା ସମ୍ପ୍ରସାରଣ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଛି। ହେଲେ ପୂର୍ବରୁ କମ୍ପାନୀ ସ୍ଥାପନ ବେଳେ ଜମି ହରାଇଥିବା ଲୋକଙ୍କ ମଧ୍ୟରୁ ଅନେକଙ୍କୁ ଏଯାଏ ନାଲ୍‌କୋ ଚାକିରି ଦେଇ ନ ଥିବା ଅଭିଯୋଗ କରି ମଙ୍ଗଳବାର କାଙ୍ଗୁଲା, ଗୋପୀନାଥପୁର ଓ କୁଲାଡ଼ ମୌଜାର ଜମି ହରାଉଥିବା କେତେଜଣ କ୍ଷତିଗ୍ରସ୍ତ ପରିବାର ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପାଇଁ ଜମିହରାଙ୍କୁ ଉଚିତ ମୂଲ୍ୟ ଓ ସ୍ଥାୟୀ ଚାକିରି ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ନାଲ୍‌କୋକୁ କୌଣସି କାର୍ଯ୍ୟ କରାଇ ଦିଆଯିବ ନାହିଁ ବୋଲି ସମ୍ପୃକ୍ତ ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍ତି। ଏଥିସହ ପ୍ରଶାସନ ବାରମ୍ବାର ନିଜ କଥା ବଦଳାଉଥିବାବେଳେ ନାଲ୍‌କୋ ସହ ମିଶି ଜମିହରାଙ୍କ ଭିତରେ ଫାଟ ସୃଷ୍ଟି ପାଇଁ ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି।



ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିବାକୁ ଆସିଥିବା କେତେଜଣ କ୍ଷତିଗ୍ରସ୍ତ।

କ୍ଷତିଗ୍ରସ୍ତ ପ୍ରତାପ ନାଥ, ସୁରଥ ବେହେରା, ରାଜେଶ ତ୍ରିପାଠୀ, ସନ୍ତୋଷ ଖୁଣ୍ଟିଆ, ଶ୍ରୀପତି ଭୋଇ ପ୍ରମୁଖ ଅଭିଯୋଗ କରିଛନ୍ତି, ନାଲ୍‌କୋ ସ୍ମେଲଟର କାରଖାନା ସମ୍ପ୍ରସାରଣ କରିବା ପାଇଁ ହେବାକୁ ଥିବା ଜମି ଅଧିଗ୍ରହଣ ନିମନ୍ତେ ପ୍ରଶାସନ ପକ୍ଷରୁ ସର୍ଭେ କାର୍ଯ୍ୟ ଶେଷ କରାଯାଇଛି। ଗତ ଜାନୁଆରୀ ୨୮ ତାରିଖରେ ପରିବେଶ ମଞ୍ଜୁରୀ ଜନଶୁଣାଣି ହେବାର ଥିଲା। ପରେ ତାହାକୁ ଫେବୃଆରୀ ୧୮କୁ ଘୁଞ୍ଚାଇ ଦିଆଯାଇଛି। ତେବେ ନାଲ୍‌କୋ ପାଇଁ ଜମି ହରାଉଥିବା ଲୋକମାନେ ଉଚିତ ମୂଲ୍ୟ ସହ ସ୍ଥାୟୀ ନିଯୁକ୍ତି ନିମନ୍ତେ ଦାବି କରିଆସୁଛନ୍ତି। ସ୍ଥାୟୀ ଚାକିରିର ସ୍ୱପ୍ନ ଦେଖାଇ ନାଲ୍‌କୋ ଓ ଭୂ-ଅର୍ଜନ କାର୍ଯ୍ୟାଳୟ ସର୍ଭେ ସମ୍ପୂର୍ଣ୍ଣ କରାଇଥିଲା। ଏହି ସମୟରେ ଲୋକେ ନିଜର ଜମି ଦେବାକୁ ଆଦୌ ସହାମତି ପ୍ରକାଶ କରି ନ ଥିଲେ। ପ୍ରଶାସନ ଓ ନାଲ୍‌କୋ ଅଧିକାରୀଙ୍କ ଉପସ୍ଥିତିରେ ପ୍ରତି କ୍ଷତିଗ୍ରସ୍ତ ପରିବାରକୁ ସ୍ଥାୟୀ ନିଯୁକ୍ତି ଦେବା ନେଇ ଏକ ବୈଠକରେ ଆଲୋଚନା ହୋଇଥିଲା। ସର୍ଭେ ପରବର୍ତ୍ତୀ ସମୟରେ ସ୍ଥାୟୀ ନିଯୁକ୍ତି ନେଇ ଲିଖିତ ପ୍ରତିଶ୍ରୁତି ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ବର୍ତ୍ତମାନ ପ୍ରଶାସନ ନିଜ ମତ ବଦଳାଉଛି। ସର୍ଭେ ପରବର୍ତ୍ତୀ ସମୟରେ କୌଣସି ତଥ୍ୟ ଗ୍ରାମବାସୀଙ୍କୁ ଦିଆଯାଉ ନାହିଁ। ଇତିମଧ୍ୟରେ ନାଲ୍‌କୋ ଭୂ-ଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷାଗତ ଯୋଗ୍ୟତା ସର୍ଭେ ସମ୍ପୂର୍ଣ୍ଣ ହୋଇଛି। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦଶମ ପାସ କରିଥିବା ସମସ୍ତ ୧୮ ବର୍ଷରୁ ଉର୍ଦ୍ଧ୍ୱ ପ୍ରାୟ ୬୩୫ ପ୍ରାର୍ଥୀ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ପ୍ରାୟ ଟେକ୍ନିକାଲ ପ୍ରାର୍ଥୀ ଭାବେ ବି-ଟେକ୍‌ରେ ୭୦ ଜଣ, ଡିପ୍ଲୋମାରେ ୪୭ ଓ ଆଇଟିଆଇରେ ୭୬ ଜଣଙ୍କୁ ମିଶାଇ ମୋଟ ୧୯୩ ଜଣ ଟେକ୍ନିକାଲ ଥିବାବେଳେ ଅନ୍ୟ ସମସ୍ତେ ହେଉଛନ୍ତି ନନ୍‌ଟେକ୍ନିକାଲ। ହେଲେ ବର୍ତ୍ତମାନ ପ୍ରଶାସନ କହୁଛି କେବଳ କ୍ଷତିଗ୍ରସ୍ତ ଟେକ୍ନିକାଲ ପ୍ରାର୍ଥୀଙ୍କୁ ନାଲ୍‌କୋ ପକ୍ଷରୁ ଚାକିରି ଦିଆଯିବ। ନନ୍‌ଟେକ୍ନିକାଲ ପ୍ରାର୍ଥୀମାନଙ୍କୁ କୌଣସି ଚାକିରି ଦିଆଯିବ ନାହିଁ। ପ୍ରଶାସନ ନାଲ୍‌କୋର ହାତବାରିସୀ ହୋଇ କାର୍ଯ୍ୟ କରୁଥିବା ବେଳେ କ୍ଷତିଗ୍ରସ୍ତ ଜନସାଧାରଣଙ୍କ କଥା ଶୁଣୁ ନାହିଁ। ପ୍ରତିଦିନ ପ୍ରଶାସନ ମତ ବଦଳାଇ ଜମିହରାଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ନାଲ୍‌କୋ ସହ ମିଶି ଚକ୍ରାନ୍ତ ଚଳାଇଥିବା ଅଭିଯୋଗକାରଙ୍କ ସମେତ ୩ ମୌଜାର ଲୋକେ ଅଭିଯୋଗ ଆଣିଛନ୍ତି।




# ଶିଶୁବାଟିକା ପିଲାଙ୍କୁ ପୋଷାକ ପାଇଁ ମିଳିବ ଟଙ୍କା

**ଭୁବନେଶ୍ୱର,୩।୨(ସୁଚିସ୍ମିତା ସାହୁ)**

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ଶିଶୁବାଟିକା ଛାତ୍ରୀଛାତ୍ରଙ୍କୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ମାଗଣା ବିଦ୍ୟାଳୟ ପୋଷାକ ଯୋଗାଇ ଦିଆଯିବ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ପୋଷାକ ପାଇଁ ୧,୦୦୦ ଟଙ୍କା ପ୍ରଦାନ କରାଯିବ। ଏନେଇ ବିଭାଗ ପକ୍ଷରୁ ସମସ୍ତ ଜିଲା କାର୍ଯ୍ୟାଳୟକୁ ଅର୍ଥ ଦିଆଯାଇଛି। ଆସନ୍ତା ୧୫ ତାରିଖ ସୁଦ୍ଧା ସମସ୍ତ ଶିଶୁବାଟିକା ପିଲାଙ୍କୁ ପୋଷାକ ବଣ୍ଟନ କରିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ପ୍ରାଥମିକତା ଦେଇ ସମସ୍ତ ଡିଇଓ-କମ୍-ଡିସିପିଏସ୍‌ମାନେ ନିଜେ ନିରୀକ୍ଷଣ କରିବାକୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ଅତିରିକ୍ତ ନିର୍ଦ୍ଦେଶିକା ସଙ୍ଗୀତା ବେହେରା ମଙ୍ଗଳବାର ସମସ୍ତ ଡିଇଓ-କମ୍-ଡିସିପିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମାର୍ଗଦର୍ଶିକା ଅନୁଯାୟୀ, ଶିଶୁବାଟିକା ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯିବାକୁ ଥିବା ୟୁନିଫର୍ମ 'ମାନଦଣ୍ଡ' ଶ୍ରେଣୀ-୧ ଛାତ୍ରଙ୍କ ପାଇଁ ପ୍ରଯୁଜ୍ୟ ନିୟମାବଳୀ ସହିତ କଡ଼ାକଡ଼ି ପାଳନ କରାଯିବ। ସେମାନଙ୍କ ପୋଷାକର ରଙ୍ଗ, ଗୁଣମାନ, ଲୋଗୋ ସବୁ ପ୍ରଥମଶ୍ରେଣୀ ପିଲାଙ୍କ ପୋଷାକ ଭଳି ରହିବ। ପ୍ରଥମରୁ ଅଷ୍ଟମଶ୍ରେଣୀ ପିଲାଙ୍କ ପୋଷାକ ବଣ୍ଟନ ବେଳେ ଯେପରି ପ୍ରଯୁଜ୍ୟ ଆର୍ଥିକ, କ୍ରୟ ଭଳି ମାନଦଣ୍ଡକୁ କଡ଼ାକଡ଼ି ପାଳନ କରାଯାଉଥିଲା, ସେହିପରି ଶିଶୁବାଟିକା ପୋଷାକ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ-କମ୍-ଚେୟାରମ୍ୟାନଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କମିଟି ଦ୍ୱାରା ଅନୁମୋଦିତ ଏସ୍‌ଏଜି/ଏସ୍‌ଏମ୍‌ସି ମାଧ୍ୟମରେ ପୋଷାକ ବଣ୍ଟନ କରାଯିବ। ଚଳିତ ଶିକ୍ଷାବର୍ଷରେ ଏନେଇ କୌଣସି ନୂତନ ଟେଣ୍ଡରର ଆବଶ୍ୟକତା ନାହିଁ।



ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେଇଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ।–ଶ୍ରୀମା

-ସବେ-ବରାତ (ପୂର୍ବ ରାତ୍ରି), ମଧୁସୂଦନ ଦାସଙ୍କ ତିରୋଧାନ ଦିବସ



# ତଥ୍ୟ ଅସୁରକ୍ଷିତ

ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟ ବାରମ୍ବାର ଅପବ୍ୟବହାର କରାଯାଉଥିବାରୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅଭିଯୋଗ ହୋଇଆସୁଛି। ବିଶେଷକରି ସାମାଜିକ ଗଣମାଧ୍ୟମର ପ୍ରାବଲ୍ୟତା ବଢ଼ିଥିବାରୁ ତଥ୍ୟକୁ ନେଇ ସର୍ବଦା ଆଲୋଚନା ହେଉଛି। ନାଗରିକର ପ୍ରିଭେସି ବା ଅନ୍ତରଙ୍ଗ ତଥ୍ୟ ଆଦାନପ୍ରଦାନରେ ସୁରକ୍ଷା ରହିବା ଜରୁରୀ। ମେସେଜିଂ ଆପ୍ ହ୍ୱାଟ୍ସଆପ୍ ଓ ତାହାର ମୂଳ କମ୍ପାନୀ ମେଟା, ଯାହା ଅଧୀନରେ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ଅଛି, ତାହା ବ୍ୟବହାରକାରୀଙ୍କ ତଥ୍ୟରୁ ଲାଭ ପାଇଁ ଅନ୍ୟମାନଙ୍କ ସହ ଡାଟା ଶେୟାର କରିଦେଉଥିବାରୁ ସୁପ୍ରିମକୋର୍ଟ ୩ ଫେବୃଆରୀରେ ଏହାକୁ ନେଇ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। ସର୍ବୋଚ୍ଚ ଅଦାଲତ ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟକୁ ଅପବ୍ୟବହାର କରିବାକୁ ଅନୁମତି ଦେବେ ନାହିଁ ବୋଲି କହିଛନ୍ତି। ନ୍ୟାଶନାଲ କମ୍ପାନୀ ଲ' ଆପିଲେଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ଙ୍କ ରାୟକୁ ଚ୍ୟାଲେଞ୍ଜ କରି ହ୍ୱାଟ୍ସଆପ୍ ଓ ମେଟା ସର୍ବୋଚ୍ଚ ଅଦାଲତରେ ଦାଏର କରିଥିବା ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ସୂଚନାଯୋଗ୍ୟ, ହ୍ୱାଟ୍ସଆପ୍‌ର ୨୦୨୧ ଗୋପନୀୟତା ନୀତିକୁ ନେଇ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ହ୍ୱାଟ୍ସଆପ୍ ଉପରେ ୨୧୩.୧୪ କୋଟି ଟଙ୍କାର ଜରିମାନା ଲଗାଇଥିଲା। ପରେ ଏନ୍‌ସିଏଲ୍‌ଏଟି ୪ ନଭେମ୍ବର ୨୦୨୫ରେ ଉକ୍ତ ଆଦେଶକୁ ବଳବତ୍ତର ରଖିଥିଲେ। ଏହା ପରେ ମେଟା ସୁପ୍ରିମକୋର୍ଟ ଯିବା ସହ ଉପରୋକ୍ତ ଅର୍ଥ ମଧ୍ୟ ଦାଖଲ କରିଥିବା କୋର୍ଟରେ ଦର୍ଶାଇଛି। ହେଲେ ସର୍ବୋଚ୍ଚ ଅଦାଲତ କହିଛନ୍ତି, କେବଳ ଅର୍ଥ ପଇଠ କରିଦେଲେ ହେବ ନାହିଁ, ବରଂ ନାଗରିକଙ୍କ ଅଧିକାର ସୁରକ୍ଷିତ ଓ ସୁନିଶ୍ଚିତ ରହିବା ଦରକାର।

ତଥ୍ୟ ସୁରକ୍ଷା ଉପରେ ଶୀର୍ଷ ଅଦାଲତଙ୍କ ଟିପ୍ପଣୀ ନିଶ୍ଚିତ ଭାବେ ଚିନ୍ତା ଉଦ୍ରେକକାରୀ। କାରଣ ଆଜିର ଡିଜିଟାଲ ଯୁଗରେ ତଥ୍ୟ ସବୁଠାରୁ ମୂଲ୍ୟବାନ ପଦାର୍ଥ ହୋଇଗଲାଣି। ଏଭଳି କମ୍ପାନୀଗୁଡ଼ିକ ବିଭିନ୍ନ ସମୟରେ ଲାଭ ପାଇଁ ଲୋକଙ୍କ ତଥ୍ୟ ବିକ୍ରି କରିଦେଉଛନ୍ତି। ତେଣୁ ପ୍ରିଭେସି ସୁରକ୍ଷା ନେଇ ସ୍ୱତନ୍ତ୍ର ନିୟନ୍ତ୍ରଣ ଅଣାଯିବା ଉପରେ ବାରମ୍ବାର ଆଲୋଚନା ହେଉଥିଲେ ମଧ୍ୟ ତାହାର ସୁଫଳ ମିଳିପାରୁ ନାହିଁ। ଅନ୍ୟପଟେ ଭାରତ ସରକାରଙ୍କ ପାଖରେ ମଧ୍ୟ ନାଗରିକଙ୍କ ତଥ୍ୟ ସୁରକ୍ଷିତ ରହିପାରୁନାହିଁ। ଉଦାହରଣ ସ୍ୱରୂପ, ବିଭିନ୍ନ ସମୟରେ ସରକାରୀ ୱେବ୍‌ସାଇଟ୍ ଏବଂ ଡିଜିଟାଲ ପ୍ଲାଟଫର୍ମରୁ ତଥ୍ୟ ଚୋରି କଥା ଶୁଣିବାକୁ ମିଳିଛି। ସରକାର ବାରମ୍ବାର ଜୋର ଦେବା ଯୋଗୁ ପ୍ରାୟ ସବୁ ନାଗରିକ ନିଜ ଆଧାର ସହ ବ୍ୟାଙ୍କ, ପାନ୍‌କାର୍ଡ ଏବଂ ଅନ୍ୟସବୁ ସମ୍ବେଦନଶୀଳ ତଥ୍ୟ ଯୋଡ଼ି ସାରିଲେଣି। ବିଡ଼ମ୍ବନାର ବିଷୟ ହେଲା, ଆଧାର ତଥ୍ୟ ଲିକ୍ ହେବା ଘଟଣା ନୂଆ ନୁହେଁ। ଥରକୁ ଥର ଆଧାର ତଥ୍ୟ ଲିକ୍ ହେଉଛି ଓ ଲୋକଙ୍କ ପ୍ରିଭେସି ଉପରେ ଆଞ୍ଚ୍ ଆସୁଛି। ଏହା ଉପରେ ମଧ୍ୟ ସୁପ୍ରିମକୋର୍ଟ ନିଜଆଡୁ ଟିପ୍ପଣୀ ଦେବା ଦରକାର। ନିକଟରେ ଭାରତ ସରକାର ପ୍ରତି ମୋବାଇଲରେ 'ସଞ୍ଚାର ସାଥୀ' ନାମକ ଏକ ଆପ୍ ବିକ୍ରି ପୂର୍ବରୁ ଇନ୍‌ଷ୍ଟଲ କରିବାକୁ ମୋବାଇଲ ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଆପଲ୍ ସମେତ ଅଧିକାଂଶ କମ୍ପାନୀ ସରକାରଙ୍କ ଏଭଳି ନିର୍ଦ୍ଦେଶ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟକୁ ବିପଦରେ ପକାଇବ ବୋଲି ଦର୍ଶାଇ ବିରୋଧ କରିଥିଲେ। ଏହି ବିରୋଧ ଯୋଗୁ କଥାଟି ଲୋକଲୋଚନକୁ ଆସିଲା ଓ ସାଧାରଣ ନାଗରିକଙ୍କ ଘୋର ସମାଲୋଚନା ଏବଂ ଚାପ ପଡ଼ିବା ପରେ ସରକାର ପଛଘୁଞ୍ଚା ଦେଇଥିଲେ। ଏଭଳି ସ୍ଥଳେ ଅନ୍ତର୍ଜାତୀୟ କମ୍ପାନୀ ଉପରେ କଟକଣା ଲଗାଇବା ସହଜ ହେଉ ନାହିଁ। ଅଷ୍ଟ୍ରେଲିଆ ସମେତ କେତେକ ୟୁରୋପୀୟ ଦେଶରେ ପିଲାମାନଙ୍କୁ ସୋସିଆଲ ମିଡିଆରୁ ବାରଣ କରିବା ଲାଗି ପଦକ୍ଷେପ ନିଆଯାଉଛି। ସେଥିପାଇଁ ଭାରତରେ ଅନୁରୂପ ବ୍ୟବସ୍ଥା କରାଯିବା ଉପରେ ଅନେକେ ଗୁରୁତ୍ୱ ଦେଉଛନ୍ତି। ହେଲେ ସାମାଜିକ ଗଣମାଧ୍ୟମର ପରିସର ଏତେ ବ୍ୟାପକ ହୋଇଛି ଯେ, ତାହାକୁ ଅତି ସହଜରେ ନିୟନ୍ତ୍ରଣ କରାଯାଇପାରୁ ନାହିଁ। ଦିନ ଥିଲା ସୋସିଆଲ ମିଡିଆ ବ୍ୟବହାର କରି ରାଜନୈତିକ ଦଳଗୁଡ଼ିକ ଅନେକ ଫାଇଦା ପାଉଥିଲେ। ଏବେ ଏହାର ପରିସର ବୃଦ୍ଧି ପାଉଥିବାରୁ ପ୍ରଶଂସା ସହ ସମାଲୋଚନା ମଧ୍ୟ ଘୋର ହେଉଛି। ସେଥିପାଇଁ ସାମାଜିକ ଗଣମାଧ୍ୟମ ଉପରେ ଅଙ୍କୁଶ ଲଗାଇବା ଯେକୌଣସି ସରକାର ପାଇଁ କ୍ରମାଗତ କଷ୍ଟକର ହୋଇପଡ଼ିଲାଣି। ଚାଇନା ଭଳି ଭାରତର ନିଜସ୍ୱ ସୋସିଆଲ ମିଡିଆ ପ୍ଲାଟଫର୍ମ ନ ଥିବାରୁ ଆମେରିକାର ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍, 'X' ଏବଂ ରୁଷିଆର ଟେଲିଗ୍ରାମ୍ ଉପରେ ନିର୍ଭର କରିବାକୁ ପଡୁଛି।

ଏବେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଯୁଗରେ କେବଳ ବ୍ୟବହାରକାରୀଙ୍କ ଅନ୍ତରଙ୍ଗ ତଥ୍ୟ ନୁହେଁ, କପିରାଇଟ୍ ଓ ପରିଚୟ ଚୋରି କଥା ମଧ୍ୟ ଆଲୋଚନାକୁ ଆସିଲାଣି। କୋର୍ଟ କିମ୍ବା ସରକାରଙ୍କୁ ଆଗକୁ ଏ ସବୁ ଉପରେ ନିୟନ୍ତ୍ରଣ କରିବା ଆହୁରି କଷ୍ଟକର ହୋଇପଡ଼ିବ।

**ଏବେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଯୁଗରେ କେବଳ ବ୍ୟବହାରକାରୀଙ୍କ ଅନ୍ତରଙ୍ଗ ତଥ୍ୟ ନୁହେଁ, କପିରାଇଟ୍ ଓ ପରିଚୟ ଚୋରି କଥା ମଧ୍ୟ ଆଲୋଚନାକୁ ଆସିଲାଣି। କୋର୍ଟ କିମ୍ବା ସରକାରଙ୍କୁ ଆଗକୁ ଏ ସବୁ ଉପରେ ନିୟନ୍ତ୍ରଣ କରିବା ଆହୁରି କଷ୍ଟକର ହୋଇପଡ଼ିବ।**

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 6 | 1 | | | 5 | | 3 |
| 2 | | | | | 5 | | 7 | |
| 9 | | 3 | | 7 | | | 1 | |
| 5 | | 7 | | | 1 | 3 | | |
| 3 | | | | | 9 | | 6 | 4 |
| | 9 | 2 | | | 8 | 7 | 5 | |
| | | | | | 7 | | 4 | |
| | | 9 | 5 | 8 | | 6 | 3 | 7 |
| | | 5 | 6 | | 3 | 1 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 1 | 9 | 2 | 8 | 6 | 5 | 3 |
| 9 | 6 | 8 | 5 | 3 | 1 | 2 | 4 | 7 |
| 3 | 5 | 2 | 6 | 4 | 7 | 8 | 1 | 9 |
| 5 | 1 | 4 | 7 | 8 | 6 | 3 | 9 | 2 |
| 8 | 2 | 9 | 4 | 5 | 3 | 1 | 7 | 6 |
| 7 | 3 | 6 | 1 | 9 | 2 | 4 | 8 | 5 |
| 2 | 8 | 5 | 3 | 7 | 4 | 9 | 6 | 1 |
| 1 | 4 | 7 | 2 | 6 | 9 | 5 | 3 | 8 |
| 6 | 9 | 3 | 8 | 1 | 5 | 7 | 2 | 4 |

ଗତକାଲିର ଉତ୍ତର

# ମଣିଷର ବିସର୍ଜନ



ସହଦେବ ସାହୁ

ତୁମେ ଭାବୁଛ ତୁମେ ଗୋଟିଏ ସ୍ୱଚ୍ଛ ପରିଷ୍କୃତ ବହୁ ଉଚ୍ଚ ସ୍ତରର ସୃଷ୍ଟି।ଭୁଲିଯାଅନି ମଣିଷ ଗୋଟିଏ ଛାଞ୍ଚ ଯହିଁରେ ଅନ୍ୟତ୍ର ବର୍ଜ୍ୟ ହୋଇଥିବା ବସ୍ତୁ (ମଇଳା) ବା ପୁନର୍ବାର ବ୍ୟବହାର ହେଉଥିବା (ରିସାଇକ୍ଲଡ୍) ଏଲିମେଣ୍ଟ(ମୌଳିକ ପଦାର୍ଥ) ଭର୍ତ୍ତି ହୋଇଛି। ଦୁନିଆର ସବୁ ଜିନିଷ ଏଇମିତି ହେଲେ ବି ମଣିଷ କଥା ନିଆରା, କାରଣ ମଣିଷ ହିଁ ମଇଳାକୁ କଣ୍ଟ୍ରୋଲ କରିପାରିବ।

ନଖଗୁଡ଼ିକୁ ଚାହିଁ କେଡ଼େ ସୁନ୍ଦର ବୋଲି କହୁଥିଲା ବେଳେ ଭାବିଛ କି ଏହାର ଅଧାଅଧି ଅଙ୍ଗାର, ଯାହା ରୋଷେଇଘର ଧୂଆଁରୁ ବା ଗାଡ଼ିର ଧୂଆଁନଳୀରୁ ବାହାରୁଥିବା ପ୍ରତି ଆଠ ଅଙ୍ଗାର ଅଣୁରୁ ଗୋଟିଏ ଲେଖାଏ ଆସିଛି! ତା' ସାଙ୍ଗରେ ଅଛି ଦୁଇଟି ଲେଖାଏ ଅମ୍ଳଜାନ ଅଣୁ! ଜୀବାଶ୍ମ (ଫସିଲ୍)ରୁ ବାହାରୁଥିବା ଅଙ୍ଗାରକାମ୍ଳ ଅଣୁରୁ ଯାହା କିଛି ସମୁଦ୍ର ବା ବାୟୁମଣ୍ଡଳ ଶୋଷିନେଇନାହିଁ ତାହା ଗଛଲତାମାନେ ଶୋଷିନିଅନ୍ତି, ଶର୍କରା ଓ ମଣ୍ଡ ତିଆରିରେ ଲଗାଇଦିଅନ୍ତି, ଯହିଁରୁ ମଣିଷ ରୁଟି, ପାଉରୁଟି, ମିଠେଇ ଆଦି କରିଥାଏ ବା ପରିବାପତ୍ର ଭାବେ ବ୍ୟଞ୍ଜନ କରିଥାଏ।ବହୁତ ଅଙ୍ଗାର ଅଣୁରୁ କିଛି କିଛି ପ୍ରାଣୀଙ୍କର ତନ୍ତୁ ହୁଏ ତ ଆଉ କିଛି ମାଂସ ଓ ଦୁଧ ଜାତୀୟ ଉପାଦାନ ତିଆରି କରେ।ଆଗ୍ନେୟଗିରି ଉଦ୍‌ଗିରଣ, ବନାଗ୍ନିର ପ୍ରଶସ୍ତି ଓ ପ୍ରାଣୀମାନଙ୍କ ଶ୍ୱାସକ୍ରିୟା ଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଭର୍ତ୍ତି ହୁଏ।ଆଜିକାଲି ବାୟୁମଣ୍ଡଳରେ ଥିବା ଅଙ୍ଗାରକାମ୍ଳ ପରିମାଣର ଏକ ଚତୁର୍ଥାଂଶ କେବଳ ଖଣିଜ ତୈଳ ଜାଳେଣିରୁ ଆସୁଛି। ସମୁଦ୍ରଗର୍ଭରୁ ଉତ୍ତୋଳନ ବେଳେ ବି ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ଆସିଥାଏ।କିଛି କିଛି ସମୁଦ୍ର ଜଳରେ ଦ୍ରବୀଭୂତ ହୋଇଯାଏ ତ ତାହା ପ୍ରାକୃତିକ ଉପାୟରେ ଦ୍ରବୀଭୂତ ହୋଇଥିବା ଅଙ୍ଗାରକାମ୍ଳକୁ ତଡ଼ିଦିଏ।ତୁମ ଦେହର ସବୁ ଅଙ୍ଗାର ଜୈବିକ ଖାଦ୍ୟରୁ ଆସିଥାଏ, ଭୋଜ୍ୟ ପ୍ରାଣୀ ଯେଉଁ ଉଦ୍ଭିଜ୍ଜ ପଦାର୍ଥ ଉପରେ ନିର୍ଭର କରନ୍ତି ସେସବୁ ବାୟୁମଣ୍ଡଳରୁ ଅଙ୍ଗାର ନେଇ ସୂର୍ଯ୍ୟରଶ୍ମିରେ ରାନ୍ଧି ତିଆରି କରିଥାନ୍ତି।ସେଠୁ ଗଛଲତାମାନେ ଅମ୍ଳଜାନକୁ ଛାଡ଼ିଦେଇ କେବଳ ଅଙ୍ଗାରକୁ ଶୋଷିନିଅନ୍ତି, ତହିଁରୁ ଶର୍କରା, ମଣ୍ଡ ଆଦି ତିଆରି କରନ୍ତି, ଯହିଁରୁ ଆମେ ରୁଟି, ବ୍ରେଡ୍, ଭାତ, ତରକାରି ଆଉ ମିଠା ପିଠା ଆଦି ତିଆରି କରୁ।ଆମେ ଆମିଷ ବୋଲି ଖାଉଥିବା ପ୍ରାଣୀମାନଙ୍କ (ଆମର ବି) ମାଂସ ଚମ ଆଦି ଅଙ୍ଗାରରେ ତିଆରି।ନିରାମିଶରେ ଗଣା କ୍ଷୀର ବି।ଏବେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ପ୍ରତି ଲକ୍ଷେ ଭାଗରେ ୪୨ରୁ ୪୩ ଭାଗ (ପିପିଏମ୍ ୪୨୦ରୁ ୪୩୦)। ବାୟୁମଣ୍ଡଳର ଅଙ୍ଗାରକାମ୍ଳ ମୁଖ୍ୟତଃ ଆଗ୍ନେୟଗିରି ଉଦ୍‌ଗିରଣରୁ, ବନାଗ୍ନିରୁ ଓ ପ୍ରାଣିଜଗତର ଶ୍ୱାସକ୍ରିୟାରୁ ଆସେ।ଆମେ ଖାଉଥିବା ଜୈବିକ ପଦାର୍ଥରୁ ଆମ ଦେହର ସବୁ ଅଙ୍ଗାର ତିଆରି।ସବୁର ମୂଳ ବାୟୁ ନିର୍ଗମନ ବା ଏମିସନ୍।

ତୁମ ମୁକ୍ତା ଭଳି ଚିକ୍ ଚିକ୍ ମାରୁଥିବା ଦାନ୍ତ ତ ତେଜସ୍କ୍ରିୟ ଫୋପଡ଼ା ଜିନିଷରୁ ତିଆରି ହୋଇଛି।୧୯୫୦ରୁ ୧୯୭୦ ଭିତରେ ବାୟୁମଣ୍ଡଳରେ ତାପଜ ପରମାଣବିକ ଅସ୍ତ୍ରର ପରୀକ୍ଷା ଏତେ ବେଶି ହେଲା ଯେ ବହୁ ପରିମାଣରେ ଅଙ୍ଗାର-୧୪ ବାୟୁମଣ୍ଡଳରେ ପଶିଲା, ପ୍ରାୟ ସବୁ ପ୍ରକାର ପରିବେଶକୁ ମାଡିଗଲା, ମଣିଷର ପରିବେଶକୁ ବି।ଏ ଗୁଡ଼ିକ ଅସ୍ଥିର ତେଜସ୍କ୍ରିୟ ଅଙ୍ଗାର (ରେଡିଓ କାର୍ବନ) ଅଣୁ: ଆମ କୋଷଗୁଡ଼ିକରେ ପ୍ରତି ସେକେଣ୍ଡରେ ହଜାର ହଜାର ସଂଖ୍ୟାରେ ରେଡିଓ କାର୍ବନ ପରମାଣୁ ପିଟିହେଉଛି।ଉଦ୍ଭିଦ ଓ ଅଣୁଜୀବମାନେ ଯେଉଁ ଆବର୍ଜନା ଛାଡ଼ନ୍ତି, ତାହା ବହୁ ପରିମାଣରେ ପ୍ରତିକ୍ରିୟାଶୀଳ (ରିଆକ୍ଟିଭ୍) ଅମ୍ଳଜାନ।ଗଛଲତା, ଗୁଳ୍ମ, ଶିଉଳି(ଆଲ୍‌ଜି) ଆଉ ନୀଳ-ସବୁଜ ବାକ୍ଟେରିଆ ଭାଶ୍ଲେଷଣ (ଫଟୋସିନ୍ଥେସିସ୍) ପ୍ରକ୍ରିୟାରେ ଜଳକଣିକାରୁ ଅମ୍ଳଜାନ କାଢ଼ିଦିଅନ୍ତି; ରହିଯାଉଥିବା ଗ୍ୟାସ୍‌ରୁ ଅଧିକ ଅଂଶ ସେମାନେ ନିଜ କାମରେ ଲଗାନ୍ତି।ସୁଖର କଥା ଲିକ୍ କରିଥିବା (ଗଳି ପଡ଼ିଥିବା) ଅମ୍ଳଜାନ ମଣିଷକୁ ବଞ୍ଚାଇ ରଖିଛି।ଆମ ଶ୍ୱାସରେ ଯାଉଥିବା ପବନର ମାତ୍ର ୨୦% ଅମ୍ଳଜାନ।ଆମ ଦେହର କୋଷଗୁଡ଼ିକ ଅମ୍ଳଜାନ ବ୍ୟବହାରକରି ଖାଦ୍ୟକଣିକାରେ ଥିବା ରାସାୟନିକ ବନ୍ଧନକୁ ଛିନ୍ନକରି ଅମ୍ଳଜାନ ଇଲେକ୍ଟ୍ରନ୍ ବାହାରକରନ୍ତି ଯାହା ଉଦ୍‌ଜାନ ଆୟନ୍ ସହ ମିଶି ଜଳକଣିକା ତିଆରିକରେ – ଏ ଜଳ ମଣିଷ ଦେହର ବର୍ଜ୍ୟବସ୍ତୁ: ଦେହର ଯେତେ ତରଳ ପଦାର୍ଥ ଅଛି ତାହାର ୧୦%।ସାଧାରଣ ମଣିଷ ଦେହରେ ୩.୬ କିଲୋରୁ ୪ କିଲୋ ଜଳ ଥାଏ।ଶ୍ୱାସକ୍ରିୟା ଓ ପାଚନକ୍ରିୟାରୁ ମେଟାବୋଲିକ୍ ଜଳ ଆସିଥାଏ।ଆଖିଲୁହର ୧୦% ଟୋପା ବି ମେଟାବୋଲିକ୍ ଜଳ।



ଆମ କେଶ କେଡ଼େ କୁଞ୍ଚୁକୁଞ୍ଚିଆ! ତା' ଯବକ୍ଷାରଜାନର କାମ। ବାୟୁରେ ଯବକ୍ଷାରଜାନ ତ ନିଷ୍କ୍ରିୟ, ତେବେ କେଶର କେରାଟିନ୍ କିପରି ତିଆରି କଲା, ତାକୁ ବଢ଼େଇଲା? ଶିମ୍ବ, ମଟର ତଥା ଡାଲିଜାତୀୟ ଫସଲରେ ବୁଦାମୂଳ ଗଣ୍ଠିରେ ଥିବା ଏକ ପ୍ରକାର ବାକ୍ଟେରିଆ ଯବକ୍ଷାରଜାନକୁ ସକ୍ରିୟକରେ, ସେମାନେ ବାୟୁର ଯବକ୍ଷାରଜାନକୁ ହଜମକରି ମଳ ଭାବେ ଆମୋନିଆ (ଆମ ଖତ) ଛାଡ଼ନ୍ତି।ବିଜୁଳି ମାରିଲେ ବା କାର୍ ଏଗ୍‌ଝଷ୍ଟ ନଳୀରୁ ବାୟୁ ବାହାରିଲେ ତାତିରେ ଯବକ୍ଷାରଜାନ ଅମ୍ଳ (ନାଇଟ୍ରିକ୍ ଅକ୍ସାଇଡ୍) ତିଆରି ହୁଏ, ବୃଷ୍ଟିଜଳରେ ମିଳେଇଯାଇ ଭୂଇଁରେ ସାର ରୂପରେ ପଡ଼େ।ସାର କାରଖାନାରେ ଯବକ୍ଷାରଜାନ ବାଷ୍ପରୁ ୟୁରିଆ, ଆମୋନିଅମ୍ ନାଇଟ୍ରେଟ୍ ଆଦି ତିଆରିକଲା ପରେ ସକ୍ରିୟ ଯବକ୍ଷାରଜାନ ମିଳିଲା।

ଆମ ରକ୍ତରେ ଯେଉଁ ଲୌହ ଅଣୁ ଅଛି ତାହା ଏକ ଧ୍ୱଂସପ୍ରାପ୍ତ ତାରକାରୁ ଆସିଛି।ଭୟଙ୍କର ବିସ୍ଫୋରଣ ସହ ଜଳିଯାଉଥିବା ତାରକା ତା'ପରେ କ୍ଷୁଦ୍ର କ୍ଷୁଦ୍ର ଏଲିମେଣ୍ଟକୁ ମିଶାଇ ବଡ଼ ବଡ଼ ଏଲିମେଣ୍ଟ ତିଆରିକରେ।ତାରକାର ବୟସ ବଢ଼ିବା ସଙ୍ଗେ ସଙ୍ଗେ ବୃହତ୍ତର ଏଲିମେଣ୍ଟ ତିଆରି ହୁଏ, ଯଥା ସିଲିକନ୍, ସଲ୍‌ଫର ଆଉ କାଲ୍‌ସିଅମ୍।ଶେଷରେ ଲୌହ।ଲୁହା ଅଣୁ ତିଆରିର ମିଶ୍ରଣ-ପ୍ରକ୍ରିୟାରେ ଯେତିକି ଶକ୍ତି ବ୍ୟୟ ହୁଏ ଲୌହ ଅଣୁ ସେତିକି ଶକ୍ତି ହିଁ ତିଆରି କରେ – ଅର୍ଥାତ୍ ତାରକାଟି ଦୁର୍ବଳ ହୋଇଯାଏ।ତାରକାଟି ବହୁ ବଡ଼ ହୋଇଥିଲେ ନିଜ କେନ୍ଦ୍ର ଉପରେ ଲଦିହୋଇଯାଏ, ଭୁଶୁଡ଼ି ପଡ଼େ – ଏକ ସୁପରନୋଭା ବିସ୍ଫୋରଣ ହୁଏ, ସୁପରସୋନିକ୍ ଗତିରେ ଲୌହ ଅଣୁଗୁଡିକ ବିଛୁଡ଼ିହୋଇଯାଏ, ଯାହା ନୂଆ ସୌରମଣ୍ଡଳ (ସୋଲାର ସିଷ୍ଟମ) ତିଆରିକରେ।ତୁମ କଡ଼େଇରେ, ତୁମ ତାଉଆରେ, ତୁମ ଚାବିକାଠିରେ ଆଉ ତୁମ ରକ୍ତରେ ଯେଉଁ ଲୁହା ଅଛି ସେସବୁ ଏହି ମହାକାଶୀୟ ସ୍ଫୋଟକର ଟିକି ଟିକି ଟୁକୁରା।ସେହି ସ୍ଫୋଟକ ବି ଅଙ୍ଗାର, ଯବକ୍ଷାରଜାନ, ଅମ୍ଳଜାନ ଆଦି ଜୀବନର ବିଭିନ୍ନ ଉପାଦାନ ତିଆରିକରେ, ଯାହା ସୂର୍ଯ୍ୟ, ପୃଥିବୀ ଓ ପରିଶେଷରେ ତୁମକୁ ତିଆରିକରେ।

ଏବେ ତୁମର ସୌଖୀନ ଜୀବନ ତୁମକୁ ଧ୍ୱଂସକରିପାରେ।କାମ ଗୋଟିଏ ଦିଗରେ ଭଲ ଫଳ ଦେଖାଉଥିଲେ ବି ଅନ୍ୟ କୌଣସି ଅଜଣା ଦିଗରେ ଖରାପ ହୋଇପାରେ– ଏହାକୁ ଅନିଚ୍ଛାକୃତ ପରିଣାମ କୁହାଯାଏ।ରଙ୍ଗ, ନମନୀୟତା, ଟାଣପଣିଆ ଆଉ ସୂର୍ଯ୍ୟାଲୋକରେ ନଷ୍ଟ ନ ହେବାର ଗୁଣ ମଣିଷକୁ ପ୍ଲାଷ୍ଟିକ୍‌ପ୍ରିୟ କରିଦେଇଛି।ପ୍ଲାଷ୍ଟିକ୍ ପ୍ରାୟ ୧୬୦୦୦ କେମିକାଲରେ ତିଆରି – ତହିଁରୁ ୪୨୦୦ କେମିକାଲ କର୍କଟ, ହୃଦ୍‌ରୋଗ, ହର୍‌ମୋନ୍ କ୍ଷରଣରେ ବ୍ୟତିକ୍ରମ ଆଣେ।କାଚ ଆଉ ଆଲୁମିନିୟମ ଯେପରି ନୂଆ ନୂଆ ରୂପରେ ବ୍ୟବହାର ହୋଇପାରେ, ପ୍ଲାଷ୍ଟିକ୍ ସେପରି ହୋଇପାରେନାହିଁ, ପ୍ଲାଷ୍ଟିକ୍ ହୋଇରହେ।ପ୍ଲାଷ୍ଟିକ୍‌ର ପରିମାଣ ବଢ଼ିଚାଲେ – ଦୁଇ ତିନି ଥର ବ୍ୟବହାର ପରେ କନା ପରି ହୋଇଯାଏ, ଶେଷରେ ପୋଡ଼ାଯାଏ ବା ଖାଲରେ ପୋତାଯାଏ, ହେଲେ ବି ପ୍ଲାଷ୍ଟିକ୍ ନଷ୍ଟ ହୁଏ ନାହିଁ, ବରଂ ପରିବେଶରେ ମିଶେ।ପ୍ଲାଷ୍ଟିକ୍ ଜିନିଷରୁ ଟିକି ଟିକି ଝଡୁଥିବା ପ୍ଲାଷ୍ଟିକ୍, ମାଇକ୍ରୋପ୍ଲାଷ୍ଟିକ୍ ଅଦୃଶ୍ୟ କଣିକା ରୂପେ ମଣିଷର ସବୁ ଅଙ୍ଗରେ ପଶିଲାଣି, କେବଳ ଫୁସ୍‌ଫୁସ୍, ରକ୍ତ, ମସ୍ତିଷ୍କ ନୁହେଁ, ପୁରୁଷର ଶୁକ୍ର ଓ ନାରୀର ଅଣ୍ଡକୋଷରେ ପଶିଲାଣି, ମାଆର ସ୍ତନ-କ୍ଷୀରରେ ବି।ଦ୍ୱାରକାରେ ଯଦୁବଂଶକୁ ଧ୍ୱଂସ କରିଥିବା ମୂଷଳ ଭଳି ଏ ପ୍ଲାଷ୍ଟିକ୍ ନୁହେଁ ତ! ଆମେ ଯେଉଁ ଲୋକଙ୍କୁ ନିର୍ବାଚିତ କରିଛୁ ସେହିମାନଙ୍କ ହାତରେ ଅଛି ଏ ମୂଷଳକୁ ନଷ୍ଟ କରିବାର କ୍ଷମତା, ସେମାନେ ହିଁ ଆଇନ ପ୍ରଣୟନକରି ପ୍ଲାଷ୍ଟିକ୍ ତିଆରି ବନ୍ଦ କରିପାରିବେ, ମହଜୁଦ ଥିବା ପ୍ଲାଷ୍ଟିକ୍‌କୁ ଗଭୀର ଗର୍ତ୍ତରେ ପୋତିଦେବାର ବନ୍ଦୋବସ୍ତ କରିପାରିବେ।ନ ହେଲେ ମଣିଷ ବଂଶ ବିକଳାଙ୍ଗ ହୋଇ ଏକ ନୂତନ ପ୍ରଜାତି ହୋଇଯିବନି ତ!

sahadevas@yahoo.com

# ଚାଷଜମିରେ ନଡ଼ାପୋଡ଼ି



ଡି. ଶୁଭମ୍

ସମୟ ଥିଲା ନଡ଼ା ବିଭିନ୍ନ କାର୍ଯ୍ୟରେ ବ୍ୟବହାର ହେଉଥିଲା। ସମୟକ୍ରମେ ଏହା ଅଦରକାରୀ ହୋଇଗଲା ଏବଂ ଲୋକେ ନଡ଼ାପୋଡ଼ିବା ଆରମ୍ଭକଲେ। ପ୍ରଦୂଷଣର ମାୟାଜାଲରେ ନଡ଼ାପୋଡ଼ି ଏକ ପ୍ରମୁଖ ଅଙ୍ଗ। ଖାଦ୍ୟ ଓ କୃଷିସଂସ୍ଥାର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ବାର୍ଷିକ ୪୫୦ ମିଲିୟନ ଟନ୍‌ର ଫସଲ ଅବଶେଷ ପୋଡ଼ାଯାଉଛି, ଯାହାର ୪୦-୫୦ ପ୍ରତିଶତ କେବଳ ଧାନ ଫସଲ; ଯାହାକି ୧.୨ ମିଲିୟନ ଟନ ମିଥେନ ଗ୍ୟାସ ନିର୍ଗତକରି ବାୟୁମଣ୍ଡଳରେ ମିଶାଉଛି।

ସବୁଜ ବିପ୍ଳବର ପରେ ପରେ ଯେବେ ଯନ୍ତ୍ର ସଭ୍ୟତା ଆମ ଅର୍ଥନୀତିରେ ମୁଣ୍ଡଟେକିଲା ସେବେ ଖାଦ୍ୟ ଖାଇବାର ଆବଶ୍ୟକତା ସେତିକି ବଢ଼ିଚାଲିଲା। ୨୦୫୦ ସୁଦ୍ଧା ସାରା ବିଶ୍ୱରେ ୯ ବିଲିୟନ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ପାଖପାଖି ୭୦ ପ୍ରତିଶତରୁ ଅଧିକ ଉତ୍ପାଦନ କରିବାର ଆବଶ୍ୟକତା ରହିଛି। ଓଡ଼ିଶାରେ ଧାନଚାଷ ମୋଟ ଖରିଫ କ୍ଷେତ୍ରର ପ୍ରାୟ ୬୦ ପ୍ରତିଶତ। ୨୦୧୯-୨୦ ରେ ଧାନର ମୋଟ କ୍ଷେତ୍ର ୩୯.୪ ଲକ୍ଷ ହେକ୍ଟର ଥିବାବେଳେ ୨୦୨୩-୨୪ରେ ଏହା ୪୦.୯ ଲକ୍ଷ ହେକ୍ଟରରେ ପହଞ୍ଚିଛି। ଆମ ରାଜ୍ୟର ପ୍ରମୁଖ ଫସଲ ଭାବରେ ଧାନ ଯେତିକି ଆଦୃତ ହୋଇଛି, ଧାନ ଅମଳ ପରେ ନଡ଼ା ସେତିକି ପରିମାଣରେ ଆଦୃତି ଲାଭ କରିପାରୁନାହିଁ। ଭାରତରେ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ଓଡ଼ିଶା ତଥା ପୂର୍ବଭାରତର ଅନେକ ରାଜ୍ୟରେ ଏମିତି ନଡ଼ାପୋଡ଼ି ଅଧିକ ଦେଖାଯାଏ। ବର୍ତ୍ତମାନ ସମୟରେ ଚାଷକରିବା ଯେତିକି କଷ୍ଟ ଚାଷ ପରେ ବିକ୍ରିକଲାବେଳକୁ ଦି ଗୁଣା କଷ୍ଟ। ବୋଝ ଉପରେ ନଳିତାବିଡ଼ା। ଚାଷ ବେଳେ ସାର, କୀଟନାଶକ ଆଉ ଫସଲ ଅମଳ ପରେ ଅଧିକ ମଜୁରି, ପରବର୍ତ୍ତୀ ଫସଲ ପାଇଁ ସମୟ କମ୍ ତଥା ସଚେତନତା ଅଭାବରୁ ଚାଷୀମାନେ ବିକଳ୍ପ ସ୍ୱରୂପ ନଡ଼ାପୋଡ଼ିକୁ ଗ୍ରହଣ କରିଥାନ୍ତି। କିନ୍ତୁ ଏହା ପ୍ରଭାବରେ ଭାରତର ବାର୍ଷିକ ବାୟୁ ପ୍ରଦୂଷଣର ମାତ୍ରା ୧୫-୨୦ ପ୍ରତିଶତ ବଢ଼ିଥାଏ। ମାଟିର ଉପରଭାଗରେ ଉପକାରୀ ଅଣୁଜୀବମାନେ ରହି ମାଟିକୁ ହାଲୁକା କରନ୍ତି, ମାନ ବଢ଼ାନ୍ତି। କିନ୍ତୁ ନଡ଼ାପୋଡ଼ି ପ୍ରଭାବରେ ଯେଉଁ ଉତ୍ତପ୍ତ ତାପମାତ୍ରା ସୃଷ୍ଟିହୁଏ, ତାହା ଏହି ଅଣୁଜୀବଙ୍କ ବିନାଶର କାରଣ ସାଜେ। ଏହାର ପ୍ରଭାବରେ ଅଙ୍ଗାରକାମ୍ଳ, ମିଥେନ୍, ନାଇଟ୍ରସ୍ ଅକ୍ସାଇଡ୍ ପ୍ରଭୃତି ଗ୍ୟାସ ନିର୍ଗତହୁଏ ଯାହାକି ସବୁଜଗୃହ ଗ୍ୟାସ ଭାବେ ପରିଚିତ। ଏହା ପୃଥିବୀ ପୃଷ୍ଠର ତାପମାତ୍ରା ବୃଦ୍ଧିକରେ। ଏବେ ଋତୁଚକ୍ରରେ ଜଳବାୟୁ ପରିବର୍ତ୍ତନର ସଙ୍କଟ ଅନୁଭବ କରୁଛେ। ଜୈବ ବିବିଧତା ଆଜି ବିପର୍ଯ୍ୟସ୍ତ। ଏହି ନଡ଼ାପୋଡ଼ି ମାଟିର ପୋଷକତତ୍ତ୍ୱ ସନ୍ତୁଳନକୁ ବିଗାଡ଼ିଦିଏ। ଫଳସ୍ୱରୂପ ନାଇଟ୍ରୋଜେନ୍ ୮୦-୮୫ ପ୍ରତିଶତ, ଫସ୍‌ଫରସ୍ ୨୫-୩୦ ପ୍ରତିଶତ, ପୋଟାସିୟମ ୨୦-୨୫ ପ୍ରତିଶତ ତଥା ସଲ୍‌ଫର ୫୦ ପ୍ରତିଶତ ପାଖାପାଖି ନଷ୍ଟହୁଏ। ମାଟିର ଜୈବିକ ଅଙ୍ଗାରକର ମାତ୍ରା ମଧ୍ୟ ହ୍ରାସହୁଏ। ଏହା ପ୍ରଭାବରେ ନିର୍ଗତ ହେଉଥିବା ମିଥେନ ଓ ନାଇଟ୍ରସ୍ ଅକ୍ସାଇଡ୍ ଅଙ୍ଗାରକାମ୍ଳଠାରୁ ୨୫-୨୫୦ ଗୁଣ ଅଧିକ କ୍ଷତିକାରକ। ଜୈବିକଚାଷ ଓ ଜୈବିକ ପ୍ରମାଣନ ଦିଗରେ ଏ ନଡ଼ା ପୋଡ଼ିକୁ କୌଣସି ପ୍ରକାରରେ ଅନୁମତି ଦିଆଯାଏ ନାହିଁ।



ମାଟିର ସ୍ୱାସ୍ଥ୍ୟର ଅବନତିଠାରୁ ଆରମ୍ଭକରି ମଣିଷର ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ମଧ୍ୟ ପଡ଼ିଥାଏ। ସମ୍ପ୍ରତି ଆପଣମାନେ ଦେଖୁଥିବେ ଗଣମାଧ୍ୟମରେ ପ୍ରତିଦିନ ବାୟୁ ଗୁଣବତ୍ତାର ମାତ୍ରା ଉପରେ ଅନେକ ଖବର ପରିବେଷଣ ହେଉଛି। କେବଳ ଦିଲ୍ଲୀ ନୁହେଁ, ଆମ ରାଜ୍ୟର ଭୁବନେଶ୍ୱର, ତାଳଚେର,ଅନୁଗୋଳ ପରି ଅଞ୍ଚଳରେ ମଧ୍ୟ ବାୟୁର ଗୁଣବତ୍ତା ଖରାପ ହେବାରେ ଲାଗିଲାଣି। ଏହି ପ୍ରଦୂଷଣର ପ୍ରଭାବରେ ସହରାଞ୍ଚଳରେ ଘନ କୁହୁଡ଼ି ଅନୁଭୂତ ହେଉଛି ଯାହା ମଧ୍ୟରେ କ୍ଷତିକାରକ ଗ୍ୟାସ୍ ମଧ୍ୟ ରହିଥାଏ। ଯେହେତୁ ଅଧିକ ମାତ୍ରାରେ ନଡ଼ାପୋଡ଼ି ହେଉଛି, ମାଟିର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡୁଛି, ମାଟି ଅଧିକ ଖାଦ୍ୟ ଆବଶ୍ୟକ କରୁଛି। ଏଥିପାଇଁ ଫସଲ ଉତ୍ପାଦନ ସମୟରେ ଅଧିକ ସାରର ପ୍ରୟୋଗ ହେଉଛି। ଚାଷୀମାନେ ଏବେ ଧାନକଟା ମେଶିନ ପାଇଁ ଘଣ୍ଟାକୁ ୨୫୦୦ ରୁ ୨୭୦୦ ଟଙ୍କା ଦେଉଛନ୍ତି। ମେଶିନରେ ଧାନ କଟା କମ୍ ସମୟ ଲାଗୁଛି, କିନ୍ତୁ ନଡ଼ା ଅଧିକ ରହୁଛି। ସମୟ କମ୍ ଲାଗିବା ପାଇଁ ଏହାକୁ ଅନେକ ଚାଷୀ ଆପଣାଉଛନ୍ତି। ଫଳସ୍ୱରୂପ ନଡ଼ା ଅବ୍ୟବହୃତ ହୋଇ ପଡ଼ିରହୁଛି। ଆଉ ଏହି ମେଶିନ ପ୍ରଭାବରେ ସେହି ନଡ଼ାଗୁଡ଼ିକରୁ ଆସୁଥିବା ଡିଜେଲ ବାସ୍ନା ପାଇଁ ଗୋରୁ ମଧ୍ୟ ଖାଇବାକୁ ପସନ୍ଦ କରୁନାହାନ୍ତି।

ଏହାର ବିକଳ୍ପ ସ୍ୱରୂପ ପ୍ରଥମରେ ଚାଷୀମାନେ ଏ ଦିଗରେ ସଚେତନ ହେବା ଆବଶ୍ୟକ। ଜମିରେ ରହୁଥିବା ନଡ଼ାକୁ ଆଚ୍ଛାଦନ ଭାବରେ ବ୍ୟବହାର କରିବା ଓ ରୋଟାଭୋଟର ମାଧ୍ୟମରେ ତାହାକୁ ମାଟିରେ ମିଶାଇ ଦେଇପାରିବେ। ଯାହା ମାଟିର ଜଳୀୟ ଅଂଶ ବଢ଼ାଇବା ସହ ଜୈବିକ ଅଙ୍ଗାରକ ନିୟନ୍ତ୍ରଣରେ ସାହାଯ୍ୟ କରିବ। ଦ୍ୱିତୀୟରେ ହାପିସିଡର ବ୍ୟବହାର ଦିଗରେ ଯତ୍ନବାନ୍ ହେବା ସହ ଶୂନ୍ୟକର୍ଷଣ ବା ଜିରୋଟିଲେଜ ଉପରେ ଚାଷୀମାନେ ଗୁରୁତ୍ୱ ଦେଇପାରିବେ। ଏକକ ଫସଲ ଉପରେ ଗୁରୁତ୍ୱ ନ ଦେଇ ଆମେ ଫସଲ ବିବିଧିକରଣକୁ ପ୍ରାଧାନ୍ୟ ଦେବା। ଅତ୍ୟଧିକ ଧାନ ପଛରେ ପାଗଳ ନ ହେଇ ଅନ୍ୟ ତୈଳବୀଜ ଓ ଡାଲିଜାତୀୟ ଫସଲ ଉପରେ ମଧ୍ୟ ଧ୍ୟାନ ଦେଇପାରିବା। ତୃତୀୟରେ ନଡ଼ାକୁ ଛତୁଭିତ୍ତିକ ଉଦ୍ୟୋଗରେ ବ୍ୟବହାର କରିପାରିବେ। ଚତୁର୍ଥରେ ଏ ନଡ଼ାଗୁଡ଼ିକୁ କମ୍ପୋଷ୍ଟ ତଥା ଅନ୍ୟ ଜୈବିକ ଖତ ତିଆରିରେ ବ୍ୟବହାର କରାଯାଇପାରିବ। ଚାଷୀମାନେ ନିଜେ ପ୍ୟାକେଜିଂକରି ଏହାକୁ ବିପଣନ କରିପାରିବେ। ପଞ୍ଚମରେ ଗୋରୁଙ୍କ ଖାଦ୍ୟ ଭାବରେ ଏହାକୁ ଆମେ ବ୍ୟବହାର କରିପାରିବା ସହ ବାୟୋଗ୍ୟାସ୍‌ରେ ମଧ୍ୟ ଏହାକୁ ଭାଗୀଦାରି କରିପାରିବା। ଷଷ୍ଠରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ଏ ଦିଗରେ କର୍ମଶାଳା ଆୟୋଜନକରି ନଡ଼ାପୋଡ଼ିର କୁପ୍ରଭାବ ଉପରେ ଚାଷୀମାନଙ୍କୁ ଭିଡିଓଭିତ୍ତିକ ତଥ୍ୟ ଉପସ୍ଥାପନ କରିପାରିବେ।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର**
**ମୋ: ୯୪୩୮୪୬୭୦୭୯**

## ଏଇ ଭାରତରେ

ଅରୁଣାଚଳ ପ୍ରଦେଶ ପାକ୍କେ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲରେ ରହୁଥିବା ବିଭିନ୍ନ ରଙ୍ଗ ତଥା ପ୍ରଜାତିର ହର୍ନବିଲ ପକ୍ଷୀର ବ୍ୟାପକ ଶିକାର ହେତୁ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚିଗଲା। ବିଶେଷକରି ମାଂସ ଓ ଅଣ୍ଡା ପାଇଁ ସ୍ଥାନୀୟ ଅଞ୍ଚଳର ନାଇଶି ସମ୍ପ୍ରଦାୟର ଆଦିବାସୀ ଏହି ଜାତୀୟ ପକ୍ଷୀଙ୍କୁ ଶିକାର କରିଥାନ୍ତି। ତେବେ ଏହି ପକ୍ଷୀଙ୍କ ଜୀବନ ରକ୍ଷା ଲାଗି ଘୋରା ଆଭେ ସୋସାଇଟି ଏନ୍‌ଜିଓ, ନେଚର କଞ୍ଜରଭେଶନ ଫାଉଣ୍ଡେଶନ ତଥା ଅରୁଣାଚଳପ୍ରଦେଶ ଜଙ୍ଗଲ ବିଭାଗ ପ୍ରଥମେ ହର୍ନବିଲଙ୍କ ଜୀବନ ରକ୍ଷା ପାଇଁ ପଦକ୍ଷେପ ନେଇଥିଲେ। ପରେ ଏମାନଙ୍କ ସହ ପାକ୍କେ ପଗା ହର୍ନବିଲ ଫେଷ୍ଟିଭାଲ କମିଟି ସାମିଲ ହୋଇଛନ୍ତି। ଏହା ସହ ସ୍ଥାନୀୟ ଆଦିବାସୀମାନେ ପକ୍ଷୀ ବାସସ୍ଥଳୀ ସଂରକ୍ଷକ ଭାବେ କାମ କରୁଛନ୍ତି। ଏମାନେ ହର୍ନବିଲ ଶିକାର ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସେମାନଙ୍କ ଛୁଆକୁ ବସାରୁ ଉଦ୍ଧାର କରି ଯତ୍ନ ନେଉଛନ୍ତି। ଏବେ ସୁଦ୍ଧା ୨୩୮ଟି ହର୍ନବିଲ ଛୁଆକୁ ବଡ଼ କରି ଜଙ୍ଗଲରେ ଛାଡ଼ି ସାରିଲେଣି। କେବଳ ଏତିକି ନୁହେଁ ଏହି ପକ୍ଷୀଙ୍କ ସୁରକ୍ଷିତ ବାସସ୍ଥଳୀ ସକାଶେ ବନ ବିଭାଗ ଓ ଆଦିବାସୀମାନେ ଗଛ ଲଗାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ଫେବୃଆରୀ ୧୯୭୭

- ଭାରତ ସରକାର ୯୧ କୋଟି ଟଙ୍କା ଖର୍ଚ୍ଚରେ ସ୍ଥାପନ ହେବାକୁ ଯାଉଥିବା ମାଲାଞ୍ଜଖଣ୍ଡ ତମ୍ବା ପରିକଳ୍ପନାକୁ ମଞ୍ଜୁରୀ ଦେଇଛନ୍ତି।
- ଦୁର୍ନୀତି ଅଭିଯୋଗରେ ଦଣ୍ଡିତ ବ୍ୟକ୍ତିମାନେ ୬ ବର୍ଷ ପାଇଁ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ରାଷ୍ଟ୍ରପତି ଏକ ଅର୍ଡିନାନ୍ସ ଜାରି କରିଛନ୍ତି।

## ଚିରନ୍ତନୀ

ଚିରନ୍ତନ କୁହୁ ଆଜି
ଜାଗେ ମମ ପ୍ରାଣେ
ମୂକର ଫିଟଇ ମୁଖ
ନବ ନବ ଗାନେ ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବୁଲା କୁକୁରଙ୍କୁ ପୋଷ୍ୟ ଗ୍ରହଣ

ମହାଶୟ,

ଏବେ ଲୋକମାନେ ରାସ୍ତାଘାଟରେ ବୁଲା କୁକୁରଙ୍କୁ ଖାଦ୍ୟ ଦେଉଛନ୍ତି । ସେମାନେ ଏବଂ ଅନ୍ୟମାନେ ସ୍ୱେଚ୍ଛାକୃତ ଭାବେ ବୁଲା କୁକୁରମାନଙ୍କୁ ପୋଷ୍ୟ ଗ୍ରହଣ କରିବାକୁ ଅଦାଲତଙ୍କ ପ୍ରସ୍ତାବ ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଏଥିରେ ଦାୟିତ୍ୱ ରହିଛି। ଦ୍ୱିତୀୟତଃ ବୁଲା କୁକୁରଙ୍କୁ ଯେଉଁମାନେ ପୋଷ୍ୟ କରନ୍ତି ସେମାନେ ଛୁଆ କୁକୁର ପ୍ରତି ଆଗ୍ରହ ରଖି ତାକୁ ପୋଷନ୍ତି । ତେବେ ବନ୍ଧ୍ୟାକରଣ ବ୍ୟବସ୍ଥା ହେଲେ ଆଉ କୁକୁର ବଂଶ ରହିବ ତ ? ଗୋଶାଳା ଭଳି ପଞ୍ଜୀକୃତ ବୁଲା କୁକୁର ଆଶ୍ରୟସ୍ଥଳ ପାଇଁ ଆର୍ଥିକ ପ୍ରୋତ୍ସାହନ ଅଛି ବୋଲି କୁହାଗଲା ବେଳେ ଗୋଟିକିଆ ବୁଲାକୁକୁର ରଖିବା ଲୋକଙ୍କୁ ଅର୍ଥ ମିଳିବ କି ? ତୃତୀୟତଃ ରୋବୋଟିକ୍ କୁକୁର ଆଧୁନିକ ଜ୍ଞାନକୌଶଳ ଉପଯୋଗୀ ହେବା ବେଳେ ବୁଲା କୁକୁର ପାଳି ତା'ର ମଳମୂତ୍ରରେ ଘାଣ୍ଟିହେବାକୁ କେତେ ଜଣ ବା ପସନ୍ଦ କରିବେ । ଉପଦେଶ ଓ ପ୍ରସ୍ତାବ ଉପସ୍ଥାପନ ସହଜ, କିନ୍ତୁ ତା'ର ପରିପାଳନ ଭାରି କଷ୍ଟ।

–ଡି. ପି. ତ୍ରିପାଠୀ, ଶ୍ରୀନିବାସ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏପ୍ରିଲ ୧୪ ସୁଦ୍ଧା ସୂଚକର ପରିପୂର୍ଣ୍ଣତା ହାସଲ ନିର୍ଦ୍ଦେଶ

## ନବରଙ୍ଗପୁର ଜିଲାରେ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଶୁଭାରମ୍ଭ ପ୍ରସ୍ତୁତି ବୈଠକ

**ନବରଙ୍ଗପୁର,୩।୨ (ସଦାଶିବ ପ୍ରହରାଜ)**



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଶୋକ ମେହେଟ୍ଟା ସମ୍ମିଳନୀ ଗୃହରେ ସୋମବାର ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସମ୍ପୂର୍ଣ୍ଣତା ଅଭିଯାନ ୨ .୦ ଶୁଭାରମ୍ଭ ପାଇଁ ଏକ ପ୍ରସ୍ତୁତି ବୈଠକ କରାଯାଇଛି। ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଅଧୀନରେ ୫ ପ୍ରମୁଖ ସୂଚକ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ୬ ସୂଚକର ପରିପୂର୍ଣ୍ଣତା ହାସଲ ପାଇଁ ଏକ ବ୍ୟାପକ ଏବଂ ସମୟସୀମାବଦ୍ଧ କାର୍ଯ୍ୟ ଯୋଜନା ଚୂଡ଼ାନ୍ତ କରାଯାଇଥିଲା। ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ବ୍ଲକସ୍ତରୀୟ ଶୁଭାରମ୍ଭ ୪ ତାରିଖ ବୁଧବାର ଡାବୁଗାଁ ବ୍ଲକ୍‌ରେ ଏବଂ ୫ ତାରିଖ ଗୁରୁବାର ତେନ୍ତୁଲିଖୁଣ୍ଟି ବ୍ଲକରେ ଅନୁଷ୍ଠିତ ହେବ। ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଅଧୀନରେ ଜିଲାସ୍ତରୀୟ ଶୁଭାରମ୍ଭ ୬ ଫେବୃଆରୀ ୨୦୨୬ରେ ମିଶନ ଶକ୍ତି ସମ୍ମିଳନୀ ହଲ ନବରଙ୍ଗପୁରରେ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ୧୪ ଏପ୍ରିଲ ସୁଦ୍ଧା ସୂଚକମାନଙ୍କର ଶତ ପ୍ରତିଶତ ପରିପୂର୍ଣ୍ଣତା ହାସଲ କରିବାକୁ ଜିଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ପୁଷ୍ଟିସାର, ଶିକ୍ଷା, କୃଷି ଏବଂ ଆନୁଷଙ୍ଗିକ ସୂଚକାଙ୍କ ଉପରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସକାଳ ୮ଟାରେ ସଚେତନତା ଶୋଭାଯାତ୍ରା କରାଯିବ। ମିଶନ ଶକ୍ତି ସମ୍ମିଳନୀ ଗୃହରେ ଶୁଭାରମ୍ଭ କାର୍ଯ୍ୟକ୍ରମ ସମୟରେ ସରକାରୀ ଯୋଜନା ଏବଂ ସେବା ସମ୍ପର୍କରେ ସଚେତନତା କରିବା ପାଇଁ ୫ଟି ଷ୍ଟଲ୍ ସ୍ଥାପନ କରାଯିବ। ୭ ରୁ ୨୦ ଫେବୃଆରୀ ପର୍ଯ୍ୟନ୍ତ ବ୍ଲକ୍‌ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ କରାଯିବ। ୬ ଫେବୃଆରୀରୁ ନବରଙ୍ଗପୁର ଜିଲାର ସମସ୍ତ ୧୦ ବ୍ଲକରେ ଏକ ସଚେତନତା ରଥ ପରିକ୍ରମା କରିବ। ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମରେ ପରିପୂର୍ଣ୍ଣତା ସୂଚକ ଯଥାକ୍ରମେ ଜନ୍ମ ସମୟରେ ସମସ୍ତ ଜୀବିତ ଶିଶୁଙ୍କ ଓଜନ ସୁନିଶ୍ଚିତ କରିବା, ଯକ୍ଷ୍ମା ନିରାକରଣ ଉପରେ ପଦକ୍ଷେପ, ଅଙ୍ଗନୱାଡି କେନ୍ଦ୍ର / ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାସରେ ଅତିକମ୍‌ରେ ଗୋଟିଏ ସ୍ୱାସ୍ଥ୍ୟ ପରିମଳ ଏବଂ ପୁଷ୍ଟିକର ଦିବସ ଆୟୋଜନ, ପ୍ରାଣୀ ଟିକାକରଣ ଶତପ୍ରତିଶତ, ସ୍କୁଲରେ ବାଳିକା ଶୌଚାଳୟ ସୁନିଶ୍ଚିତ କରିବା। ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ ପରିପୂର୍ଣ୍ଣତା ସୂଚକ ମଧ୍ୟରେ ୬ରୁ ୬ ବର୍ଷ ଶିଶୁମାନଙ୍କୁ ନିୟମିତ ପରିପୂରକ ପୁଷ୍ଟିକର ଖାଦ୍ୟ, ରିପୋର୍ଟିଂ ମାସ ମଧ୍ୟରେ ଅଙ୍ଗନୱାଡି କେନ୍ଦ୍ରରେ ନାମ ଲେଖାଇଥିବା ପିଲାମାନଙ୍କର ଓଜନ ମାପ, ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟକ୍ଷମ ଶୌଚାଳୟ ସୁନିଶ୍ଚିତ, ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳ ସୁବିଧା, ଶତପ୍ରତିଶତ ମଇଁଷି ଟିକାକରଣ ଏବଂ ସ୍କୁଲରେ ବାଳିକା ଶୌଚାଳୟ କାର୍ଯ୍ୟକ୍ଷମ କରିବା ରହିଛି। ଏହି ସଭାରେ ଜିଲା ପରିଷଦ ସିଡିଓ ବିରଞ୍ଚି ନାରାୟଣ ଦରୱାନ୍, ଡିଇଓ ଛତ୍ରପତି ସାହୁ, ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ମଳୟ ତ୍ରିପାଠୀ, ଯୋଜନା ପର୍ଯ୍ୟବେକ୍ଷଣ ବିଭାଗ ଉପନିର୍ଦ୍ଦେଶକ ଐଶ୍ୱର୍ଯ୍ୟ ଭଞ୍ଜ, ଡିଆଇପିଆର୍‌ଓ ମନୋଜ ବେହେରା, ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଏବଂ ପ୍ରୋଗ୍ରାମ ମ୍ୟାନେଜର, ପିରାମଲ ଫାଉଣ୍ଡେସନର ବିକ୍ରମ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଧୋଡ଼ିପାଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଚନ୍ଦାହାଣ୍ଡି, ୩।୨ (ହିମାଂଶୁ ଦାସ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଧୋଡ଼ିପାଣି ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷିକେଶ ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ମନୋରଞ୍ଜନ କର ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ଗଗନ ବିହାରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଝରିଗାଁ ବିଧାୟକ ନରସିଂହ ଭତ୍ରା ଯୋଗ ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, କଦମ ପୂଜାରୀ, ପ୍ରତାପ ଚନ୍ଦ୍ର ବାଘ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ଭତ୍ରା ଶିକ୍ଷୟତ୍ରୀ ଶିକ୍ଷକଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟରେ ଲାଗିରହିଥିବା ସମସ୍ତ ସୁବିଧା ଅସୁବିଧାକୁ ପର୍ଯ୍ୟାୟକ୍ରମେ ଦୂର କରାଯିବ ବୋଲି କହିଥିଲେ। ଅଭିଭାବକମାନେ ପିଲାଙ୍କୁ ମୋବାଇଲ ଫୋନରୁ ଦୂରରେ ରଖିବାକୁ ଉପଦେଶ ଦେଇଥିଲେ। ଅତିଥି କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସଭା ଶେଷରେ ଶିକ୍ଷକ ପ୍ରଦୀପ କୁମାର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସିମାଞ୍ଚଳ ନାୟକ, ସୁଷମା ମେହେର, ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, ଜିତାଞ୍ଜଳି ପଣ୍ଡା, ଶ୍ୟାମଘନ ପାଣି, ପ୍ରଫୁଲ୍ଲ ଧରୁଆ, ସତ୍ୟ ନାୟକ, ଦେବେନ୍ଦ୍ର ନାୟକଙ୍କ ସହ ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗଦେଇଥିଲେ। ସଭା ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା।

# ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି ଲୋକେ

## ଦୁର୍ଗମ ଅଞ୍ଚଳରେ ଆବଶ୍ୟକତା ପୂରଣ କରୁନି ବିଜୁ ଗାଁ ଗାଡ଼ି, ଲକ୍ଷ୍ମୀ ବସ୍

**ସୁନାବେଡ଼ା/ସେମିଳିଗୁଡ଼ା, ୩।୨ (କୃତ୍ତିବାସ ପ୍ରଧାନ/ ବାସୁଦେବ ବରାଡ଼)**

ସରକାର ଗାଁ ଗହଳିର ଲୋକଙ୍କ ଯିବା ଆସିବା ପାଇଁ ବିଭିନ୍ନ ଯୋଜନାରେ ଗାଡ଼ି ମଟର ଯୋଗାଇ ଦେଉଛନ୍ତି। କେତେବେଳେ ବିଜୁ ଗାଁ ଗାଡ଼ି ତ କେତେବେଳେ ଲକ୍ଷ୍ମୀ ବସ୍। ହେଲେ ସେ ଯୋଜନାଗୁଡ଼ିକ ଦୁର୍ଗମ ଅଞ୍ଚଳରେ ଲୋକଙ୍କ ଆବଶ୍ୟକତା ପୂରଣ କରିପାରୁନି। ଏବେବି ଦୁର୍ଗମ ଅଞ୍ଚଳର ଲୋକେ କମାଣ୍ଡର ଗାଡ଼ିର ଛାତ ଓ ବନେଟ୍ ଉପରେ ବସି ବିପଦପୂର୍ଣ୍ଣ ଯାତ୍ରା କରୁଥିବା କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ପାକଝୋଲା ଅଞ୍ଚଳରେ ଦେଖିବାକୁ ମିଳିଛି। ଏଠାରେ ସରକାରଙ୍କ ଲକ୍ଷ୍ମୀ ବସ୍ ଚାଲୁଛି ସତ କିନ୍ତୁ ତାହା ଆବଶ୍ୟକତା ପୂରଣ କରିପାରୁ ନ ଥିବା କେତେଜଣ ଯାତ୍ରୀ କହିଛନ୍ତି। ସେମାନଙ୍କ କହିବା ମୁତାବକ ଏ ଅଞ୍ଚଳରେ ହାତ ଗଣତି କେତୋଟି ଗାଡ଼ି ଚାଲୁଛି। ତେଣୁ ଆମେ ଏହିପରି ଯିବାକୁ ବାଧ୍ୟ ହେଉଛୁ। ଯଦି ସରକାର ଏ ସମସ୍ତ ଅଞ୍ଚଳକୁ ଆବଶ୍ୟକ ମୁତାବକ ବସ୍ ଦିଅନ୍ତେ ତେବେ ଉପକୃତ ହୋଇଥାନ୍ତୁ ବୋଲି କେତେଜଣ ଯାତ୍ରୀ ନିବେଦନ କରିଛନ୍ତି। ସରକାର ଯଦି ଏଥିପ୍ରତି ଯଥେଷ୍ଟ ଦୃଷ୍ଟି ନ ଦିଅନ୍ତି ତେବେ କେତେବେଳେ ଯେ କୌଣସି ଦୁର୍ଘଟଣା ଘଟିବ ତାହା କହିବା କଷ୍ଟକର ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

# ଜିଲାସ୍ତରୀୟ ସେମିନାରରେ ୨୦ ସନ୍ଦର୍ଭ ପାଠ



କାର୍ଯ୍ୟକ୍ରମରେ ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ।

**ନବରଙ୍ଗପୁର,୩।୨ (ସଦାଶିବ ପ୍ରହରାଜ)**

ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ମଙ୍ଗଳବାର ଜିଲାସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଛି। ଏହି ଆଲଚନାଚକ୍ରରେ କୋରାପୁଟ ଇଗ୍ନୁର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲତିକା ମିଶ୍ର, ଡିଇଓ ଛତ୍ରପତି ସାହୁ ଅତିଥିଭାବେ ଯୋଗଦେଇଥିଲେ। ଉଭୟ ଶିକ୍ଷା ସହ ଛାତ୍ରୀଛାତ୍ରମାନଙ୍କର ଆବେଗିକ, ନୈତିକ ବିକାଶକୁ ଗୁରୁତ୍ୱ ଦେବାକୁ କହିଥିଲେ। ସମ୍ମାନିତ ଅତିଥିଭାବେ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଡ. ମନୋରଞ୍ଜନ ପ୍ରଧାନ ଯୋଗଦେଇ ନିଜର କର୍ତ୍ତବ୍ୟ ଠିକ୍ ଭାବରେ ପାଳନକରିବା ଆବଶ୍ୟକ ବୋଲି ପିଲାମାନଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ସଙ୍ଗୀତା ତ୍ରିପାଠୀ, କୋରାପୁଟର ପ୍ରଫେସର ସୁଶାନ୍ତ ମହାରଣା, ବିଦ୍ୟାର୍ଥୀ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ମୁଖ୍ୟ ସତ୍ୟନାରାୟଣ ନାୟକ, ନବରଙ୍ଗପୁର ମହିଳା ମହାବିଦ୍ୟାଳୟର ଡ. ସଞ୍ଜୁକ୍ତା ପଣ୍ଡା, ବିଦ୍ୟାର୍ଥୀ ସ୍ନାତକ ମହାବିଦ୍ୟାଳୟର ଡ. ଭୋଳାନାଥ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଡ. ପ୍ରଦୀପ ମିଶ୍ର, ନବରଙ୍ଗପୁର ଏଡିଇଓ ପ୍ରକାଶ ମହାଲିକ, ଶ୍ରୀକାନ୍ତ ଜାନି, ସୁପ୍ରିୟା ନାୟକ, ଉମରକୋଟ ବିଆଇଇଟି ଅଧ୍ୟକ୍ଷ ନୀଳାଚଳ ମେହେର, ତେନ୍ତୁଲିଖୁଣ୍ଟି ବିଇଓ ସୁଦୀପ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୨୦ ସନ୍ଦର୍ଭ ପାଠ କରାଯାଇଥିଲା। ସବୁଠାରୁ ଭଲ ସନ୍ଦର୍ଭକୁ ୨୪ ଓ ୨୫ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ଜାତୀୟସ୍ତରୀୟ ସେମିନାରରେ ପାଠ କରାଯିବ ବୋଲି ସୂଚନା ମିଳିଛି। ଅନୁଷ୍ଠାନ ଅଧ୍ୟକ୍ଷ ଡ. ଓଁକାର ପଟ୍ଟନାୟକ ଏବଂ ବିକ୍କି ଏକା, ପଲ୍ଲବୀ ସିଂହ, ବି. କରିସ୍ମା, ଈଶ୍ୱର ନାୟକ, ଦୀପ୍ତିରାଣୀ ପାତ୍ର, ସୁବାସ ମିରିଗନ ଏବଂ ହାନୁଦୂଲରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟ୍ରେଡ୍ ଲାଇସେନ୍ସ ନ ଥିବାରୁ ୧୮ ହଜାର ଜରିମାନା

**ନବରଙ୍ଗପୁର,୩।୨ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ସହରର ଦେଇଯାଇଥିବା ୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱର ରାସ୍ତା ଓ ଡ୍ରେନ୍ ଜବରଦଖଲ ଉଚ୍ଛେଦ ପାଇଁ ପୌରପ୍ରଶାସନ ତତ୍ପରତା ଦେଖାଇଛି। ଟ୍ରେଡ୍ ଲାଇସେନ୍ସ ନଥିବା ଦୋକାନୀଙ୍କଠାରୁ ୧୮ ହଜାର ଜରିମାନା ଆଦାୟ କରାଯାଇଛି। ପୌରନିର୍ବାହୀ ଅଧିକାରୀ ଡ. ଅଶୋକ କୁମାର କର୍ଡ, ଅତିରିକ୍ତ ତହସିଲଦାର କୁଶ ଗରାଡ଼, ପୋଲିସ କର୍ମଚାରୀଙ୍କ ସମେତ ପୌରକର୍ମଚାରୀ ଚଢ଼ାଉ କରି ଜବରଦଖଲକାରୀଙ୍କୁ ତାଗିଦ୍ କରିଥିଲେ। ୨୪ ଘଣ୍ଟା ମଧ୍ୟରେ ରାସ୍ତା ଓ ଡ୍ରେନ୍ ଉପରେ ଅବୈଧ ନିର୍ମାଣକୁ ଉଚ୍ଛେଦ ପାଇଁ ନୋଟିସ୍ ଦିଆଯାଇଛି। ଟ୍ରେଡ୍‌ଲାଇସେନ୍ସ ଆବେଦନ କରିବା ସହ ଜବରଦଖଲ ହଟାଇବା ଲାଗି ପୌର ନିର୍ବାହୀ ଅଧିକାରୀ ଡ.ଅଶୋକ କୁମାର କଣ୍ଡ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଟ୍ରଫିକ୍ ସମସ୍ୟାକୁ ନିୟନ୍ତ୍ରଣ କରିବା ସହିତ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରଖି ଆଗାମୀ ଦିନରେ ମଧ ଚଢାଉ ଜାରି ରହିବ ବୋଲି କହିଛନ୍ତି।

# ଜୁଆ ଆଡ୍ଡାରେ ଚଢ଼ାଉ ୭ ଗିରଫ

**ନବରଙ୍ଗପୁର, ୩।୨ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ପୋଲିସ ସୋମବାର ରାତିରେ ନୂଆଗୁଡା କାଜୁ ବାଡ଼ରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଛି। ଘଟଣାସ୍ଥଳରୁ ୭ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ସେଠାରୁ ୪୦ ହଜାର ୫୬୦ ଟଙ୍କା ସହ ୧୦୪ଟି ତାସ ପତ୍ତା ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି। ଏ ନେଇ ନବରଙ୍ଗପୁର ଥାନାରେ କେସ ନଂ ୪୧/୨୦୨୬ରେ ମାମଲା ରୁଜୁ କରାଯାଇଛି। ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରାଙ୍କ ନେତୃତ୍ୱରେ ଥାନାଧିକାରୀ ସମ୍ମିତ ବେହେରା, ଏସ୍‌ଆଇ ସବିର ମହମ୍ମଦ ଓ ଥାନା କେତେଜଣ କର୍ମଚାରୀ ସାମିଲ ହୋଇଥିଲେ। ଏଏସ୍‌ଆଇ ତୁଳସୀ ରାମ ପୂଜାରୀ ମାମଲାର ତଦନ୍ତ କରୁଛନ୍ତି।

# ବିପିନ କୁମାର ବାଗ ଉମରକୋଟ ନୂତନ ଥାନାଧିକାରୀ

**ଉମରକୋଟ, ୩।୨ (ସନ୍ତୋଷ ଶତପଥୀ)**



ନବରଙ୍ଗପୁର ଜିଲା ଉମରକୋଟ ଥାନାରେ ମଙ୍ଗଳବାର ବିପିନ କୁମାର ବାଗ ନୂତନ ଥାନାଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଟ୍ରାଫିକ୍ ସମସ୍ୟା ସମାଧାନ, ଚୋରି ଓ ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ଗାଡ଼ି ଚଳାଚଳ ରୋକିବା, ଦୁର୍ଘଟଣା ରୋକିବା ଦିଗରେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି। ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସ୍ଥାନୀୟ ଲୋକଙ୍କ ସହଯୋଗ ଆବଶ୍ୟକ ବୋଲି ସେ କହିଛନ୍ତି। ପୋଲିସ ପାଟ୍ରୋଲିଂ କଡ଼ାକଡି କରି ଚୋର ରୋକିବା, ଗଞ୍ଜେଇ ଚାଲାଣ ସୂଚନା ମିଳିଲେ ମାଫିଆଙ୍କୁ କାବୁ କରାଯିବ ବୋଲି କହିଛନ୍ତି। ଉମରକୋଟ ପ୍ରେସ୍ କ୍ଲବ ପକ୍ଷରୁ ସଭାପତି ନଳିନୀ ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ସମସ୍ତ ଖବରଦାତା ଥାନାକୁ ଯାଇ ନୂତନ ଥାନାଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।

# ସଂସ୍କାର, ଶୃଙ୍ଖଳାର ଗୁରୁତ୍ୱ ବୁଝାଇଲେ ମନ୍ତ୍ରୀ

## ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଡାବୁଗାଁ ଗସ୍ତ

**ଡାବୁଗାଁ, ୩।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଗସ୍ତ କରିଥିଲେ। ସେ ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଦର୍ଶନ କରିଥିଲେ। ମନ୍ତ୍ରୀ ବିଦ୍ୟାଳୟ ପରିସରରେ ପହଞ୍ଚି ଶିକ୍ଷାର ଗୁଣମାନ, ପାଠପଢ଼ା ପରିବେଶ ଏବଂ ଶିକ୍ଷକ ଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶିଶୁମାନଙ୍କୁ ଶିକ୍ଷା ସହିତ ସଂସ୍କାର, ଶୃଙ୍ଖଳା ଓ ନୀତିମୂଲ୍ୟର ଗୁରୁତ୍ୱ ସମ୍ପର୍କରେ ଉଦବୋଧନ ଦେଇଥିଲେ। ସେ କହିଥିଲେ ଯେ ଭଲ ଶିକ୍ଷା ମାଧ୍ୟମରେ ଶିଶୁମାନେ ଦେଶର ଭବିଷ୍ୟତ ଗଢ଼ିପାରିବେ। ଏହି ଗସ୍ତ ସମୟରେ ବିଡିଓ ସମୀର ପାତ୍ର, ତହସିଲଦାର ଗୀତା ମୁର୍ମୁ, ବିଇଓ ରଶ୍ମିତା ନେତାମ, ଭାଜପା ଜିଲା ସମ୍ପାଦକ ଜେ. ରାଜ ଶେଖର ରାଓ, ମହେଶ ପାତ୍ର, ଡାବୁଗାଁ ବ୍ଲକ ଭାଜପା କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଅଭିଭାବକ ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ଚୌଧୁରୀ, ଗୁରୁମା ଗୁରୁଜୀ ସହ ଛାତ୍ରୀଛାତ୍ରମାନେ ସ୍କୁଲରେ ଥିଲେ।

# ଅପରାଧୀଙ୍କୁ ଧରିବା, ସଚେତନତା କାର୍ଯ୍ୟକ୍ରମ କରିବାକୁ ଗୁରୁତ୍ୱ

## ଖାତିଗୁଡ଼ା ଥାନାରେ ନୂତନ ଥାନାଧିକାରୀଙ୍କ ଯୋଗଦାନ

**ତେନ୍ତୁଲିଖୁଣ୍ଟି, ୩।୨ (ଚିଦାନନ୍ଦ ସାହୁ)**



ନବରଙ୍ଗପୁର ଜିଲା ଖାତିଗୁଡ଼ା ଥାନାରେ ନୂତନ ଥାନାଧିକାରୀ ଭାବେ ବୀରେନ୍ଦ୍ର ବାଗ ମଙ୍ଗଳବାର ଯୋଗଦେଇଛନ୍ତି। ସେ ପୂର୍ବରୁ ବରଗଡ଼ ଜିଲା ପାଇକମାଳରେ କାର୍ଯ୍ୟରତ ଥିଲେ। ଖାତିଗୁଡ଼ା ଥାନା ପୂର୍ବତନ ଆଇଆଇସି ହରିଶ୍ ଗୋଲରିଙ୍କୁ ନବରଙ୍ଗପୁର ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଥିବା ସୂଚନା ମିଳିଛି। ଖାତିଗୁଡ଼ା ଥାନା ଅଞ୍ଚଳରେ ଚୋରି ଡକାୟତି ରୋକି ପୁରଣା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରାଯିବ ବୋଲି ନୂତନ ଥାନାଧିକାରୀ କହିଛନ୍ତି। ଏଥିସହ ଯାନ ବାହାନ ଯାଞ୍ଚ, ନିଶାସକ୍ତଙ୍କୁ ଧରିବା, ଦ୍ରୁତଗତିରେ ଗାଡ଼ି ଚାଳନା ରୋକିବାକୁ ପଦକ୍ଷେପ ନିଆଯିବ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ସଡ଼କ ନିରାପତ୍ତା ଓ ନିଶାଦ୍ରବ୍ୟରୁ ଦୂରେଇ ରହିବା ଉପରେ ସଚେତନତା କାର୍ଯ୍ୟକ୍ରମ କରିବେ ବୋଲି ନୂତନ ଥାନାଧିକାରୀ ମତ ଦେଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ST. XAVIERS PUBLIC SCHOOL
Mundeilo, Parjang, Dhenkanal, Odisha
A Day Boarding & Residential School
Walk-in-Interview for Following Staffs
01. Retired Principal/High School Head Teacher - 01 No.
02. Retired Lecturer/High School Teacher - (PCM & CBZ) 01 No. each
03. Retired Lecturer/High School Teacher - (English) 01 No.
Age limit should not exceed 65 years
Phone: 8260211012, 7477211012

ଆବଶ୍ୟକ
ପେଟ୍ରୋଲ ପମ୍ପରେ ସୁପରଭାଇଜର, Office Assistant, ତେଲ ପକାଇବା Staff ଏବଂ ତେଲ ଟ୍ୟାଙ୍କର ପାଇଁ ହେଲପର ଆବଶ୍ୟକ, ସ୍ଥାନ- ଭୁବନେଶ୍ୱର
9438569494, 9437415530

ଆବଶ୍ୟକ
ଭୁବନେଶ୍ୱରର ଏକ ସ୍ନାକ୍ସ ବିତରକ ପାଇଁ ଯୁବ Sales & Marketing କର୍ମଚାରୀ ଆବଶ୍ୟକ।
ଦରମା ଟ.12,000+ ଇନସେଣ୍ଟିଭ୍।
ନିଜସ୍ୱ ବାଇକ୍ ଆବଶ୍ୟକ।
ଫୋନ୍: 9886365677

URBAN YATRA - TOUR COMPANY
BHUBANESWAR, ODISHA
Positions Open:
• SUPERVISOR
• COOK
• OFFICE BOY
Experience required: 2 years & above
9938012124 | 9439534567
www.urbanyatra.com

APPOINTMENT
CCIE SCHOOL
Behind RTO-1 Office, Bhubaneswar-22
Required : TGT (All Subjects) & P.E.T
Qualification : Graduate with B.Ed
Interested candidates may send their C.V. to: ccieprincipal@gmail.com or submit application form in school office within 15 days.
CONTACT: 9861463006, 0674-2541372

TKIL Industries Pvt. Ltd., Pune
(formerly known as thyssenkrupp Industries India Pvt. Ltd.)
is hiring for Service-O&M Business for Jharsuguda and sites across India
TKIL Industries
WALK-IN-INTERVIEW
POSITIONS:
ENGINEERs to HODs
Operation, Mechanical, Electrical, Instrumentation, Planning
Qualification:
Diploma 8 - 20+ years experience
Bachelor of engineering 5 -20 years experience
Experience:
• Role: Contractual/Permanent
• Mechanical, Instrumentation & Electrical Maintenance of Aluminum Smelter
• Operations & Maintenance of CFBC-based Power Plants
• Mechanical Maintenance of Steel Plant RMHS
Job Location: Jharsuguda, Odisha, Bharuch, Gujarat & Bina, Madhya Pradesh, Near Mumbai and Pan India
Interview Dates: 8 & 9 February 2026 | Timing:09:00am to 06:00pm
Interview Venue: Mehfil Marriage Palace, Motijhran Road near Gousiya Masjid, Motijharan, Sambalpur, Odisha, 768001
Please remember to carry all necessary documents, including your resume, academic certificates, and last 3 months salary slips along with any relevant work experience letters.
To Apply: Share your updated CV on: careers.tkil@tkil.com
Scan QR Code to fill the application form
Website: www.tkil.com

15001/2/2526
ଓଡ଼ିଶା ସରକାର



ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଫେବୃଆରୀ, ୨୦୨୬
ସକାଳ ଘ. ୮ .୩୦ମିନିଟ୍ ସମୟରେ ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସନ୍ଧ୍ୟା ୫ ଘଟିକା ସ୍ଥାନ– ସମ୍ମିଳନୀ କକ୍ଷ, ଲୋକସମ୍ପର୍କ ଭବନ
ଆଲୋଚନା ଚକ୍ର : "ଓଡ଼ିଆ ଅସ୍ମିତା ଓ ମଧୁବାବୁ"
ମୁଖ୍ୟ ବକ୍ତା :- ଶ୍ରୀଯୁକ୍ତ ଗୁରୁକଲ୍ୟାଣ ମହାପାତ୍ର, ମୁଖ୍ୟ ସମ୍ପାଦକ, ଦୈନିକ ସମ୍ବାଦପତ୍ର 'ସମୟ'
ଅତିଥି ବକ୍ତା :- ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ, ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର
ସମ୍ମାନନୀୟ ବକ୍ତା :- ଡଃ ଭାରତୀ ପାଲ, ଅଧୀକ୍ଷକ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍କଳଗୌରବ ମଧୁସୂଦନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ବିନମ୍ର ଅନୁରୋଧ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/25-26/0002

**ଅବକାରୀ ବିଭାଗର ଚଢ଼ାଉ**

ଜୟପୁର,(ପବନ ପାଣିଗ୍ରାହୀ)- ଜୟପୁର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀ ମଦ ଓ ବିଦେଶୀ ମଦ ଜବତ କରାଯାଇଛି। ଡି ପୁରୁଣାପାଣି ଗ୍ରାମରୁ ଜଣେ ମହିଳା ଅଭିଯୁକ୍ତଠାରୁ ୧୧ ଲିଟର ମଦ, ଜୟପୁର ସଦରଥାନା ଟାଙ୍କୁଗୁଡାରୁ ରଣ୍ଡାପାଲି ନିକଟରେ ବଳରାମ ହରିଜନଙ୍କଠାରୁ ୬ଲିଟର ବିୟର ଜବତ କରିଛନ୍ତି। ସାନକାଉଡି ଅଞ୍ଚଳର ବିପ୍ଳବଠାରୁ ୧୨ ଲିଟର ଦେଶୀ ମଦ ଜବତ କରିଛନ୍ତି। ଜୟପୁର ସଦରଥାନା କଣ୍ଡାପୁଟ ଗ୍ରାମରୁ ନୂଆଗୁଡା ନିକଟରେ ଜୁଲି ପୂଜାରୀ, ତ୍ରିନାଥ ବାଘ, ଦିଲ୍ଲିପ ହରିଜନ,ପୃଷ୍ଟି ମୁଦୁଲିଙ୍କଠାରୁ ୩୭ ଲିଟର ଦେଶୀ ମଦ ସହ ବାଇକ୍ ଜବତ କରିଥିବା ସୁବ୍ରତ ହିରଣ ସୂଚନା ଦେଇଛନ୍ତି।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ



ମାଲ୍ୟବନ୍ତ ମହୋତ୍ସବ ମଞ୍ଚରେ ଉପସ୍ଥିତ ଅତିଥି ।

## ମାଲ୍ୟବନ୍ତ ମହୋତ୍ସବର ତୃତୀୟ ସନ୍ଧ୍ୟା

ମାଲକାନଗିରି ,୩।୨ (ସୁଚିତ୍ରା ଦାସ)

ମାଲକାନଗିରି ଜିଲାର ଲୋକ ଉତ୍ସବ 'ମାଲ୍ୟବନ୍ତ' ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ। ଗାୟକ କୁଲଦୀପ ପଟ୍ଟନାୟକଙ୍କ ଗୀତ ଓ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଜୋଷୀଙ୍କ ନୃତ୍ୟରେ ମତୁଆଲା ହୋଇଥିଲେ ଦର୍ଶକ। ଓଲିଉଡ୍ ଗାୟକ ଓ ଗାୟିକାଙ୍କ ସୁମଧୁର ଗୀତ ଏବଂ ଓଡିଶୀ ନୃତ୍ୟ ସହ ବିହୁ, ରାଜସ୍ଥାନର ଘୁମର ନୃତ୍ୟ, ମାଲକାନଗିରି କଳାକାରଙ୍କ ନୃତ୍ୟ ଶୀତୁଆ ସନ୍ଧ୍ୟାରେ ଦର୍ଶକଙ୍କୁ ବିଭୋର କରିଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ ସମସ୍ତ ଜିଲା ପରିଷଦ ସଦସ୍ୟ ସଦସ୍ୟା ମଞ୍ଚାସୀନ ଥିଲେ। ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ଓ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନେ କଳାକାରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପଲ୍ଲିଶ୍ରୀ ମେଳା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ମାଲ୍ୟବନ୍ତ ମଣ୍ଡପ ସହିତ ଜିଲାରେ କଡା ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିଏସଏଫ ଯବାନଙ୍କ ସହିତ ଏସ୍ଓଜି ଓ ଜିଲା ପୋଲିସଙ୍କୁ ମୁତୟନ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି।


କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

# କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ

ଦଶମନ୍ତପୁର, ୩।୨ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସମ୍ମିଳନୀ କକ୍ଷରେ ଦିବ୍ୟାଙ୍ଗମାନଙ୍କ ପାଇଁ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଅଧିକାରୀ ଗୌତମ ଖସଲାଙ୍କ ତତ୍ତ୍ୱାବଧାନରେ ଏବିଡିଓ ସୁଧୀର କୁମାର ବେହେରା, ରାଧାକୃଷ୍ଣ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କ୍ରୀଡା ଅଧ୍ୟାପକ ଆର୍ତ୍ତତ୍ରାଣ ଆଚାର୍ଯ୍ୟ, ଚିକାମ୍ବ ସମିତି ସଭ୍ୟ ପଦ୍ମନାଭ ଜାନିଙ୍କ ସମେତ ୧୬ ପଞ୍ଚାୟତର ସମସ୍ତ ସରପଞ୍ଚ, ୧୭ ବିଦ୍ୟାଳୟର କ୍ରୀଡା ଶିକ୍ଷକ,ଆଇସିଡିଏସ୍ ସୁପରଭାଇଜର, ସମିତି ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗମାନଙ୍କ ପାଇଁ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ୬ତାରିଖରେ ପ୍ରଧାନଶିକ୍ଷକ ବାସ ପ୍ରଧାନୀଙ୍କ ପଡିଆରେ ଆୟୋଜନ ହେବା ନେଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ପ୍ରତି ଅଞ୍ଚଳରୁ ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ପ୍ରମାଣ ପତ୍ର ଥିବା ସହ ଦିବ୍ୟାଙ୍ଗଙ୍କ ବୟସ ୧୬ ବର୍ଷରୁ ଊର୍ଦ୍ଧ୍ୱ ହେବା ଆବଶ୍ୟକ ବୋଲି କୁହାଯାଇଛି। ୫ ତାରିଖ ମଧ୍ୟରେ ପ୍ରତ୍ୟେକ ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକରଣ କରାଯିବା ସହ ଦିବ୍ୟାଙ୍ଗଙ୍କ ସକ୍ଷମ ଅନୁଯାୟୀ ଆୟୋଜିତ ମୋଟ ୨୪ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିପାରିବେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯିବା ସହ ୮ତାରିଖ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ବ୍ୟବସ୍ଥା ରହିଥିବା ସାମାଜିକ ସୁରକ୍ଷା ଅଧିକାରୀ ଖସଲା କହିଛନ୍ତି।

# ଏମ୍ଭି-୫୩ରେ କାଳୀପୂଜା ଆରମ୍ଭ

କୋରୁକୋଣ୍ଡା, ୩।୨ (ଶିବଦତ୍ତ ସାହୁ)

ସବୁଠି ଦୀପାବଳିରେ କାଳୀପୂଜା ହେଉଥିବା ବେଳେ ମାଲକାନଗିରି ଜିଲାରେ ବସବାସ କରୁଥିବା ବାଙ୍ଗୀୟ ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ ଗ୍ରାମରେ ବର୍ଷ ତମାମ ମା'ଙ୍କୁ ଆବାହନ କରାଯାଇଥାଏ। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ପୋଟ୍ରେଲ ପଞ୍ଚାୟତ ଅଧୀନ ଏମ୍ଭି -୫୩ ଗ୍ରାମରେ ମଙ୍ଗଳବାରଠାରୁ ମା' କାଳୀଙ୍କ ପୂଜା ଆରମ୍ଭ ହୋଇଛି। ଗାଁ ପରିମଙ୍ଗଳ କମିଟିର ସଭାପତି ଗୌତମ ସିକଦାର, ସମ୍ପାଦକ ବିଶ୍ୱପତି ବିଶ୍ୱାସ, ନାରାୟଣ ସିକଦାର, ପୂଜା କମିଟିର ସଭାପତି ପରେଶ ସିକଦାର, ୱାର୍ଡମେମ୍ବର ତାପସ ସମସଦାର ଓ ଅନ୍ୟ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଏହି ପୂଜା କରାଯାଉଛି। ଦୀର୍ଘ ବର୍ଷ ଧରି ଗ୍ରାମରେ ଚାଲି ଆସୁଥିବା ଏପରି ଭିନ୍ନ ପରମ୍ପରା ଶତାଧିକ ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଅବସରରେ ଗ୍ରାମର ମହିଳାମାନେ ଏକ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ମନ୍ଦିରରେ ଶୁଭ କଳସ ସ୍ଥାପନ କରିଥିଲେ। ପାରମ୍ପରିକ ରୀତିନୀତି ଅନୁସାରେ ମା' କାଳୀଙ୍କ ପୂଜା କରାଯାଇଥିଲା। ଏହି ପୂଜା ଦେଖିବା ପାଇଁ ଏମ୍ଭି -୫୩ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଏହି ପୂଜା ୩ଦିନ ଧରି ବହୁ ଆଡମ୍ବର ସହିତ ପାଳନ କରାଯିବ। ଲୋକଙ୍କ ମନୋରଞ୍ଜନ ପାଇଁ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପୂଜା ମଣ୍ଡପ ନିକଟରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଗାଁ କମିଟିର ସଭାପତି ଗୌତମ କହିଛନ୍ତି।


ମା' କାଳୀଙ୍କୁ ପୂଜା କରାଯାଉଛି।

# ଉନ୍ନୟନ କାର୍ଯ୍ୟ ଉଦ୍‌ଘାଟନ କଲେ ବିଧାୟକ

କୁନ୍ଦୁରା,୩।୨ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅଧୀନ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର କୋଟପାଡ଼ ବିଧାୟକ ରୁପୁ ଭତ୍ରା ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। କୁନ୍ଦୁରା ବ୍ଲକ ଅଧୀନ ଫୁଲଭଟ୍ଟାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଶୁଭାରମ୍ଭ କରିଛନ୍ତି। ସାଗର ଗୁଡାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି। ଦୀର୍ଘ ଦିନ ଧରି ଲୋକଙ୍କ ଅଭିଯୋଗ ପ୍ରକାରେ ସାଗରଗୁଡା ଛକରେ ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କ ନାଁରେ ଛକ ରହିବା ସହ ସେଠାରେ ପ୍ରତିମୂର୍ତ୍ତି ନିର୍ମାଣ ନେଇ ରହିଥିଲା। ଏହାକୁ ଦୀର୍ଘ ଦିନ କୋଟପାଡ଼ ବିଧାୟକଙ୍କ ପ୍ରଚେଷ୍ଟାରେ ଅଭିଯୋଗ ମୁତାବକ କାର୍ଯ୍ୟ ହୋଇଛି। ଫୁପୁଗାଁ ପଞ୍ଚାୟତ ସଦର ମହକୁମାରେ ରହିଥିବା ଦେଇ ମନ୍ଦିର ନିକଟରେ ନିର୍ମାଣ ହୋଇଥିବା ଏକ ଭୋଗ ମଣ୍ଡପ, ପାଉଁସି ପଞ୍ଚାୟତ ବେଢା ପାଉଁସି ମହାଦେବ ମନ୍ଦିରରେ ଭାଗବତ ଟୁଙ୍ଗି ଉଦଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଡିଆ, ବିଡିଓ ପି.ମନସ୍ୱିତା, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଏମ୍‌ପି ପ୍ରତିନିଧି ଅମ୍ବୁ ପାତ୍ର, ଅଭିଳାଷ ବେହେରା, ତ୍ରିନାଥ ନାୟକ, କୃଷ୍ଣ ସମରଥ,ଉପେନ୍ଦ୍ର ଭଟ୍ଟ, ରବି ବିଷୋୟୀ ଓଲଛମନ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।


କୋଟପାଡ଼ ବିଧାୟକ ରୁପୁ ଭତ୍ରା କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ।

# ପାୱାର ଲିଫ୍ଟିଂରେ ବସନ୍ତଙ୍କୁ ରୌପ୍ୟ




କୋରାପୁଟ,୩।୨ (ଅମିତାଭ ବେହେରା)

ଚେନ୍ନାଇରେ ଡାକ ବିଭାଗ ଦ୍ୱାରା ଆୟୋଜିତ ସର୍ବଭାରତୀୟ ପାୱାର ଲିଫ୍ଟିଂ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛନ୍ତି। କୋରାପୁଟ ଡାକ ବିଭାଗ କାର୍ଯ୍ୟରତ ବସନ୍ତ କୁମାର ମେଲେକା ପାୱାର ଲିଫ୍ଟିଂରେ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। କୋରାପୁଟ ଜଲା ତଥା ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଗତ ମାସ ୨୭-୩୦ ତାରିଖ ଯାଏ ଡାକ ବିଭାଗର ତାମିଲନାଡୁ ସର୍କଲ ଦ୍ୱାରା ଚେନ୍ନାଇରେ ଆୟୋଜିତ ପ୍ରତିଯୋଗିତାରେ ବସନ୍ତ ମୋଟ ୪୬୦ କିଲୋଗ୍ରାମ ବର୍ଗରେ ଭାଗ ନେଇଥିଲେ। ସମାରୋହରେ ଡାକ ବିଭାଗ ତାମିଲନାଡୁ ସର୍କଲ ମୁଖ୍ୟ ପୋଷ୍ଟ ମାଷ୍ଟର ଜେନେରାଲ ମିସ ମାରିଆନା ଥୋମାସ ବସନ୍ତଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବସନ୍ତ କର୍ମ କ୍ଷେତ୍ରରେ ଯୋଗଦେବା ପରେ କୋରାପୁଟ ମୁଖ୍ୟ କାର୍ଯ୍ୟାଳୟର ପୋଷ୍ଟ ମାଷ୍ଟର ଅନାମ ଚରଣ ପାତ୍ର ଓ ଅନ୍ୟମାନେ ସମ୍ବର୍ଦ୍ଧନା ଜଣାଇଥିଲେ।

# ପାହାଡ଼ ଭିତରେ ବନ୍ଦୀ ଧଉଡ଼ାଗୁଡ଼ା ଗାଁ

କୋରୁକୋଣ୍ଡା,୩।୨ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ସୋମନାଥପୁର ପଞ୍ଚାୟତ ଅଧୀନ ଧଉଡ଼ାଗୁଡ଼ା ଗାଁ ପାହାଡ଼ ଘେରରେ ବନ୍ଦି ଅବସ୍ଥାରେ ରହିଛି। ଏଠାକାର ଆଦିବାସୀ ବହୁ ସମସ୍ୟା ଭିତରେ ରହିଥିବା ବେଳେ ପ୍ରଶାସନ କିମ୍ବା ନିର୍ବାଚିତ ଜନ ପ୍ରତିନିଧିମାନଙ୍କର ତାଙ୍କ ଉପରେ ନଜର ପଡୁ ନ ଥିବା ଅଭିଯୋଗ ହୋଇଛି। ଦୂଷିତ ଝରଣା ପାଣି ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଥିବା ବେଳେ ମୌଳିକ ସୁବିଧାରୁ ସେମାନେ ଏବେବି ବଞ୍ଚିତ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ଅଧୀନରେ ଧଉଡ଼ାଗୁଡା ଗାଁ ରହିଛି। କୁମ୍ଭାରଗୁଡା, ସୀମାଗନ୍ଧୀ କିମ୍ବା କଣ୍ଡେଲ ଗ୍ରାମ ଦେଇ ପ୍ରାୟ ୭ରୁ ୮ କି.ମି ଘଞ୍ଚ ପାହାଡିଆ ରାସ୍ତା ଦେଇ ପାହାଡ଼ ଶିଖରକୁ ଗଲେ ପଡେ ଧଉଡ଼ାଗୁଡ଼ା ଗାଁ। ଏହି ଗାଁରେ ରହିଛି ଦୁଇଟି ବସ୍ତି। ପଞ୍ଚାୟତ କାର୍ଯ୍ୟାଳୟରୁ ପ୍ରାୟ ୧୨ କି.ମି ଦୂର ପାହାଡ଼ ଶିଖରରେ ଥିବା ଏହି ଗାଁର ତଳ ସାହିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରି ଆସୁଛନ୍ତି। କିନ୍ତୁ ସେମାନଙ୍କ ଯାତାୟତ ପାଇଁ ପକ୍କା ରାସ୍ତାଟିଏ ନାହିଁ। ଜଙ୍ଗଲିଆ ଖାଲ ଖମା ରାସ୍ତା ହିଁ ଶେଷ ଭରଷା। ଗ୍ରାମବାସୀ ବହୁବାର ଅଭିଯୋଗ କରିବା ପରେ ପ୍ରାୟ ୫ ବର୍ଷ ପୂର୍ବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ବିଡମ୍ବନାର ବିଷୟ କାମ ଆରମ୍ଭ ହୋଇ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ତାହା ସରୁନାହିଁ। ସରକାରଙ୍କ ପକ୍ଷରୁ ମିଳୁଥିବା ଭତ୍ତା, ଚାଉଳ ଓ ଅନ୍ୟ ସାମଗ୍ରୀ ଆଣିବାକୁ ହେଲେ ପ୍ରାୟ ୧୨ କି.ମି ଦୂରରେ ଥିବା ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସେଠାରୁ ପାହାଡ ଚଢ଼ି ବୋହି ଆଣିବାକୁ ପଡୁଛି। ୧୦୦ ଟଙ୍କାର ଚାଉଳକୁ ଅଟୋରେ ଆଣିବାକୁ ହେଲେ ଜଣକା ୧୫୦ ଟଙ୍କା ଭଡ଼ା ଦେବାକୁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି।

ଗାଁରେ ଥିବା ଏକ ମାତ୍ର ନଳକୂପ ଦୀର୍ଘ ବର୍ଷ ହେବ ଅଚଳ ହୋଇ ପଡ଼ିରହିଛି। ପ୍ରଶାସନ ପକ୍ଷରୁ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ଗାଁର ତଳ ସାହିର ଲୋକେ ନିରୁପାୟ ହୋଇ ଗାଁରୁ ପ୍ରାୟ ୮ଶହ ମିଟର ଦୂରରେ ଥିବା ଝରଣା ନିକଟରେ ଚୁଆ ଖୋଳି ପାଣି ନେଉଛନ୍ତି। ଗ୍ରାମବାସୀ ନିଜ ଉଦ୍ୟମରେ ଏକ ଛୋଟ ସିମେଣ୍ଟ କୁଣ୍ଡ ତିଆରି କରିଛନ୍ତି। କିନ୍ତୁ ଖରାଦିନେ ବହୁତ ଅସୁବିଧା ହେଉଛି। ଖରାଦିନେ ସେଠାରେ ପାଣି ଶୁଖିଯିବାରୁ ଲୋକଙ୍କ ଆବଶ୍ୟକତା ଅନୁସାରେ ପାଣି ମିଳେନାହିଁ। ଗାଁର ଉପର ସାହିରେ ଥିବା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଆଜକୁ ପ୍ରାୟ ଏକ ବର୍ଷ ହେବ ଅଚଳ ହୋଇଯାଇଛି।


ଗାଁର ମହିଳାମାନେ ଚୁଆରୁ ପାଣି ନେଉଛନ୍ତି।

## ଲାଗି ରହିଛି ରାସ୍ତା, ପାନୀୟ ଜଳ, ଶିକ୍ଷା ସମସ୍ୟା

ଧଉଡ଼ାଗୁଡା ଗାଁର ଉପରେ ସାହିରେ ସ୍କୁଲ ଓ ମିନି ଅଙ୍ଗନୱାଡି କେନ୍ଦ୍ର ରହିଛି। ହେଲେ ଏହି ଅଙ୍ଗନୱାଡି କେନ୍ଦ୍ରରୁ ତଳ ସାହି ପ୍ରାୟ ଏକ କି.ମି ଦୂରରେ ଥିବାରୁ ଏହି ସାହିର ଶିଶୁ ମାନେ ପାଠ ପଢ଼ିବା ପାଇଁ ଖାଲ ଖମା ଓ ଜଙ୍ଗଲିଆ ରାସ୍ତା ଦେଇ କେନ୍ଦ୍ରକୁ ଯିବାକୁ ମଙ୍ଗୁ ନ ଥିବା ଗ୍ରାମବାସୀ କହିଛନ୍ତି। ଗାଁରେ ଲୋକଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଲାଇନ କଟିଗଲେ ଲୋକେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଲୋକେ ଅନ୍ଧାରରେ ରାତି କାଟୁଛନ୍ତି। ସମସ୍ୟାଗୁଡିକର ସ୍ଥାୟୀ ସମାଧାନ ନିମନ୍ତେ ଗ୍ରାମବାସୀ ବହୁବାର ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ପ୍ରଶାସନିକ ଅଧିକାରୀ ଏବଂ ନିର୍ବାଚିତ ଜନ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କଲେ ବି କେହି ଶୁଣୁ ନଥିବା ଗାଁ ମୁଖିଆ ଦୟା ଗୋଲରି, ନାରାୟଣ ଗୋଲରି, ସୁବ୍ରୀ ଖରା, ଘାସି ଖିଲ, ରାମଦାସ ଖିଲ, ସଫାଇ ଖରା, ଅମ୍ବେ ଖିଲ, ସୋମି ଖିଲ, ରୂପଦେଇ ଗୋଲରି ମିଲୁ ଖିଲଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କୋରୁକୋଣ୍ଡା ବିଡିଓ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମୁଁ ଉକ୍ତ ଗ୍ରାମକୁ କିଛି ଦିନ ପୂର୍ବେ ଯାଇଥିଲି। ଏହି ଗାଁରେ ଯେତେ ଗୁଡିଏ ସମସ୍ୟା ରହିଛି ଖୁବ ଶୀଘ୍ର ତାହାର ସ୍ଥାୟୀ ସମାଧାନ କରାଯିବ।

# ବନବିଭାଗ କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ ଅଭିଯୋଗ


ଶିଶୁ ଶ୍ରମିକମାନେ କାମ କରୁଛନ୍ତି।

ତେନ୍ତୁଳିଖୁଣ୍ଟି, ୩।୨ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକସ୍ଥିତ କାର୍ଲିଚୁଆଁ ପାହାଡରେ ଅଗ୍ନି ନିରାପତ୍ତା ନିମନ୍ତେ ବନବିଭାଗ ପକ୍ଷରୁ ହେଉଥିବା କାର୍ଯ୍ୟରେ ଶିଶୁଶ୍ରମିକ ନିୟୋଜିତ ହେଉଥିବା ଅଭିଯୋଗ ହୋଇଛି। ସରକାରଙ୍କ ନିୟମାନୁସାରେ ଯେ କୌଣସି କାର୍ଯ୍ୟରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରିବା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ। ତେନ୍ତୁଳିଖୁଣ୍ଟି ବନ ଖଣ୍ଡ ଅଞ୍ଚଳରେ ଅଗ୍ନିନିରାପତ୍ତା କାର୍ଯ୍ୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଭଳି କାର୍ଯ୍ୟକୁ ସାଧାରଣ ଲୋକ ବାରଣ କଲେ ଜଣାଇଲେ ସେମାନେ ଏହାକୁ ଗୁରୁତ୍ୱ ଦେଇନାହାନ୍ତି। ଏହିକଥାକୁ ଯେଉଁ ବ୍ୟକ୍ତି ବାହାରେ ପ୍ରକାଶ କରିବେ ତାସହ କିଭଳି ମୁକାବିଲା କରିବାକୁ ପଡ଼ିବ ବେଶ ଭଲ ଭାବରେ ଜଣା ବୋଲି ବିଭାଗୀୟ କର୍ମଚାରୀ ଧମାକଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି। ବନବିଭାଗ ରେଞ୍ଜର ଗୋପୀନାଥ ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରୁ ଅଭିଯୋଗ ବିଷୟରେ ଅବଗତ ନ ଥିଲି। ଏବେ ଜାଣିବାପରେ ଏ ସମ୍ପର୍କରେ ତଦନ୍ତ କରାଯିବ। ଘଟଣାରେ ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

GOVERNMENT OF ODISHA
No.O-2156
OFFICE OF THE SUPERINTENDING ENGINEER, RURAL WORKS DIVISION, JAJPUR
Letter No.682/ Date 02.02.2026

**1st Corrigendum** to Bid Identification No. Tender Online **17 JJPT** of 2025-26 invited this office **Letter No.310, Dtd.15.01.2026.**
**The change as detailed below are hereby made in the above N.I.T.**
**1. Corrigendum to Change Date & Time.**

| Procurement Officer | Bid Identification No. | Availability of Tender On-line for bidding | | | | Last date & time of seeking tender clarification | | Date & Time of opening of Technical Bid | |
|---|---|---|---|---|---|---|---|---|---|
| | | From | | To | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| | | As earlier | Modified | As earlier | Modified | As earlier | Modified | As earlier | Modified |
| Superintending Engineer, Rural Works Division, Jajpur | Tender Online 17 JJPT of 2025-26 | 27.01.2026 at 10.00 AM | 03.02.2026 at 10.00 AM | 06.02.2026 upto 05.00 PM | 09.02.2026 upto 05.00 PM | 05.02.2026 upto 5.00 PM | 07.02.2026 upto 5.00 PM | 07.02.2026 at 11.30 AM | 10.02.2026 at 11.30 AM |

**Note:- If situation arises the transparent lottery will be held on 12.02.2026, At 11.30 AM.**
OIPR-
Sd./- Superintending Engineer, R.W.Division, Jajpur

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH
E-Mail : rw_rourkela@yahoo.co.in
No.25001/16/2526
TENDER CALL NOTICE
BID IDENTIFICATION NO. ONLINE-EERKL-28 of 2025-26

1. Name of the work : Road Work, 2. Total No. of work : 01 (One) No., 3. Estimated Cost : Rs.63.38 Lakhs, 4. Class of Contractor : 'B' Class, 5. Period of Completion : 01 (One) Calendar month, 6. Type of Tender : Double Cover, 7. Other details :

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division-II, Sundargarh** | **Online - EERKL-28 of 2025-26** | **02.02.2026 from 10.00 AM** | **10.02.2026 upto 4.00 PM** |

Further details can be seen from the website : www.tendersorissa.gov.in.
Sd./- Executive Engineer
RW Division-II, Sundargarh
OIPR-25001/25193/1/25-26/0016

GOVERNMENT OF ODISHA
No.25001/16/2526
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, ANGUL
E-Mail : sencrwangul@yahoo.co.in, Ph. : 06764-236404
SHORT TENDER CALL NOTICE FOR AMP ROAD WORKS IN ODISHA
Bid Identification No. AMP Road Online AGL-34/2025-26
No. 457//
Dt. 30.1.2026//

1. Name of the work : AMP Road works, 2. Total No. of work : 02 Nos., 3. Estimated cost : Rs.126.36 to Rs.149.98 Lakhs (Approx.), 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | AMP Road Online - AGL-35/25-26 | 04.02.2026 at 10.00 A.M. | 10.02.2026 up to 5.00 P.M. | 09.02.2026 up to 1.00 P.M. | 10.02.2026 at 5.30 P.M | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in
Sd./- Chief Construction Engineer,
Rural Works Circle, Angul
OIPR-25001/25180/1/25-26/0016

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org
ପତ୍ରସଂଖ୍ୟା ୨୦
ବିଜ୍ଞାପନ
ତା.୧୫.୦୧.୨୬

No.CAD:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏଏମ୍-୪୨-(AM-42), ବାସନ୍ତୀ ହାଉସିଂ ସ୍କିମ୍, ଫେଜ୍-୧, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ (୧) ଶ୍ରୀ ବିମଳ କୁମାର ଦାସ, ପିତା-୰ ବ୍ରଜ ବଲ୍ଲଭ ଦାସ, (୨) ଶ୍ରୀମତୀ ମାନସୀ ମହାନ୍ତି, ସ୍ୱାମୀ-ଶ୍ରୀ ପଞ୍ଚାନନ ମହାନ୍ତି, (୩) ଶ୍ରୀ ବିନୟ କୁମାର ଦାସ, ପିତା-୰ ବ୍ରଜ ବଲ୍ଲଭ ଦାସ, ସା-ଜେଏ-୩୯, ଶକ୍ତିନଗର, ପୋ-ଜଗଡ଼ା, ଥାନା-ରାଉରକେଲା-୧୪, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା (୧) ଶ୍ରୀ ବିମଳ କୁମାର ଦାସ, (୨) ଶ୍ରୀମତୀ ମାନସୀ ମହାନ୍ତି, (୩) ଶ୍ରୀ ବିନୟ କୁମାର ଦାସ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଅଜୟ କୁମାର ଅଗରୱାଲ, ପିତା-କନ୍ହେୟାଲାଲ ଅଗରୱାଲ, ସା/ପୋ- କନିନା ଖାସ୍, ଜିଲ୍ଲା- ମହେନ୍ଦ୍ରଗଡ଼ (ହରିୟାଣା)ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।
ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WATER SUPPLY & SANITATION, BHUBANESWAR
E-Mail: eebbsrrwss@gmail.com
REQUEST FOR PROPOSAL (RFP)
BID No.05/2025-26

No.25001/16/2526:Superintending Engineer, RWS&S Division, Bhubaneswar on behalf of the Governor of Odisha invites Request For Proposal (RFP) in sealed covers for Engagement of **2 Nos. of Attendant, 6 Nos. of Sweeper, 1 No. Gardener & 6 Nos. of Security Guard** through manpower service provider on outsourcing basis under the jurisdiction of RWS&S Division, Bhubaneswar from registered and established private manpower service provider under EPF & ESI Act.

| | | |
|---|---|---|
| 1 | Nature of Assignment | **Request for proposal (RFP) For Hiring of Agency for Engagement of 2 Nos. of Attendant, 6 Nos. of Sweeper, 1 No. Gardener & 6 Nos. of Security Guard through manpower service provider on outsourcing basis under the jurisdiction of RWS&S Division, Bhubaneswar.** |
| 2 | No. of Item | 01 (One) |
| 3 | Period of Contract | 12 (Twelve) Months |
| 4 | Availability of RFP | **04.02.2026 to 11.02.2026 upto 03.00 PM** |
| 5 | Last date & time for submission of RFP | 11.02.2026 upto 03.00 PM |
| 6 | Last date & time for seeking clarification | 09.02.2026 upto 5.00 PM |
| 7 | Bid Security (E.M.D.) | Rs.30,000.00 |
| 8 | Cost of Bid Document | Rs.6,000.00 |
| 9 | Mode of submission of RFP | Online through e-procurement portal only in website www.tendersorissa.gov.in |
| 10 | Date & Time of opening of RFP | Dt.12.02.2026 at 11.30 A.M. in Office of the Superintending Engineer, RWS&S Division, Bhubaneswar |

Further details can be seen from the website https://www.tendersorissa.gov.in.
Superintending Engineer,
RWS&S Division, Bhubaneswar
OIPR-25001/25011/1/25-26/0016

# ମାଓବାଦୀ ନେତା ନିଖିଲଙ୍କ ପ୍ରସ୍ତାବକୁ ସରକାର ବିଚାର କରୁଛନ୍ତି: ଏଡିଜି

ରାୟଗଡ଼ା,୩।୨(ଆଶିଷ ରଞ୍ଜନ ପଣ୍ଡା)

ମାଓବାଦୀ ଟପ୍ ନେତା ନିଖିଲ ଓ ତାଙ୍କ ସ୍ତ୍ରୀ ଇନ୍ଦୁ ଆତ୍ମସମର୍ପଣ ପାଇଁ ଖୋଲା ଚିଠି ଛାଡ଼ିବା ସମ୍ପର୍କରେ ଓଡ଼ିଶା ପୋଲିସ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି, ମାଓବାଦୀମାନେ ଯେଉଁ ଖୋଲା ଚିଠି ଜାରି କରିଛନ୍ତି ତାହାକୁ ନେଇ ସରକାର ବିଚାର କରୁଛନ୍ତି । ଏସ୍‌ପି ସ୍ୱାଥି ଏସ୍.କୁମାରଙ୍କୁ ପଚାରିବାରୁ କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ମାଓବାଦୀଙ୍କୁ ଆତ୍ମସମର୍ପଣ ପାଇଁ ଗାଇଡ୍‌ଲାଇନ ଜାରି କରିବା ପରେ ଜିଲା ପୋଲିସ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି ବୋଲି ସେ କହିଛନ୍ତି । ମାଓବାଦୀଙ୍କ ଆତ୍ମସମର୍ପଣକୁ ପୋଲିସ ସ୍ୱାଗତ କରୁଛି ବୋଲି ଏସ୍‌ପି ସ୍ୱାଥି କହିଛନ୍ତି । ଅନ୍ୟପକ୍ଷେ ମାଓବାଦୀ ନେତା ନିଖିଲ ଖୋଲା ଚିଠି ଛାଡ଼ିବା ପରେ ମାଓବାଦୀଙ୍କ ମଧ୍ୟରେ ବିବାଦ ସୃଷ୍ଟିହୋଇ ୩ଟି ଭାଗରେ ବିଭକ୍ତ ହୋଇଥିବା ଜଣାପଡ଼ିଛି । ତେବେ ନିୟମଗିରି ପାହାଡ଼ରେ ଲୁଚି ରହିଥିବା ୩୦ରୁ ଊର୍ଦ୍ଧ୍ୱ ମାଓବାଦୀ ଆତ୍ମସମର୍ପଣକରି ମୁଖ୍ୟସ୍ରୋତରେ ସାମିଲହେବା ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ସେହିଭଳି ରାୟଗଡ଼ା–କୋରାପୁଟ ଜିଲା ବର୍ଡରରୁ ମଧ୍ୟ କେତେଜଣ ମାଓବାଦୀ ଆତ୍ମସମର୍ପଣ କରିବାକୁ ପ୍ରସ୍ତୁତ ଥିବା ଜଣାପଡ଼ିଛି ।

ପ୍ରକାଶ ଥାଉକି, ସୋମବାର ମାଓବାଦୀ ଦମ୍ପତି ତଥା ବାଘୁନା କମିଟିର ଟପ୍ କ୍ୟାଡର ନେତା ନିଖିଲ ଓ ଇନ୍ଦୁ ଆତ୍ମସମର୍ପଣ କରିବା ପାଇଁ ପ୍ରସ୍ତୁତ ରହିଥିବା ସହିତ ରାଜ୍ୟ ସରକାରଙ୍କ ନିକଟରେ ୪ଟି ପ୍ରସ୍ତାବ ମଧ୍ୟ ରଖିଛନ୍ତି । ରାଜ୍ୟ ସରକାର ସମସ୍ତ ସର୍ତ୍ତ ପୂରଣକଲେ ସେମାନେ ଆତ୍ମସମର୍ପଣ କରିବା ସହ ଆଗାମୀ ଦିନରେ ବହୁ ମାଓବାଦୀ ଆତ୍ମସମର୍ପଣ କରିବେ ବୋଲି ନିଖିଲ ଜାରି କରିଥିବା ପ୍ରେସ୍ ବିବୃତିରେ ଉଲ୍ଲେଖ କରିଛନ୍ତି । ପ୍ରଥମ ସର୍ତ୍ତରେ ଜଳ, ଜମି, ଜଙ୍ଗଲ ଅଧିକାର ପାଇଁ ସେମାନେ କାର୍ଯ୍ୟ କରିବାକୁ ଚାହାନ୍ତି ବୋଲି ଉଲ୍ଲେଖ କରିବା ସହ ସରକାର ଲାଗୁ କରିଥିବା ଆତ୍ମସମର୍ପଣ ନୀତି ସେମାନଙ୍କ ଉପରେ ଲାଗୁ କରାଯାଉ । କାରଣ ପୂର୍ବରୁ ଆତ୍ମସମର୍ପଣ କରିଥିବା ମାଓବାଦୀ ନେତା ଆଜାଦ୍, ସବ୍ୟସାଚୀ ପଣ୍ଡାଙ୍କୁ ଜେଲରେ ରଖାଯାଇଛି, ଯାହା ଆଇନ ବିରୋଧ ବୋଲି ନିଖିଲ କହିଛନ୍ତି । ଏହାବ୍ୟତୀତ ଦେଶର ବିଭିନ୍ନ ପ୍ରାନ୍ତରେ ମାଆ, ମାଟି, ଜଳ, ଜମି ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ଲଢ଼େଇ କରୁଥିବା ଆଦିବାସୀଙ୍କ ଉପରେ ସୁରକ୍ଷା କର୍ମୀଙ୍କ ଅତ୍ୟାଚାର ବନ୍ଦ କରିବାକୁ ଦାବି କରିଛନ୍ତି ।

# ଉପାନ୍ତ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି: ମନ୍ତ୍ରୀ ଗଣ୍ଡ



ଜେପି ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଟ୍ରଷ୍ଟର ବାର୍ଷିକ ଉତ୍ସବରେ ଅତିଥିମାନେ 'ଅଦମ୍ୟ ଅମ୍ଳାନ ଜୟଦେବ' ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ଉମରକୋଟ, ୩।୨(ସନ୍ତୋଷ ଶତପଥୀ)

**ଜେପି ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଟ୍ରଷ୍ଟର ବାର୍ଷିକ ଉତ୍ସବ**

ଉପାନ୍ତ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ନବରଙ୍ଗପୁର ଜିଲା ଉମରକୋଟ ଡିଏନ୍‌କେସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲ ସମ୍ମୁଖ ଖେଳ ପଡ଼ିଆରେ ମଙ୍ଗଳବାର ସନ୍ଧ୍ୟାରେ ଜେପି ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଟ୍ରଷ୍ଟର ବାର୍ଷିକ ଉତ୍ସବରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ଏହି ଅଞ୍ଚଳରେ ଇଂଲିଶ ଶିକ୍ଷାର ପ୍ରଚାର ଓ ପ୍ରସାର ଦିଗରେ ବିଦ୍ୟାଳୟ ପ୍ରତିଷ୍ଠାତା ସଭାପତି ଜୟଦେବ ପରିଡ଼ାଙ୍କ ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ ।

ବିଦ୍ୟାଳୟ ପ୍ରତିଷ୍ଠାତା ଜୟଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଧରିତ୍ରୀ ଏବଂ ଓଡିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ କହିଛନ୍ତି, ପୃଥିବୀରେ ଯେତେ ବଡ଼ ରାଜନେତା ଅଛନ୍ତି ଓ ସେମାନେ ଯାହା ଚିନ୍ତା କଲେ ମଧ୍ୟ ସାଧାରଣ ନାଗରିକଙ୍କ ସ୍ୱର ନିଶ୍ଚିତଭାବେ ଶୁଣାଯିବ । ଆଧୁନିକ ଯୁଗରେ ନିଜ ଦେଶକୁ ଓ ନିଜ ମାଟିକୁ କିଭଳି ଅଧିକ ଶକ୍ତିଶାଳୀ କରିହେବ ତାହା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଦେଶ ପ୍ରେମ ପରିବର୍ତ୍ତେ ଆମେ ଯଦି ମାନବ ପ୍ରେମକୁ ବିଶ୍ୱାସ କରିବା ଓ ମଣିଷକୁ ଭଲ ପାଇବା ସହ ସମ୍ମାନ ଦେବା, ତାହାଲେ ଆମେ ଊର୍ଦ୍ଧ୍ୱକୁ ଉଠିପାରିବା ବୋଲି ତଥାଗତ କହିଛନ୍ତି । ଏହି ଅବସରରେ ବିଦ୍ୟାଳୟ ପ୍ରତିଷ୍ଠାତା ଜୟଦେବ ପରିଡ଼ା କହିଥିଲେ, ଏହି ଅଞ୍ଚଳରେ ଗୁଣାତ୍ମକ ଶିକ୍ଷାର ବିକାଶ ନେଇ ସର୍ବଦା ଗୁରୁତ୍ୱ ଦିଆଯାଉଛି । ଆଗାମୀ ଦିନରେ ଏହି କାର୍ଯ୍ୟ ଜାରି ରହିବ ବୋଲି ସେ ଭାଷଣରେ କହିଥିଲେ । ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପରମା ପୂଜାରୀ, ଓଡ଼ିଶା ଉଚ୍ଚନ୍ୟାୟାଳୟ ଆଇନଜୀବୀ ସୁବ୍ରତ ନନ୍ଦ, ଲେଖକ ବଲ୍ଲଭ ରାଉତ, ଅବସରପ୍ରାପ୍ତ ଶିକ୍ଷକ ଉମେଶ ଚନ୍ଦ୍ର ଭୁକ୍ତା, ବିଦ୍ୟାଳୟ ଉପସଭାପତି ରାଜଲକ୍ଷ୍ମୀ ପରିଡ଼ା, ନିର୍ଦ୍ଦେଶକ ରଶ୍ମିରଞ୍ଜନ ପରିଡ଼ା, ସଭ୍ୟ ଓଁପ୍ରଭା ସାହୁ, ସୁଜାତା ମହାନ୍ତି, ଡ. ଶେଷାନନ୍ଦ ମିଶ୍ର, ଡା.ସୁରେନ୍ଦ୍ରନାଥ ଦାଶ, ଟୁଟୁବାବୁ ପଟ୍ଟନାୟକ, ସମୀର କୁମାର ପ୍ରଧାନ ଏବଂ ମିନାକ୍ଷୀ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ ।

କାର୍ଯ୍ୟକ୍ରମରେ ଅତିଥିମାନେ 'ଅଦମ୍ୟ ଅମ୍ଳାନ ଜୟଦେବ' ନାମକ ଏକ ପୁସ୍ତକ ଉନ୍ମୋଚନ କରିଥିଲେ । ଏଥିରେ ଜୟଦେବ ପରିଡ଼ାଙ୍କ ଜୀବନୀ, ରାଜନୈତିକ ପୃଷ୍ଠଭୂମି ଓ ଜରୁରୀକାଳୀନ ପରିସ୍ଥିତିରେ ତାଙ୍କୁ ଦିଆଯାଇଥିବା ମାନସିକ ଯନ୍ତ୍ରଣା, ଜେଲଦଣ୍ଡ ଆଦି ସମ୍ପର୍କରେ ଲେଖାମାନ ରହିଛି । ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଦ୍ୟାଳୟ ଅଧକ୍ଷା ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ଛାତ୍ରୀଛାତ୍ର, ଅଭିଭାବକ ଓ ସହରର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଗୌରୀ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି


ପି.ଗୌରୀ ଶଙ୍କର ।

ରାୟଗଡ଼ା,୩।୨(ଆଶିଷ ରଞ୍ଜନ ପଣ୍ଡା)


ରାୟଗଡ଼ା ଜିଲା ବିଜେଡିର କାର୍ଯ୍ୟକାରୀ ସଭାପତି ହେଲେ ରାୟଗଡ଼ା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ପି.ଗୌରୀ ଶଙ୍କର । ଏ ନେଇ ମଙ୍ଗଳବାର ପ୍ରେସ୍ ରିଲିଜ୍ ଜାରି କରିଛନ୍ତି ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ । ଗୌରୀ ଶଙ୍କର ପୂର୍ବ ସରକାର ସମୟରେ ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲା ସଂଯୋଜକ ସହିତ ବିଜେଡର ଜିଲା ଉପସଭାପତି ମଧ୍ୟ ରହିଥିଲେ । ସେ ନିଜର ରାଜନୈତିକ ଜୀବନ ଆରମ୍ଭକରି ବିଜେଡକୁ ଚାନ୍ଦିଲି, ଜେକେପୁର ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ସଂଗଠିତ କରିଥିଲେ । ପୂର୍ବରୁ ଗୌରୀ ରାୟଗଡ଼ା ବ୍ଲକ ଉପାଧ୍ୟକ୍ଷ ମଧ୍ୟ ରହିଥିଲେ ।

# ବିଭିନ୍ନ ଦଳ ଛାଡ଼ି କଂଗ୍ରେସରେ ମିଶିଲେ ୧୦୦ କର୍ମୀ

କଲ୍ୟାଣସିଂହପୁର, ୩।୨ (ଦୀପକ କୁମାର ପରିଡା)

**କଂଗ୍ରେସର ମିଶ୍ରଣ ପର୍ବ, କର୍ମୀ ସମ୍ମିଳନୀ**

ରାୟଗଡା ଜିଲା କଲ୍ୟାଣ ସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତରେ କଂଗ୍ରେସର ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଷମକଟକ ନିର୍ବାଚନମଣ୍ଡଳୀର ବିଧାୟକ ନୀଳମାଧବ ହିକକା ଯୋଗଦେଇଥିଲେ । ଜିଲା କଂଗ୍ରେସ ସଭାପତି ତଥା ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ପୂର୍ବତନ ଜିଲା କଂଗ୍ରେସ ସଭାପତି ଦୁର୍ଗାପ୍ରସାଦ ପଣ୍ଡା, ଜିଲା କଂଗ୍ରେସ ସମ୍ପାଦକ ଶଙ୍କର ଶରଣ ମଙ୍ଗରାଜ, ବ୍ଲକ ସଭାପତି ଚିନ୍ତାଲି ନାଗେଶ ରାଓ, ଏମ୍‌ପି ପ୍ରତିନିଧି କୁମାର ସ୍ୱାମୀ କୌଶଲ୍ୟା, କଲ୍ୟାଣସିଂହପୁର ସରପଞ୍ଚ ଗୌତମ ବାର୍ଲି ପ୍ରମୁଖ ମଞ୍ଚାସୀନ ରହିଥିଲେ । ଏଥିରେ ନାରାୟଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଧନସିଂ ତିମାକା, ଦିଲୀପ ଭାତ୍ରା, ନରେନ୍ଦ୍ର କୌଶଲ୍ୟା, ରୂପେଶ କୌଶଲ୍ୟା, ସୁବାସ ତିମାକାଙ୍କ ନେତୃତ୍ୱରେ ନାରାୟଣପୁର ପଞ୍ଚାୟତର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଭାଜପା ଓ ବିଜେଡି କର୍ମୀ ଦଳଛାଡି କଂଗ୍ରେସରେ ମିଶିଥିଲେ ।


ବିଧାୟକଙ୍କ ସହ କଂଗ୍ରେସରେ ସାମିଲ ହୋଇଥିବା ନୂତନ କର୍ମକର୍ତ୍ତା ।

# ଚାଷ ଜମିରେ ବିଦ୍ୟୁତ୍ ତାର ବିଛାଇ ୨ ଗିରଫ

ଆସିକା,୩।୨(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ନବରତ୍ନପୁର ଗ୍ରାମରେ ଚାଷ ଜମିରେ ବିଦ୍ୟୁତ୍ ତାର ବିଛାଇବା ଘଟଣାରେ ପୋଲିସ ମଙ୍ଗଳବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ନବରତ୍ନପୁର ଗ୍ରାମର ସଞ୍ଜୟ ପ୍ରଧାନ ଓ ରୁଷିଆ ମଲିକ । ଉଭୟଙ୍କ ବିରୋଧରେ ନଂ.୩୬/୨୬ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି । ଗତ ୪ ତାରିଖରେ ନବରତ୍ନପୁର ଗ୍ରାମର ଡୁବା ମଲିକ ନିଜ ଆଖୁ କିଆରିକୁ ପାଣି ମଡାଇବାକୁ ଗଲାବେଳେ ଚାଷ ଜମିରେ ତାଙ୍କର ହଠାତ ମୃତ୍ୟୁ ଘଟିଥିଲା । ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ବାରହା ଉପଦ୍ରବରୁ ଫସଲକୁ ରକ୍ଷା ଲାଗି ପାଖ ଜମିରେ ବିଦ୍ୟୁତ ତାର ବିଛାଯାଇଥିବା ସନ୍ଦେହ କରାଯାଇଥିଲା ।

# ଆର୍‌ଟିଆଇରେ ତଥ୍ୟ ମାଗିଲେ ମିଳୁ ନ ଥିବା ଅଭିଯୋଗ

ଗୁଣପୁର,୩।୨(ସଂକେତ ପାତ୍ର)

**ଗୁଣପୁର ପୌର ପରିଷଦ**

ଗୁଣପୁର ପୌର ପରିଷଦରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି । କୌଣସି ଯୋଜନା କିମ୍ବା ଉନ୍ନୟନମୂଳକ କାମ ସମ୍ପର୍କରେ ପଚାରିଲେ ସୂଚନା ଅଧିକାର (ଆର୍‌ଟିଆଇ)ରେ ତଥ୍ୟ ମାଗିବାକୁ ଅଧିକାରୀମାନେ କହୁଛନ୍ତି । ଆର୍‌ଟିଆଇରେ ତଥ୍ୟ ମାଗିଲେ ଦୀର୍ଘ ମାସ ଧରି ମିଳୁ ନ ଥିବା ସାମାଜିକ କର୍ମୀ ୱାଇ. ଗଣପତି ଓ ଖବରଦାତା ତ୍ରିନାଥ ଖାଡ଼ଙ୍ଗା ଅଭିଯୋଗ କରିଛନ୍ତି ।

ସୂଚନା ଅନୁସାରେ, ଗଣପତି ୧୧।୧୨।୨୦୨୫ରେ ଗୁଣପୁର ପୌର ପରିଷଦରେ ଏକ ଆର୍‌ଟିଆଇ ଆବେଦନ ଦାଖଲକରି ଆର୍ଥିକ ବର୍ଷ ୨୦୨୩–୨୪ ଓ ୨୦୨୪–୨୫ ସମୟ ସୀମାରେ ପୌର ପରିଷଦ ଦ୍ୱାରା କରାଯାଇଥିବା ସ୍ୱଚ୍ଛତା କାର୍ଯ୍ୟର ସମ୍ପୂର୍ଣ୍ଣ ଖର୍ଚ୍ଚର ଆଇଟମ ୱାଇଜ ବିବରଣୀ ସହ ବିଲ୍‌ର ନକଲ ମାଗିଥିଲେ । ତେବେ ସୂଚନା ଅଧିକାରୀ ଆଇନ ଅନୁସାରେ ନିର୍ଦ୍ଧାରିତ ୩୦ ଦିନର ସମୟସୀମା ଅତିକ୍ରମ ହୋଇଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ସେହି ସୂଚନା ପ୍ରଦାନ କରାଯାଇନାହିଁ । ଏହି ବିଷୟରେ ପୌର ପରିଷଦର ଲୋକ ସୂଚନା ଅଧିକାରୀ ବସନ୍ତ କୁମାର ବେହେରାଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଥିଲେ, ମାଗିଥିବା ସୂଚନା ସମ୍ପର୍କରେ ବିଭାଗକୁ ପଠାଯାଇଛି । ସେଠାରୁ ତଥ୍ୟ ଏ ପର୍ଯ୍ୟନ୍ତ ମିଳି ନ ଥିବାରୁ ବିଳମ୍ବ ହେଉଛି । ସେହିପରି ୩ ମାସ ପୂର୍ବେ ଏକ ଘରୋଇ ଆଳୁ ଗୋଦାମକୁ ବେଆଇନ ଭାବେ ୨୦ ଲକ୍ଷ ଟଙ୍କା ବ୍ୟୟରେ ଏକ ରାସ୍ତା ନିର୍ମାଣ ସମ୍ପର୍କରେ ଖବରଦାତା ତ୍ରିନାଥ ଖାଡ଼ଙ୍ଗା ଆର୍‌ଟିଆଇ ଆଇନ ଜରିଆରେ ତଥ୍ୟ ମାଗିଥିଲେ । ତାଙ୍କୁ ବି ଏବେ ସୁଦ୍ଧା ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି । ଫଳରେ ଏ ନେଇ ଖବରଦାତା ଖାଡ଼ଙ୍ଗା ସୂଚନା କମିଶନରଙ୍କ ନିକଟରେ ଆବେଦନକରି ରାୟଗଡା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି । ତେବେ ଆର୍‌ଟିଆଇ ସମ୍ପର୍କିତ ତଥ୍ୟା ବିଷୟରେ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କୁ ପଚରାଯିବାରୁ ଖୁବ୍‌ଶୀଘ୍ର ଏ ସମ୍ପର୍କିତ ସୂଚନା ମିଳିଯିବ ବୋଲି ସେ ଜଣାଇଛନ୍ତି । ଆଇଟିଆଇ ଆଇନର ଧାରା ୭(୧) ଅନୁଯାୟୀ ସମୟସୀମା ମଧ୍ୟରେ ସୂଚନା ପ୍ରଦାନ ନ କରିବା ଆର୍‌ଟିଆଇ ଆଇନର ସ୍ପଷ୍ଟ ଉଲ୍ଲଂଘନ କରୁଛି । ଆବଶ୍ୟକ ପଡ଼ିଲେ ଧାରା ୧୯(୧) ଅନୁସାରେ ଅପିଲ ଓ ଧାରା ୨୦ ଅନୁସାରେ ଦାୟୀ ଅଧିକାରୀଙ୍କ ବିରୋଧରେ ଜରିମାନା ବ୍ୟବସ୍ଥା ରହିଛି ବୋଲି ସଚେତନ ନାଗରିକ ଓ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ରାୟଗଡ଼ାରେ ଆମ୍ବ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନା କରାଯାଉ: ସପ୍ତଗିରି

ରାୟଗଡ଼ା,୩।୨(ଆଶିଷ ରଞ୍ଜନ ପଣ୍ଡା)

**ଆମ୍ବ ବିକ୍ରି ସଙ୍କଟ ପାଇଁ ଅନିଶ୍ଚିତତା ମଧ୍ୟରେ ରାୟଗଡ଼ା ଜିଲା ଚାଷୀ**

ରାୟଗଡ଼ା ଜିଲାରେ ଆମ୍ବ ବିକ୍ରୟ ସମସ୍ୟାକୁ କେନ୍ଦ୍ର ସରକାର ସ୍ୱୀକାର କରିଥିଲେ ମଧ୍ୟ ଦାୟିତ୍ୱ ଗ୍ରହଣରୁ ଏଡାଇ ଯାଇଛନ୍ତି ବୋଲି କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଅଭିଯୋଗ କରିଛନ୍ତି । ଏହାର ପରିଣାମ ସ୍ୱରୂପ ଆଦିବାସୀ ଆମ୍ବଚାଷୀମାନେ ଅନିଶ୍ଚିତତା ମଧ୍ୟରେ ଅଛନ୍ତି ।

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଆମ୍ବଚାଷ କରୁଥିବା ଆଦିବାସୀ ଚାଷୀମାନେ ବିକ୍ରୟ ପାଇଁ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା ସମ୍ପର୍କିତ ପ୍ରସଙ୍ଗ ଲୋକ ସଭାରେ ପ୍ରଶ୍ନ ମାଧ୍ୟମରେ ଉଠାଇଥିଲେ ଏମ୍‌ପି ସପ୍ତଗିରି ଉଲାକା । ଶୀତଳ ଭଣ୍ଡାର ଅଭାବ, ସରକାରୀ କ୍ରୟ ବ୍ୟବସ୍ଥା ନ ଥିବା, ସୁଲଭ କୃଷି ସାମଗ୍ରୀ ଏବଂ ପ୍ରକ୍ରିୟାକରଣ ସୁବିଧାର ସମ୍ପୂର୍ଣ୍ଣ ଅଭାବ ସମ୍ପର୍କରେ ପ୍ରଶ୍ନ ମାଧ୍ୟମରେ ଜଣାଇଥିଲେ । ପ୍ରତିବର୍ଷ ଆମ୍ବଋତୁରେ ଏହି ସମସ୍ତ ଅଭାବ ହଜାର ହଜାର ଆଦିବାସୀ


ସପ୍ତଗିରି ଉଲାକା ।

ଚାଷୀଙ୍କୁ ଅସୁବିଧାରେ ପକାଇ ଅଳ୍ପ ଦରରେ ଆମ୍ବ ବିକ୍ରି କରିବାକୁ ବାଧ କରୁଛି ବୋଲି ଏମ୍‌ପି ଅଭିଯୋଗ କରିଛନ୍ତି । ଏହାର ଉତ୍ତରରେ କେନ୍ଦ୍ର କୃଷି ମନ୍ତ୍ରଣାଳୟ ଜଣାଇଛି, ଓଡ଼ିଶା ସରକାରଙ୍କ ପକ୍ଷରୁ ଆମ୍ବ ବିକ୍ରୟ ଅସୁବିଧା ସମ୍ପର୍କରେ କୌଣସି ଆନୁଷ୍ଠାନିକ ରିପୋର୍ଟ ମିଳିନାହିଁ । ତଥାପି, ରାଜ୍ୟ ସରକାର କାଶୀପୁର ବ୍ଲକରେ ଆମ୍ବଚାଷୀମାନେ ସମ୍ମୁଖୀନ ହେଉଥିବା ଗୁରୁତର ଲଜିଷ୍ଟିକ୍ ଓ ଋତୁକାଳୀନ ସମସ୍ୟା ସମ୍ପର୍କରେ କେନ୍ଦ୍ରକୁ ଅବଗତ କରାଇଥିବା ଉଲ୍ଲେଖ କରିଛି କେନ୍ଦ୍ର କୃଷି ବିଭାଗ । ତେବେ କୃଷି ବିଭାଗର ଏହି ଉତ୍ତର ଏକ ସ୍ଥାୟୀ ଶାସନଗତ ବ୍ୟବଧାନକୁ ପ୍ରକାଶକରେ ବୋଲି ଏମ୍‌ପି କହିଛନ୍ତି । ଯେଉଁଠାରେ ଚାଷୀଙ୍କ ଯନ୍ତ୍ରଣା ନୀତିଗତ ଭାବରେ ସ୍ୱୀକୃତିପ୍ରାପ୍ତ, କିନ୍ତୁ ପ୍ରକ୍ରିୟାଗତ ଅବହେଳା ଯୋଗୁ ବାସ୍ତବ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇପାରୁନାହିଁ ବୋଲି ଏମ୍‌ପି ଉଲାକା କହିଛନ୍ତି । ତେଣୁ ବିକେନ୍ଦ୍ରୀକୃତ ଆମ୍ବ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ନିଶ୍ଚିତ ମୂଲ୍ୟ ସମର୍ଥନ ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଆବଶ୍ୟକ ବୋଲି ଏମ୍‌ପି ସପ୍ତଗିରି ଦାବି କରିଛନ୍ତି ।

# ମିଟ୍ସରେ ଜାତୀୟ ତମାଖୁ ସଚେତନତା କାର୍ଯ୍ୟକ୍ରମ

ରାୟଗଡା, ୩।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାସ୍ଥିତ ମଝିଘରିଆଣୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍ସ) ଏନ୍‌ଏସ୍‌ଏସ୍ ୟୁନିଟ ଏବଂ କୋଲନରା ବ୍ଲକ ସ୍ୱାସ୍ଥ୍ୟ ଓ ଆୟୁଷ ବିଭାଗର ସହଯୋଗରେ ମଙ୍ଗଳବାର ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଟିସିପି ) ଅଧୀନରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଛାତ୍ରୀଛାତ୍ରଙ୍କୁ ତମାଖୁ ସେବନର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ଏବଂ ତମାଖୁମୁକ୍ତ ଜୀବନଶୈଳୀ ଅବଲମ୍ବନ ପାଇଁ ପ୍ରେରିତ କରିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି । କୋଲନରା ବ୍ଲକ୍ ଆୟୁଷ ବିଭାଗର ଚିକିତ୍ସାଧିକାରୀ ଡା. ସୌମ୍ୟରଞ୍ଜନ ନାୟକ ଓ ଡା. ଅଭିଜିତ ପଟ୍ଟନାୟକଙ୍କ ସହ କୋଲନରା ପିଏଚ୍‌ସିର ସୁଭଶ୍ରୀ ଦାସ, ସାବିତ୍ରୀ କୁମାରୀ ଦାଶ, ଅଞ୍ଜଳି ମହାନ୍ତି ଏବଂ କ୍ଷୀରାବ୍ଧୀ ତନୟା ଦାଶ ଛାତ୍ରୀଛାତ୍ରଙ୍କ ସହ ଆଲୋଚନାକରି ତମାଖୁ ବ୍ୟବହାରର ଶାରୀରିକ ଓ ମାନସିକ କୁପ୍ରଭାବ ବିଷୟରେ ସୂଚନା ଦେଇଥିଲେ । ଛାତ୍ରୀଛାତ୍ରଙ୍କୁ ସକ୍ରିୟ ଭାବେ ଯୋଗଦେବାକୁ ଉତ୍ସାହିତକରିବା ପାଇଁ କୁଇଜ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା । ବିଜେତାଙ୍କୁ ଆୟୋଜକ ଦଳ ପକ୍ଷରୁ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାୟଗଡା ମିଟ୍ସ ନିର୍ଦ୍ଦେଶକ ଡା. ସି.ଭି. ଗୋପୀନାଥ, ପ୍ରଫେସର ରାମାନୁଜ ନାୟକ, ପ୍ରଧାନାଚାର୍ଯ୍ୟ ଏବଂ ଡା. ଜ୍ଞାନରଞ୍ଜନ ସାହୁ, ଏନ୍‌ଏସ୍‌ଏସ୍ ସମନ୍ୱୟକ ସହ ମିଟ୍ସର ଅନେକ ଶିକ୍ଷକ ଯୋଗଦେଇଥିଲେ । ସେମାନେ ଏହି ପ୍ରୟାସକୁ ସ୍ୱାଗତକରି ଶିକ୍ଷା ପ୍ରତିଷ୍ଠାନର ସାର୍ବଜନୀନ ସ୍ୱାସ୍ଥ୍ୟ ସଚେତନତା ଭୂମିକା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଶେଷରେ ତମାଖୁମୁକ୍ତ କ୍ୟାମ୍ପସ ଓ ସମାଜ ଗଢ଼ିବା ପାଇଁ ସନ୍ଦେଶ ଦିଆଯାଇଥିଲା । ଯାହା ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଲକ୍ଷ୍ୟ ସହ ସମନ୍ୱୟ ରଖେ ବୋଲି ନିର୍ଦ୍ଦେଶକ ଗୋପୀନାଥ ପ୍ରକାଶ କରିଥିଲେ ।



ସଚେତନତା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ମିଟ୍ସ କର୍ମକର୍ତ୍ତା ଏବଂ ଛାତ୍ରୀଛାତ୍ର ।

# ସମ୍ପୂର୍ଣ୍ଣତା ଅଭିଯାନରେ ପଦ୍ମପୁର ବ୍ଲକ୍‌ର ସଫଳତା

ପଦ୍ମପୁର, ୩।୨ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସମ୍ପୂର୍ଣ୍ଣତା ଅଭିଯାନ ସମ୍ପର୍କିତ ଆକାଂକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଚନ୍ଦ୍ର ଜାନୀ, ବ୍ଲକ୍ ଅଧକ୍ଷା ମଣିମାଳା ଶବର, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ବିଧାୟକ ପ୍ରତିନିଧି ରମାକାନ୍ତ ମାଝୀ, ଏମ୍‌ପି ପ୍ରତିନିଧି ଏମ୍ ସୁରେଶ, ଆରଜି କଲେଜ ଅଧକ୍ଷ ଅଶୋକ ଦାଶ ଓ ବ୍ଲକ୍ ଆକାଂକ୍ଷା ଅଧିକାରୀ ସୀମା ବାରିକ ପ୍ରମୁଖ ଯୋଗଦେଇ ବ୍ଲକ୍ ପରିସରରେ ଖୋଲାଯାଇଥିବା ଶିକ୍ଷା, ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ଷ୍ଟଲ୍‌କୁ ଉଦ୍‌ଘାଟନ କରିଥିଲେ । ପରେ ଏକ ବୈଠକରେ ଆକାଂକ୍ଷା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଶେଷକରି ଗର୍ଭାବସ୍ଥାରେ ପଞ୍ଜୀକରଣ, ୯ରୁ ୧୧ମାସ ମଧ୍ୟରେ ଶିଶୁର ଟିକାକରଣ, ରକ୍ତଚାପ ଓ ମଧୁମେହ ରୋଗୀଙ୍କ ଚିହ୍ନଟ ହାର ବୃଦ୍ଧି, ବିଦ୍ୟାଳୟ



ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ଉପସ୍ଥିତ ଜନପ୍ରତିନିଧି ଏବଂ ଅନ୍ୟମାନେ ।

ପାଠ୍ୟପୁସ୍ତକର ବଣ୍ଟନ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଭଳି ନିର୍ଦ୍ଦିଷ୍ଟ ସଫଳତା ହାସଲ ପାଇଁ ପଦ୍ମପୁର ବ୍ଲକ୍ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ ।

ସମଗ୍ର ଦେଶରେ ୧୧୨ଟି ଜିଲା ଓ ୫୧୩ଟି ବ୍ଲକ୍‌କୁ ଅନ୍ତର୍ଭୁକ୍ତ କରି ଅନୁନ୍ନତ ଅଞ୍ଚଳଗୁଡ଼ିକର ବିକାଶ ପାଇଁ ବିଶେଷକରି ଏହି ଅଭିଯାନରେ ସ୍ୱାସ୍ଥ୍ୟ, ପୁଷ୍ଟି ସାଧନ, ଶିକ୍ଷା, କୃଷି ଓ ସାମାଜିକ ବିକାଶ କ୍ଷେତ୍ରର ୬ଟି ଚୟନିତ ସୂଚକାଙ୍କ ଉପରେ ଧ୍ୟାନ ଦିଆଯାଇଥିଲା । ଏହି ସଫଳତା ଉଲ୍ଲେଖନୀୟ ଅବଦାନ ପାଇଁ ସ୍ଥାନୀୟ ନାଗରିକ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଗଧାଡିର କର୍ମୀଙ୍କ ସକ୍ରିୟ ଅଂଶିଦାର କରି ଜନଭାଗୀଦାର ଉପରେ ଫୋକସ କରାଯାଇଥିଲା । ଏହି ଅଭିଯାନର ଉଦ୍ଦେଶ୍ୟ, କାର୍ଯ୍ୟକାରିତା ରଣନୀତି ଓ ପୁରସ୍କାର ବ୍ୟବସ୍ଥା, ପ୍ରସାର ପ୍ରଚାର ଓ ଆଶାନୁରୂପ ସଫଳତା ଭଳି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମଙ୍ଗଳ ଅଧିକାରୀ ଅର୍ଚ୍ଚନା ପଣ୍ଡା, ଯୋଗାଣ ଅଧିକାରୀ ଅମର ଶବର, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗୀରି, ପଞ୍ଚାୟତ ଅଧିକାରୀ ଗୌରାଙ୍ଗ କାଦମ୍ଭଲୁ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ମିଶନ ଶକ୍ତି ବ୍ଲକ୍ କୋଅର୍ଡିନେଟର ସୁକାନ୍ତ ପାଢ଼ୀ, ଜଗନ ମହନ ପଣ୍ଡାଙ୍କ ସହ ଆଶା, ଅଙ୍ଗନୱାଡ଼ି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ପ୍ରଶାସନ ଅଧିକାରୀ ଓ ବହୁ ଲୋକପ୍ରତିନିଧି, ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ ।

# ହାଲ୍ ପ୍ରଶାସନର ଉଚ୍ଛେଦକୁ ତଦନ୍ତକାରୀ ଟିମ୍‌ର ନିନ୍ଦା

ସୁନାବେଡ଼ା/ସେମିଳିଗୁଡ଼ା,୩।୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ହାଲ୍ ସୁନାବେଡ଼ା ବେଲେଶ୍ୱର ମନ୍ଦିର ପଛ ତାଲାପୁଟ ଗାଁରେ ପ୍ରଶାସନ ପକ୍ଷରୁ ୬ ପରିବାରଙ୍କୁ ଗତ ୨୧ ତାରିଖରେ ଉଚ୍ଛେଦ କରାଯାଇଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାର ସରଜମିନ ତଦନ୍ତ କରିବାକୁ ଏକ ୪ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ତାଲାପୁଟ ଗ୍ରାମର ପହଞ୍ଚି କ୍ଷତିଗ୍ରସ୍ତ ପରିବାରର ସଦସ୍ୟମାନଙ୍କୁ ମଙ୍ଗଳବାର ଭେଟିଛନ୍ତି। ସେମାନେ ବର୍ତ୍ତମାନ କିଭଳି ଭାବେ ବସବାସ କରୁଛନ୍ତି ଅନୁଧ୍ୟାନ କରି ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହି ଟିମ୍‌ରେ ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରାୟ, ନ୍ୟାସନାଲ ଆଲାଇନ୍ସ ଫର୍ ପିପୁଲ୍ସ ମୋମେଣ୍ଟର ରାଜ୍ୟ ଆବାହକ(ଏନ୍‌ଏପିଏମ୍) ନରେନ୍ଦ୍ର ମହାନ୍ତି, ନିୟମଗିରି ସୁରକ୍ଷା ସମିତି ଉପଦେଷ୍ଟା ଲିଙ୍ଗରାଜ ଆଜାଦ ଓ ଭୂ-ଗବେଷକ ସନ୍ଦୀପ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ସାମନ୍ତରା ନିଜ ପ୍ରତିକ୍ରିୟାରେ ଜିଲା ପ୍ରଶାସନ ତଥା ହାଲ୍ ପ୍ରଶାସନକୁ କଡ଼ା ନିନ୍ଦା କରିବା ସହ ଏପରି ପଦକ୍ଷେପକୁ ଅମାନବୀୟ ବୋଲି କହିଥିଲେ। ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହି ଆସୁଥିବା ଲୋକଙ୍କ ପ୍ରତି ଏପରି ଆଚରଣ କେତେ ଯଥାର୍ଥ ବୋଲି ପ୍ରଶ୍ନ କରିଛନ୍ତି। ଏଥିସହ ବିନା ନୋଟିସରେ ଜେସିବି ଲଗାଇ ଘର ଭାଙ୍ଗି ଖାଦ୍ୟଶସ୍ୟ ନଷ୍ଟ କରିବା ପାଇଁ ଜିଲା ପ୍ରଶାସନ ଓ ହାଲ୍ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି ଦର୍ଶାଇଥିଲେ। ସେ କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଏନ୍‌ଏପିଏମ୍ ମହାନ୍ତି ତଦନ୍ତ କରି କହିଛନ୍ତି ସରକାର ଥଇଥାନ କରିବା ଏକ ନୀତି ବିସ୍ଥାପିତଙ୍କୁ ଯେଉଁ ପର୍ଯ୍ୟନ୍ତ ଥଇଥାନ ନ କରାଯାଇଛି ସେ ଯାଏ ତାଙ୍କ ଦାବି ବଳବତ୍ତର ରହିବ ବୋଲି କହିଛନ୍ତି। ପୀଡ଼ିତ ପରିବାରର ଦାବି ଯୁକ୍ତିଯୁକ୍ତ, ତେଣୁ ସେମାନଙ୍କୁ ବାରମ୍ବାର ହଇରାଣ କରିବା ଆଦୌ ଗ୍ରହଣୀୟ ନୁହେଁ। ଏଥିରେ ଯେଉଁ ସବୁ ସରକାରୀ ପଦାଧିକରୀ ଥିଲେ ସେମାନଙ୍କର ନୈତିକତା ଅଧିକାର ପ୍ରଦର୍ଶନ କରିବା ଉଚିତ ବୋଲି କହିଛନ୍ତି। ନିୟମଗିରି ସୁରକ୍ଷା ସମିତିର ଉପଦେଷ୍ଟା ଲିଙ୍ଗରାଜ ଆଜାଦ କହିଛନ୍ତି, ସରକାରଙ୍କ ଗୋଟେ ସାମାଜିକ ଦାୟିତ୍ୱ ରହିଛି। ୧୯୬୨ରେ ହାଲ ଦ୍ୱାରା ଗାଁ ଲୋକେ ବିସ୍ଥାପିତ ହୋଇଥିଲେ ମଧ୍ୟ ସେମାନଙ୍କୁ ଉପଯୁକ୍ତ ଭାବେ ଥଇଥାନ କରାଯାଇ ନାହିଁ। ନ୍ୟାୟ ନ ମିଳିବା ଯାଏ ପ୍ରଶାସନ ବିରୋଧରେ ଲଢେଇ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଏହି ସମୟରେ ମାଳି ପର୍ବତ ସୁରକ୍ଷା ସମିତି ସଭାପତି ବିଜୟ ଖିଲ, କାର୍ଯ୍ୟକାରୀ ସମ୍ପାଦକ ନିରଞ୍ଜନ ଖିଲ, ଉପଦେଷ୍ଟା ଦାସୀ ନନ୍ଦିବାଲି, ହାଲ୍ ବିସ୍ଥାପିତ ସଂଘ ସଭାପତି ତ୍ରିଲୋଚନ ମୁଦୁଲି, ସମ୍ପାଦକ ଡମ୍ବୁରୁଧର ଖିଲ, ତାଲା ପୁଟ, ଆଖପାଖ ଗାଁର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।



ଫ୍ୟାକ୍ଟ ଫାଇଣ୍ଡିଂ ଟିମ ତାଲାପୁଟ ଗ୍ରାମରେ କ୍ଷତିଗ୍ରସ୍ତ ପରିବାର ସହ ଆଲୋଚନା କରୁଛନ୍ତି।

# ଉପାନ୍ତ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି: ମନ୍ତ୍ରୀ ଗଣ୍ଡ



ଜେପି ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଟ୍ରଷ୍ଟର ବାର୍ଷିକ ଉତ୍ସବରେ ଅତିଥିମାନେ 'ଅଦମ୍ୟ ଅମ୍ଳାନ ଜୟଦେବ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଉମରକୋଟ, ୩।୨ (ସନ୍ତୋଷ ଶତପଥୀ)

## ଜେପି ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଟ୍ରଷ୍ଟର ବାର୍ଷିକ ଉତ୍ସବ

ଉପାନ୍ତ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ଡିଏନ୍‌କେସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲ ସମ୍ମୁଖ ଖେଳ ପଡ଼ିଆରେ ମଙ୍ଗଳବାର ସନ୍ଧ୍ୟାରେ ଜେପି ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଟ୍ରଷ୍ଟର ବାର୍ଷିକ ଉତ୍ସବରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ଏହି ଅଞ୍ଚଳରେ ଇଂଲିଶ ଶିକ୍ଷାର ପ୍ରଚାର ଓ ପ୍ରସାର ଦିଗରେ ବିଦ୍ୟାଳୟ ପ୍ରତିଷ୍ଠାତା ସଭାପତି ଜୟଦେବ ପରିଡ଼ାଙ୍କ ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ।

ବିଦ୍ୟାଳୟ ପ୍ରତିଷ୍ଠାତା ଜୟଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଧରିତ୍ରୀ ଏବଂ ଓଡିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ କହିଛନ୍ତି, ପୃଥିବୀରେ ଯେତେ ବଡ଼ ରାଜନେତା ଅଛନ୍ତି ଓ ସେମାନେ ଯାହା ଚିନ୍ତା କଲେ ମଧ୍ୟ ସାଧାରଣ ନାଗରିକଙ୍କ ସ୍ୱର ନିଶ୍ଚିତଭାବେ ଶୁଣାଯିବ। ଆଧୁନିକ ଯୁଗରେ ନିଜ ଦେଶକୁ ଓ ନିଜ ମାଟିକୁ କିଭଳି ଅଧିକ ଶକ୍ତିଶାଳୀ କରିହେବ ତାହା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଦେଶ ପ୍ରେମ ପରିବର୍ତ୍ତେ ଆମେ ଯଦି ମାନବ ପ୍ରେମକୁ ବିଶ୍ୱାସ କରିବା ଓ ମଣିଷକୁ ଭଲ ପାଇବା ସହ ସମ୍ମାନ ଦେବା, ତାହାଲେ ଆମେ ଊର୍ଦ୍ଧ୍ୱକୁ ଉଠିପାରିବା ବୋଲି ତଥାଗତ କହିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପ୍ରତିଷ୍ଠାତା ଜୟଦେବ ପରିଡ଼ା କହିଥିଲେ, ଏହି ଅଞ୍ଚଳରେ ଗୁଣାତ୍ମକ ଶିକ୍ଷାର ବିକାଶ ନେଇ ସର୍ବଦା ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନରେ ଏହି କାର୍ଯ୍ୟ ଜାରି ରହିବ ବୋଲି ସେ ଭାଷଣରେ କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପରମା ପୂଜାରୀ, ଓଡ଼ିଶା ଉଚ୍ଚନ୍ୟାୟାଳୟ ଆଇନଜୀବୀ ସୁବ୍ରତ ନନ୍ଦ, ଲେଖକ ବଲ୍ଲଭ ରାଉତ, ଅବସରପ୍ରାପ୍ତ ଶିକ୍ଷକ ଉମେଶ ଚନ୍ଦ୍ର ଭୁକ୍ତା, ବିଦ୍ୟାଳୟ ଉପସଭାପତି ରାଜଲକ୍ଷ୍ମୀ ପରିଡ଼ା, ନିର୍ଦ୍ଦେଶକ ରଶ୍ମିରଞ୍ଜନ ପରିଡ଼ା, ସଭ୍ୟ ଓଁପ୍ରଭା ସାହୁ, ସୁଜାତା ମହାନ୍ତି, ଡ. ଶେଷାନନ୍ଦ ମିଶ୍ର, ଡା.ସୁରେନ୍ଦ୍ରନାଥ ଦାଶ, ଟୁଟୁବାବୁ ପଟ୍ଟନାୟକ, ସମୀର କୁମାର ପ୍ରଧାନ ଏବଂ ମିନାକ୍ଷୀ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ।

କାର୍ଯ୍ୟକ୍ରମରେ ଅତିଥିମାନେ 'ଅଦମ୍ୟ ଅମ୍ଳାନ ଜୟଦେବ' ନାମକ ଏକ ପୁସ୍ତକ ଉନ୍ମୋଚନ କରିଥିଲେ। ଏଥିରେ ଜୟଦେବ ପରିଡ଼ାଙ୍କ ଜୀବନୀ, ରାଜନୈତିକ ପୃଷ୍ଠଭୂମି ଓ ଜରୁରୀକାଳୀନ ପରିସ୍ଥିତିରେ ତାଙ୍କୁ ଦିଆଯାଇଥିବା ମାନସିକ ଯନ୍ତ୍ରଣା, ଜେଲଦଣ୍ଡ ଆଦି ସମ୍ପର୍କରେ ଲେଖାମାନ ରହିଛି। ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ଅଧକ୍ଷା ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କହିଥିଲେ। ଏଥିରେ ଛାତ୍ରୀଛାତ୍ର, ଅଭିଭାବକ ଓ ସହରର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ବିକ୍ରମଦେବ ବିଶ୍ୱବିଦ୍ୟାଳୟର ବୁଝାମଣାପତ୍ର ସ୍ୱାକ୍ଷରିତ

ଜୟପୁର, ୩।୨ (ପବନ ପାଣିଗ୍ରାହୀ)

ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ୩ୟ ପ୍ରତିଷ୍ଠା ଦିବସ ଅବସରରେ ଏମ୍‌ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶୈକ୍ଷିକ ଏବଂ ଆନୁଷଙ୍ଗିକ ସହଯୋଗ ସ୍ଥାପନ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ସମୟରେ ବିଶ୍ୱବିଦ୍ୟାଳୟ କୁଳପତି, ରେଜିଷ୍ଟ୍ରାର, ପ୍ରଫେସର ଓ ଜୟପୁରର ଏମ୍‌ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୁଝାମଣାପତ୍ରର ଉଦ୍ଦେଶ୍ୟ ହେଉଛି ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଏବଂ ଏମ୍‌ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ପରସ୍ପର ସମ୍ମତିରେ ଉପଯୁକ୍ତ ଭାବେ ଶୈକ୍ଷିକ, ଗବେଷଣା ସହଯୋଗ, ଛାତ୍ର ଆଦାନ ପ୍ରଦାନ ଓ ଅନ୍ୟ କାର୍ଯ୍ୟକଳାପକୁ ସୁଦୃଢ଼ କରିବା ବୁଝାମଣା ପତ୍ରର ଉଦ୍ଦେଶ୍ୟ। ଏଥିସହ ସମ୍ଭାବ୍ୟ ପାରସ୍ପରିକ ଶିକ୍ଷାଗତ ଗବେଷଣା ଆଗ୍ରହର କ୍ଷେତ୍ରଗୁଡ଼ିକୁ ଚିହ୍ନଟକରିବା, ଶିକ୍ଷାଗତ ଓ ଗବେଷଣାର ଅଭିବୃଦ୍ଧି ପାଇଁ ପ୍ରଶାସନିକ ସହାୟତା ପ୍ରଦାନ କରିବା ଏବଂ ଉଭୟଙ୍କ ମଧ୍ୟରେ ଅଭିଜ୍ଞତା ଆଦାନପ୍ରଦାନକୁ ସକ୍ଷମ କରିବା ଦିଗରେ ଏହା ସହଯୋଗ ହେବ ବୋଲି କୁହାଯାଇଛି।

# ବୁରୁଡ଼ିପୁଟ ଆର୍‌ଡି ରାସ୍ତା ମରଣଯନ୍ତା

ନନ୍ଦପୁର,୩।୨ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଖୁର୍ଜୀ ପଞ୍ଚାୟତ ଅଧୀନ ବୁରୁଡ଼ିପୁଟ ଗ୍ରାମକୁ ସଂଯୋଗ କରୁଥିବା ଆର୍‌ଡି ରାସ୍ତା ମରଣଯନ୍ତା ପାଲଟିଛି। ଏ ନେଇ ଗ୍ରାମର ୱାର୍ଡସଭ୍ୟ ବଲ ସୀସା, ସମରା ସୀସା, ହରିବନ୍ଧୁ ମୁଦୁଲି, ଲଇଛନ ସୀସା, ଉଗ୍ର ସୀସା, ପଞ୍ଚାୟତ ସରପଞ୍ଚ ପଦଲାମ ହନ୍ତାଳ ଓ ବ୍ଲକ ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ ପ୍ରମୁଖ ଅଭିଯୋଗ କରିଛନ୍ତି। ୪ କି.ମି. ବିଶିଷ୍ଟ ରାସ୍ତାର ଏକାଧିକ ଜାଗାରେ ଖାଲଖମା ସୃଷ୍ଟି ହୋଇଛି। ଗ୍ରାମର ପ୍ରବେଶ ପଥରୁ ଅଳ୍ପ ଦୂରରେ ଥିବା ପୋଲର ୨ ପାର୍ଶ୍ୱ ଗଡାଣୀ ଓ ଉଠାଣି ମୋଡ଼ ରାସ୍ତାରେ ପିଚୁ ଗୋଡ଼ି ଉଠି ଯାଇଥିବାରୁ ଗାଡ଼ି ଚାଳକମାନେ ହଇରାଣ ହେଉଛନ୍ତି। ଏହି ସ୍ଥାନର ଗଡାଣିରେ ବାଇକ୍ ଚାଳକମାନେ ଖସି ସପ୍ତାହକୁ ଏକାଧିକ ଦୁର୍ଘଟଣାର ଶିକାର ହେଉଥିବା ନଜରକୁ ଆସିଛି। ଏହାଦ୍ୱାରା ଲୋକଙ୍କ ଧନ ଜୀବନ ନଷ୍ଟ ହେଉଛି। ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ଆୟୋଜିତ ଜନଶୁଣାଣିରେ ରାସ୍ତାର ମରାମତି ପାଇଁ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା କହିଛନ୍ତି। କୋରାପୁଟ ଜିଲା ପ୍ରଶାସନ ଓ ସୁନାବେଡ଼ା ଆର୍‌ଡି ଡିଭିଜନ କର୍ତ୍ତୃପକ୍ଷ ରାସ୍ତାର ଦୁରବସ୍ଥା ସ୍ଥିତି ଅନୁଧ୍ୟାନକରି ଆବଶ୍ୟକ ମରାମତି ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ବିଭାଗୀୟ ଯନ୍ତ୍ରୀ ହିମାଂଶୁ ବେହେରାଙ୍କୁ ପଚାରିବାରୁ ରାସ୍ତାର ସ୍ଥିତି ନେଇ ଅବଗତ ଅଛନ୍ତି। ଅତିଶୀଘ୍ର ଆବଶ୍ୟକ ମରାମତି କାର୍ଯ୍ୟ କରାଯିବ ବୋଲି ସୂଚନା ଦେଇଛନ୍ତି।



ବୁରୁଡ଼ିପୁଟ ଆର୍‌ଡି ରାସ୍ତା ।

# ଆଜି ରାଇପାହାଡ଼ ପରିଦର୍ଶନ କରିବ ଜିଲାସ୍ତରୀୟ ଟିମ୍

ନନ୍ଦପୁର,୩।୨ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଗୋଲୁର ପଞ୍ଚାୟତର ଆନ୍ଧ୍ର-ଓଡ଼ିଶା ମଧ୍ୟରେ ବିବାଦ ସୃଷ୍ଟି କରିଥିବା ରାଇପାହାଡ଼ ଗ୍ରାମ ପରିଦର୍ଶନ କରିବାକୁ ଜିଲାସ୍ତରୀୟ ଟିମ୍‌ର ବୁଧବାର ନନ୍ଦପୁର ଗସ୍ତ କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶ କ୍ରମେ ଏଡିଏମଙ୍କ ନେତୃତ୍ୱାଧୀନ ଟିମ୍ ରାଇପାହାଡ ପରିଦର୍ଶନ କରି ସ୍ଥିତି ପରଖିବା କାର୍ଯ୍ୟକ୍ରମ ରହିଛି। ସୂଚନାନୁଯାୟୀ, ରାଇପାହାଡ଼ ଗ୍ରାମକୁ ଆନ୍ଧ୍ର ଅନୁପ୍ରବେଶ କରି ୧୬ ପରିବାରକୁ ବିଭିନ୍ନ ପ୍ରଲୋଭନ ଦେଖାଇଛି। ଆବାସ ଘର, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଅଙ୍ଗନୱାଡି ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଦେଉଛି। ଓଡ଼ିଶାର ଜମିକୁ ନିଜର କହି ୧୨ ପରିବାରକୁ ଜଙ୍ଗଲ ଜମିପଟ୍ଟା ଦେଇଛି। କୁଲି କାର୍ଡ, ପାନୀୟ ଜଳ ଓ ବିଦ୍ୟୁତ୍ ଆଦି ସୁବିଧା ଦେଇ ଆକର୍ଷିତ କରି ରଖିଛି। ଅଢେଇ ବର୍ଷ ତଳେ ତତ୍କାଳୀନ ଜିଲାପାଳ ଅବଦଲ ଅଖତରଙ୍କ ନିର୍ଦ୍ଦେଶରେ ୨ ରାଜ୍ୟର ଅଧିକାରୀଙ୍କ ମଧ୍ୟରେ ରାଇପାହାଡ଼ ଓ ଚାଟୁଆରେ ଦ୍ୱିପାକ୍ଷିକ ଆଲୋଚନା ହୋଇ ରାଇପାହାଡ ଗ୍ରାମ ଓଡ଼ିଶା ସୀମାର ବୋଲି ପ୍ରମାଣିତ ହୋଇଥିଲା। ଆନ୍ଧ୍ର ପ୍ରଦତ୍ତ ସମସ୍ତ ସୁବିଧା ପ୍ରତ୍ୟାହାର କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଓଡ଼ିଶା ପକ୍ଷରୁ ଗ୍ରାମବାସୀଙ୍କୁ ସମସ୍ତ ସରକାରୀ ଯୋଜନାରେ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏ ନେଇ ପୂର୍ବରୁ ଧରିତ୍ରୀରେ ଖବର ପ୍ରକାଶ ହୋଇଛି।

## କର୍ତ୍ତବ୍ୟ ପଥରେ ପରେଡ କରିଥିବା ଛାତ୍ରଙ୍କୁ ବିଧାୟକଙ୍କ ସମ୍ବର୍ଦ୍ଧନା

କୁନ୍ଦୁରା,୩।୨ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ଛାତ୍ର କିରଣ ଦୋରା କର୍ତ୍ତବ୍ୟ ପଥରେ ପରେଡ କରି ଫେରିବା ପରେ ତାଙ୍କୁ କୁନ୍ଦୁରାରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ସମ୍ବର୍ଦ୍ଧିତ କରିଛନ୍ତି। ସାଧାରଣତନ୍ତ୍ର ଦିବସ ଅବସରରେ କର୍ତ୍ତବ୍ୟ ପଥରେ ପରେଡ କରିବାକୁ କିରଣ କୁନ୍ଦୁରା ବ୍ଲକରୁ ମନୋନୀତ ହୋଇଥିଲେ। ବିଧାୟକ ତାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା କରିଛନ୍ତି। ସେ ୨୦୨୫ ଡିସେମ୍ବର ୩୦ରେ ଏଠାରୁ ଦିଲ୍ଲୀ ଗସ୍ତରେ କରି ସୋମବାର ଫେରିଛନ୍ତି। ସାଧାରଣତନ୍ତ୍ର ଦିବସ ପରେଡ ପରେ ରାଷ୍ଟ୍ରପତି ଭବନ, ଉପରାଷ୍ଟ୍ରପତି ଓ ଖେଳ ମନ୍ତ୍ରୀଙ୍କୁ ଭେଟିବା ସୁଯୋଗ ମିଳିଥିବା କିରଣ ବିଧାୟକଙ୍କୁ କହିଥିଲେ। ଏହି ସମୟରେ ଅମ୍ଭୁ ପାତ୍ର, ଅଭିଳାଷ ବେହେରା, ସୁନ୍ଦର ମାଳି,ଭଗବାନ ପଣ୍ଡା, ତ୍ରିନାଥ ନାୟକ, ପଦ୍ମନାଭ ବିଷୋୟୀ,ବେଣୁଧର ପାତ୍ର, ପ୍ରକାଶ ପଟ୍ଟନାୟକ, ସୁବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନବନିଯୁକ୍ତ ଭାଜପା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ପାଡୁଆ ମଣ୍ଡଳର ନବନିଯୁକ୍ତ କର୍ମକର୍ତ୍ତା ଓ ଅନ୍ୟମାନେ ।

ନନ୍ଦପୁର/ପାଡୁଆ,୩।୨ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ପାଡୁଆ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ୧୨ ପଞ୍ଚାୟତର ଭାଜପା କର୍ମୀଙ୍କୁ ନେଇ ଗଠିତ ପାଡୁଆ ମଣ୍ଡଳର ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ମଣ୍ଡଳର ନୂଆ ସଭାପତି ରବୀନ୍ଦ୍ର ରାମସିଂ, ୬ ମଣ୍ଡଳ ଉପସଭାପତି ପଦ୍ମନାଭ ସୀସା, ରାଜୁ ଖିଲ, ଉଲ୍ଲାସ ଜାରେଲ, ପୁଷ୍ପା ଖେମୁଣ୍ଡୁ, ବାବୁରାଓ ଖରା, ପୂର୍ଣ୍ଣଚନ୍ଦ୍ର କୁର୍ତାଡି, ୨ ସାଧାରଣ ସମ୍ପାଦକ ରାଜେନ୍ଦ୍ର ଖଡା ଓ ଲାଛାନା ଖିଲ, ୬ ସମ୍ପାଦକ ରାମମୂର୍ତ୍ତି ନାୟକ, ରାମମୂର୍ତ୍ତି ବାରିଦୋରା, ବଳରାମ ଖେମୁଣ୍ଡୁ, ସୁଶୀଳା ମୁଦୁଲି, ଜଗେଶର ଯାଲା, କୁନି ମାଝୀ ଓ କୋଷାଧକ୍ଷ ତ୍ରିନାଥ ଗୋଲରି ଓ ୬ ମୋର୍ଚ୍ଚା ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ଭାଜପା ସମ୍ପାଦକ ଚୈତନ୍ୟ ହନ୍ତାଳ, ବିଧାୟକ ପ୍ରାର୍ଥୀ ଚୈତନ୍ୟ ନନ୍ଦିବାଲି, ଜାତୀୟ କାଉନସିଲ ସଦସ୍ୟ ଜୟରାମ ଭୋଇ, ରାଜ୍ୟ କାଉନସିଲ ସଦସ୍ୟ ଭଗବାନ ମୁଦୁଲି ଦଳୀୟ ଟୋପି ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦଳୀୟ ନୀତି ଆଦର୍ଶ ସମ୍ପର୍କରେ ବୁଝାଇ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି, ଗ୍ରାମ, ବୁଥ୍ ଓ ପଞ୍ଚାୟତରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଜନହିତକର ଯୋଜନାର ପ୍ରଚାରପ୍ରସାର କରିବାକୁ ପରାମର୍ଶ ଦେଇଥିଲେ।

# ବିଜେଡି, ଭାଜପାର ଜିଲାପାଳଙ୍କୁ ଅଭିଯୋଗ

- ବ୍ୟକ୍ତିଗତ ଜମିରେ ସୋଲାର ଡୁଆଲ ପମ୍ପ ନିର୍ମାଣ ଘଟଣା
- ଅଭିଯୋଗ ପରେ ଫଟୋ, ଦଳୀୟ ଚିହ୍ନ ହଟାଇଲେ ବିଧାୟକ

ଲକ୍ଷ୍ମୀପୁର,୩।୨ (ଅନନ୍ତ ପ୍ରସାଦ ନାୟକ)

ଲକ୍ଷ୍ମୀପୁର ବ୍ଲକ ଓ ନିର୍ବାଚନ ମଣ୍ଡଳୀ କ୍ଷେତ୍ର ଅଞ୍ଚଳରେ ବ୍ୟକ୍ତିଗତ ଜମିରେ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣକୁ ନେଇ ରାଜନୀତି ଜୋର ଧରିଛି। ସୋମବାର ଜିଲାପାଳଙ୍କ ମିଳିତ ଜନଶୁଣାଣିରେ ଜିଲା ବିଜେଡି ସଭାପତି ଓ ପୂର୍ବତନ ଏମ୍‌ପି ଝିନୋ ହିକକା ଦଳୀୟ କର୍ମୀଙ୍କ ସହ ମିଶି ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ବିଭିନ୍ନ ପ୍ରଶ୍ନ କରିଛନ୍ତି। ପ୍ରକଳ୍ପଗୁଡ଼ିକ କେଉଁ ପାଣିରେ ନିର୍ମାଣ, ବ୍ୟକ୍ତିଗତ ଜମିରେ କିଭଳି ନିର୍ମାଣ ହେଲା, ସେଥିରେ ଲକ୍ଷ୍ମୀପୁର ବିଧାୟକଙ୍କ ନାମ, ଫଟୋ ଓ ଦଳୀୟ ହାତ ଚିହ୍ନ ସ୍ଥାନିତ ହେବା ନେଇ ପ୍ରଶ୍ନ କରିଛନ୍ତି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି।



ଭାଜପା ମଧ୍ୟ ସମାନ ଅଭିଯୋଗ କରିଛି। ପୂର୍ବତନ ଲକ୍ଷ୍ମୀପୁର ବିଧାୟକ ତଥା ଭାଜପା ବିଧାୟକ ପ୍ରାର୍ଥୀ କୈଳାସ କୁଲେସିକା ଜିଲାପାଳଙ୍କୁ ଭେଟି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ସମେତ ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ସୌରଚାଳିତ ଗଳି ଆଲୁଅ ସ୍ଥାପନ ମଧ୍ୟ ସମାନ ଢଙ୍ଗରେ କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଘଟଣାର ତଦନ୍ତ କରି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଆଗାମୀ ଦିନରେ ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ଜନ ଆନ୍ଦୋଳନ କରାଯିବ ବୋଲି ୨ ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଘଟଣାକୁ ଗୁରୁତର ସହ ବିଚାରକୁ ନେଇ ଜିଲାପାଳ ମହାଜନ ଜିଲା ଓ ବ୍ଲକ ସ୍ତରର ଅଧିକାରୀଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରାଯିବ ବୋଲି କହିଛନ୍ତି। କମିଟି ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଖବର ପାଇ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ସନ୍ଧ୍ୟାରେ ନିଜେ ବ୍ଲକ ଅଞ୍ଚଳରେ ବ୍ୟକ୍ତିଗତ ଜମିରେ ନିର୍ମାଣ ହୋଇଥିବା ଏକାଧିକ ସୌରଚାଳିତ ପ୍ରକଳ୍ପ ଓ ଗଳି ଆଲୁଅ ସ୍ଥାପନ ସ୍ଥଳ ବୁଲି ବିଧାୟକଙ୍କ ନାମ ଫଟୋ ଓ ଦଳୀୟ ଚିହ୍ନ ଥିବା ସୂଚନା ଫଳକ ହଟାଇ ନୂଆ କେବିକେ ବିକାଶ ଯୋଜନାର ପ୍ରକଳ୍ପ ବୋଲି ସୂଚନା ଫଳକ ମାରୁଥିବା ଦେଖିବାକୁ ମିଳିଥିଲା।

# ତଦନ୍ତ ରିପୋର୍ଟ ପରେ ପଦକ୍ଷେପ ଗ୍ରହଣ କରିବାକୁ ଏସ୍‌ପିଙ୍କ ପ୍ରତିଶ୍ରୁତି

## ଆଇନଜୀବୀଙ୍କୁ ମାଡ଼ ମାରିବା ଘଟଣା

ଜୟପୁର,୩।୨ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଟାଉନ ଥାନା ପୋଲିସ ଜଣେ ଆଇନଜୀବୀଙ୍କୁ ମାଡ଼ ମାରିଥିବା ଘଟଣାକୁ ନେଇ ଏସ୍‌ପି ରୋହିତ ବର୍ମା ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ପୋଲିସ ଓ ଜିଲା ଆଇନଜୀବୀ ସଂଘ ମଧ୍ୟରେ ୨ ଦିନ ହେବ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଜିଲା ଆଇନଜୀବୀ ସଂଘର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ ଜାନୁଆରୀ ୨୪ରେ ଜିଲା ଆଇନଜୀବୀ ସଂଘର ସଦସ୍ୟ ଜି.ରାଜଶେଖରଙ୍କୁ ଟାଉନ ଥାନାରେ ଆକ୍ରମଣ ଘଟଣାକୁ ନିନ୍ଦା କରାଯାଇ ରାଜ୍ୟ ଆଇନଜୀବୀ ସଂଘର ଅଭିଯୋଗ କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିକରି ଏକ ନିନ୍ଦା ପ୍ରସ୍ତାବ ଗ୍ରହଣ କରାଯାଇଛି। ଏ ନେଇ ଜିଲା ଆଇନଜୀବୀ ସଂଘ ସଭାପତି ସରୋଜ କୁମାର ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଟିମ୍ ଏସ୍‌ପି ବର୍ମାଙ୍କୁ ଜୟପୁରସ୍ଥିତ ଏସ୍‌ଡିପିଓ କାର୍ଯ୍ୟାଳୟରେ ସାକ୍ଷାତ କରି ଆଲୋଚନା କରିଛନ୍ତି। ମାମଲାର ତଦନ୍ତ କରିବାକୁ ଏସ୍‌ପି ବର୍ମା ଆଇନଜୀବୀ ସଂଘ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଜୟପୁର ଏସ୍‌ଡିପିଓ ପାର୍ଥ କଶ୍ୟପଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ୩-୪ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ପରିବାରିକ ଗଣ୍ଡଗୋଳକୁ ନେଇ ଆଇନଜୀବୀ ରାଜଶେଖରଙ୍କ ଭାଇଙ୍କ ଏତଲାକୁ ଭିତ୍ତିକରି ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇଥିବା ଏସ୍‌ପି ବର୍ମା ସୂଚନା ଦେଇଛନ୍ତି। ତଦନ୍ତ ପରେ ସମସ୍ତ ଘଟଣା ଜଣାପଡିବ ବୋଲି କହିଥିଲେ। ସୂଚନାନୁଯାୟୀ, ଗତ ୨୪ ତାରିଖରେ ଆଇନଜୀବୀ ରାଜଶେଖର ନିଶାସକ୍ତ ଅବସ୍ଥାରେ ଘରକୁ ଆସି ତାଙ୍କ ଭାଇ ଜି.ବିଜୟଶେଖରଙ୍କ ସମେତ ମା'ବାପା ଓ ଅନ୍ୟ ସଦସ୍ୟଙ୍କୁ ଆକ୍ରମଣ କରିଥିବା ବିଜୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କୁ ରାଜଶେଖର ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ କରିଥିଲେ। ଏହା ପରେ ଆଇନଜୀବୀ ରାଜଶେଖର ଥାନାରେ ପହଞ୍ଚି ପାଲଟା ଏତଲା ଦେବାକୁ କହିଥିଲେ। କିନ୍ତୁ ତାଙ୍କ ଅବସ୍ଥା ଦେଖି ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ତାଙ୍କୁ ବସିବାକୁ କହି ଏତଲା ଦେବାକୁ ସୁଯୋଗ ଦିଆଯିବ ବୋଲି ମଧ୍ୟ କହିଥିଲେ। ରାଜଶେଖରଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାରୁ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି। ଏହି ସମସ୍ତ ଘଟଣା ଥାନାର ସିସିଟିଭିରେ ରେକର୍ଡ ହୋଇଥିବା ସୂଚନା ଦେଇଛନ୍ତି। ରାଜଶେଖର ଥାନାର ଟେବୁଲ ଚେୟାରକୁ ଗୋଇଠା ମାରିବା ସହ ଦାୟିତ୍ୱରେ ଥିବା ଡିସିଓ ଏବଂ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ତାଙ୍କ ପାଲଟା ଅଭିଯୋଗକୁ ଥାନାରେ ପଞ୍ଜୀକୃତ କରାଯାଇ ନ ଥିବା ରାଜଶେଖର କହିଛନ୍ତି। ଜିଲା ଆଇନଜୀବୀ ସଂଘ ପକ୍ଷରୁ ଜରୁରୀ ବୈଠକ ଡକାଯାଇ ରାଜ୍ୟ ଆଇନଜୀବୀ ସଂଘକୁ ଅବଗତ କରିବା ପରେ ରବିବାର ରାଜ୍ୟ ଆଇନଜୀବୀ ସଂଘ ଜିଲା ଏସ୍‌ପିଙ୍କୁ ପତ୍ର ମାଧ୍ୟମରେ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ତୁରନ୍ତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପତ୍ର ମାଧ୍ୟମରେ ଜଣାଇଥିଲେ। ଆଇନଜୀବୀ ରାଜଶେଖରଙ୍କ ଏତଲାକୁ ମଧ୍ୟ ପଞ୍ଜୀକୃତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ନେଇ ଜିଲା ଆଇନଜୀବୀ ସଂଘର ସଭାପତି ସରୋଜ କୁମାର ଦାଶ କହିଛନ୍ତି, ଜିଲା ଆଇନଜୀବୀ ସଂଘର କର୍ମକର୍ତ୍ତା ଓ ଜୟପୁର ଏସ୍‌ଡିପିଓଙ୍କ ଉପସ୍ଥିତିରେ ଏସ୍‌ପି ବର୍ମାଙ୍କ ସହ ଆଲୋଚନା କରାଯାଇଛି। ନିରପେକ୍ଷ ଭାବେ ଘଟଣାର ତଦନ୍ତକରି ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।



ଖବରଦାତା ସମ୍ମିଳନୀରେ କୋରାପୁଟ ଜିଲା ଏସ୍‌ପି ରୋହିତ ବର୍ମା ଓ ଏସ୍‌ଡିପିଓ ପାର୍ଥ କଶ୍ୟପ ସୂଚନା ଦେଉଛନ୍ତି।

# ୪ ବନ୍ଧୁକ, ୧୨୫ ଗୁଳି ଜବତ: ୨ ଗିରଫ

## ବନ ବିଭାଗର ଅପରେଶନ ଜୀବେଦୟା

ଛେଣ୍ଡିପଦା,୩।୨(ଅଜିତ ଧଳ)

ଅପରେଶନ ଜୀବେଦୟା ମିଶନରେ ବନବିଭାଗ ଓ ପୋଲିସକୁ ସଫଳତା ମିଳିଛି। ଅନୁଗୋଳ ଜିଲା ଜରପଡ଼ା ଓ ଛେଣ୍ଡିପଦା ବନାଞ୍ଚଳ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଶିକାର ଉଦ୍ଦେଶ୍ୟରେ ରଖାଯାଇଥିବା ୪ ଦେଶୀ ବନ୍ଧୁକ, ୧୫ ଜୀବନ୍ତ ଗୁଳି, ୧୧୦ ସୀସାଗୁଳି, ବାରୁଦ, ଜିଆଇ ତାର ଫାଶ ଆଦି ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଗଡ଼ିଆ ଥାନା ପାତ୍ରପଡ଼ା ତଳମଣ୍ଡଳୀ ଗାଁର ବିକାଶ କୁମାର ଦାସ ଓ ତାଙ୍କ ସମ୍ପର୍କୀୟ ଜିତୁ ରାଏ।

ସୂଚନା ଅନୁଯାୟୀ, ବିଶେଷ ସୂତ୍ରରୁ ଖବରପାଇ ଅନୁଗୋଳ ଏସିଏଫ୍‌ଓ ସିଦ୍ଧାର୍ଥ ଜୈନ, ଜରପଡ଼ା ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାଏକ ଓ ଜରପଡ଼ା ଥାନା ଅଧିକାରୀ ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଓଗୀ ଗାଁରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଶିକାରୀମାନେ ଫେରାର ହୋଇଯାଇଥିବା ବେଳେ ଓଗୀ ଗ୍ରାମର କିଶୋରୀ କୁମାର ସାହୁଙ୍କ ଘରେ ସର୍ଚ୍ଚ ୱାରେଣ୍ଟ ବଳରେ ଯାଞ୍ଚ କରାଯାଇଥିଲା। ଉକ୍ତ ଘର ଭିତରୁ ୨ଟି ବନ୍ଧୁକ, ୪ଟି ହରିଣ ଶିଙ୍ଗ, ୧୫ ଜୀବନ୍ତ ଗୁଳି, ବାରୁଦ, ଭୁଜାଲି ସହିତ ଶିକାର ପାଇଁ ବ୍ୟବହୃତ ଜିଆଇ ଫାଶ ଜବତ କରାଯାଇଥିଲା। ପୂର୍ବରୁ ମଧ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୭ଟି ହରିଣ ଶିଙ୍ଗ, ୪ଟି ବନ୍ଧୁକ, ଜୀବନ୍ତ ଗୁଳି, ବୋମା ଜବତ କରାଯାଇଥିଲା। ଏ ନେଇ ବନାଞ୍ଚଳ ପକ୍ଷରୁ ଗୋଟିଏ ମାମଲା ରୁଜୁ କରାଯାଇଥିବାବେଳେ ଜରପଡ଼ା ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଶିକାରୀମାନେ ବନ୍ଧୁକ ଓ ବାରୁଦ କେଉଁଠୁ ଆଣୁଛନ୍ତି ସେ ନେଇ ତଦନ୍ତ ଜାରି ରଖିଛି। ସେହିପରି ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଶୁଭ୍ରା ଶୁଚିସ୍ମିତା ମହାପାତ୍ର ଜନ୍ତୁ ମାଂସ ରୋଷେଇ ହେଉଥିବା ଖବରପାଇ ବାଗଡ଼ିଆ ଥାନା ପାତ୍ରପଡ଼ା ତଳମଣ୍ଡଳୀ ଗାଁର ଚିତ୍ତରଞ୍ଜନ ଦାସଙ୍କ ଘରେ ଚଢ଼ାଉ କରିଥିଲେ। ଉକ୍ତ ଘର ଭିତରେ ରୋଷେଇ ଚାଲିଥିବା ୪ କିଲୋ ରନ୍ଧା ମାଂସ ସହ ଘରେ ଥିବା ୭ କିଲୋ କଞ୍ଚା ମାଂସ, ୨ଟି ଦେଶୀ ବନ୍ଧୁକ, ବନ୍ଧୁକ ପାଉଡ଼ର, ୧୧୦ ସୀସା ଗୁଳି, ଏକ ହାତ ତିଆରି ବୋମା ଓ ୧୮ ବଣ୍ଡଲ କେନ୍ଦୁପତ୍ର ଜବତ କରାଯାଇଥିଲା। ଚିତ୍ତରଞ୍ଜନଙ୍କ ପୁଅ ବିକାଶ ଓ ସମ୍ପର୍କୀୟ ଜିତୁଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଛେଣ୍ଡିପଦା ବନାଞ୍ଚଳରେ ୨୧ ସିଏର୍‌ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।



ଜବତ ବନ୍ଧୁକ, ଗୁଳି ଆଦି ଶିକାର ସାମଗ୍ରୀ ସହ ଚଢ଼ାଉ କରିଥିବା ଟିମ୍।

# ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

## ଗିରଫ ଭୟରେ ଗ୍ରାମ ପୁରୁଷଶୂନ୍ୟ

ଅଥଗଡ଼,୩।୨(ରବୀନ୍ଦ୍ର ପଣ୍ଡା)

ଗୁଣି ସନ୍ଦେହରେ ଜଣେ ବୃଦ୍ଧଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଦୁର୍ବୃତ୍ତ ବୃଦ୍ଧଙ୍କ ମୁଣ୍ଡକୁ କାଟି ସାହାଯ୍ୟରେ ହାଣିବା ପରେ ପଥରରେ ଛେଚିହତ୍ୟା କରିଛନ୍ତି। ରାୟଗଡ଼ା ଜିଲା ଅଥଗଡ଼ା ଥାନା ସରଧାପୁର ପଞ୍ଚାୟତ ଶୁଣ୍ଡିପଦର ଗ୍ରାମରେ ମଙ୍ଗଳବାର ଏଭଳି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଚିରାମ ବାଗ (୮୧)। ମୃତକଙ୍କ ପରିବାର ଲୋକେ ଏ ନେଇ ଅଥଗଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ପୋଲିସ ତଦନ୍ତବେଳେ ଗିରଫ ଭୟରେ ଗାଁ ପୁରୁଷ ଶୂନ୍ୟ ହୋଇଯାଇଥିବା ବେଳେ ମହିଳା ମୁହଁ ଖୋଲୁ ନ ଥିବା ଦେଖିବାକୁ ମିଳିଛି। ପୂର୍ବରୁ ଗୁଣିଗାରେଡ଼ି ପାଇଁ ଗ୍ରାମରେ ବିବାଦ ହୋଇଥିବାରୁ ଗୁଣିକୁ ନେଇ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ ସହାନୀ କୁକୁର ସହ ପହଞ୍ଚି ତଦନ୍ତ କରୁଛି। ମୃତଦେହ ନିକଟରୁ ପୋଲିସ ଏକ ଟେଲାଇଟ, ଏକ କାଟି ଜବତ କରିଛି।

ମୃତ ପରିବାର ଲୋକଙ୍କ କହିବା ଅନୁଯାୟୀ, ଚିରାମ ରବିବାର ସନ୍ଧ୍ୟାରୁ ଗୁପାପଦର ଗ୍ରାମକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳୁ ଧାନ ବିଲ ନିକଟ ଏକ ନାଳରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ଅଥଗଡ଼ା ପୋଲିସକୁ ଖବର ଦିଆଯାଇଥିଲା। ଅପରପକ୍ଷେ ଗତ ୬ ମାସ ପୂର୍ବରୁ ଗୁଣି ଗାରେଡ଼ି ସନ୍ଦେହ କରି ଚିରାମଙ୍କ ସହ କେତେଜଣ ଲୋକଙ୍କ ପରିଚିତ୍ତ ହୋଇଥିଲା। ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିବା ବେଳେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଅଥଗଡ଼ା ଆଇଆଇସି କହ୍ନା ବେହେରା କହିଛନ୍ତି। ଘଟଣାସ୍ଥଳରେ ଗୁନୁପୁର ଆଇଆଇସି କେଶବ ଷଡ଼ଙ୍ଗୀ ମଧ ଯାଇ ତଦନ୍ତ କରିଛନ୍ତି।

# ବାଂଲାଦେଶୀ ସନ୍ଦେହରେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ମାଡ଼

ଚାନ୍ଦବାଲି,୩।୨(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଅଧୀନ ହରିପୁର ଗ୍ରାମରେ ରବିବାର ରାତିରେ ବାଂଲାଦେଶୀ କିମ୍ବା ଚୋର ସନ୍ଦେହରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ଚାନ୍ଦବାଲି ଥାନା ଅଧୀନ ଭୁଇଁଗଡ଼ି ଅଞ୍ଚଳର ମାନସିକ ବିକାରଗ୍ରସ୍ତ ଭଗବାନ ସେଠୀ(୨୦)। ଏନେଇ ତାଙ୍କ ବାପା ଅମୂଲ୍ୟ ସେଠୀ ମଙ୍ଗଳବାର ବାଂଶଡ଼ା ଥାନାରେ ଅଭିଯୋଗ କରିଛନ୍ତି।

ଅମୂଲ୍ୟ ଅଭିଯୋଗରେ ବର୍ଣ୍ଣାଇଛନ୍ତି ଯେ, ହରିପୁର ଗ୍ରାମର କେତେଜଣ ଲୋକ ବାଂଲାଦେଶୀ ସନ୍ଦେହ କରି ଭଗବାନଙ୍କ ହାତଗୋଡ଼ ବାନ୍ଧି ଏକ ଖୁଣ୍ଟରେ ବାନ୍ଧି ପିଟିଥିଲେ। ଖବରପାଇ ବାଂଶଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ତେବେ ଗୁରୁତର ଥିବା ଯୁବକଙ୍କୁ ପୋଲିସ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ନ କରି କିମ୍ବା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନ ନେଇ ଅଧାବାଟରେ ଛାଡ଼ି ଦେଇଥିଲା। ପରଦିନ ଚାପ ପଡ଼ିବା ପରେ ପୋଲିସ ପୁଣିଥରେ ତିହିଡ଼ି ଅଞ୍ଚଳର ପୀରହାଟ ନିକଟରୁ ଭଗବାନଙ୍କୁ ଉଦ୍ଧାର କରି ପ୍ରଥମେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ପରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଚାନ୍ଦବାଲି ଏସଡିପିଓ ପ୍ରଭାସ ସାହୁଙ୍କ ହସ୍ତକ୍ଷେପ ପରେ ଏକ ମାମଲା ରୁଜୁ କରାଯାଇଛି। ତେବେ ଘଟଣାକୁ ଦୁଇଦିନ ବିତିଯାଇଥିଲେ ମଧ ଆକ୍ରମଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଯୁବକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ଘଟଣାର ତଦନ୍ତ ଚାଲିଛି ବୋଲି ଏସଡିପିଓ ସାହୁ କହିଛନ୍ତି।

# ୧୦ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ୨ ବର୍ଷ ଲେଖାଏ ଜେଲ

ଭୁବନେଶ୍ୱର,୩।୨(ତ୍ରିନାଥ ମହାନ୍ତି)

- ପ୍ରଥମ ଥର ଓଡ଼ିଶାରେ ବାଂଲା ଅନୁପ୍ରବେଶକାରୀଙ୍କ ବିରୋଧରେ ଦଣ୍ଡାଦେଶ
- ସ୍ୱଦେଶ ନ ଛାଡ଼ିବା ପାଇଁ ଅନୁରୋଧ କରିଥିଲେ ବାଂଲାଦେଶ ହାଇକମିଶନର

ପ୍ରଥମ ଥର ପାଇଁ ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ ଦଣ୍ଡ ଶୁଣାଇଛନ୍ତି କୋର୍ଟ। ମଙ୍ଗଳବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ୧୦ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ୨ବର୍ଷ ଲେଖାଏ ଜେଲ ଓ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଜରିମାନା ଅନାଦାୟ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ଏମ୍‌ଡି ହାସିମ୍, ସଞ୍ଜୀବ ଖାନ, ଆଲାମ ସକିଲ, ଏମ୍‌ଡି ଆଜାମ, ଅଲତାଫ, ସୋଆ ତାଲୁକଦାର, କରିମ ବେଗମ, ମୋନିରା ବେଗମ, ସାହାନା ବେଗମ ଏବଂ ଜଣେ ନାବାଳକ। ୨୦୨୫ ମାର୍ଚ୍ଚ ୮ରେ ଭୁବନେଶ୍ୱର ରେଳଷ୍ଟେସନରୁ ଏହି ୧୦ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗିରଫ କରିଥିଲା। ଗିରଫ ବନ୍ଦିମାନଙ୍କୁ ସ୍ୱଦେଶ ନ ଛାଡ଼ିବା ପାଇଁ ବାଂଲାଦେଶ ହାଇକମିଶନର ଭୁବନେଶ୍ୱର କୋର୍ଟ ଏବଂ କ୍ରାଇମବ୍ରାଞ୍ଚକୁ ଲିଖିତ ଭାବେ ଅନୁରୋଧ ଜଣାଇଥିଲେ।

ସୂଚନା ଅନୁଯାୟୀ, ସମ୍ପୃକ୍ତ ବାଂଲାଦେଶୀମାନେ ବେଆଇନ ଭାବେ ଭାରତକୁ ଆସି ଭୁବନେଶ୍ୱରରେ ରହୁଥିଲେ। ସେମାନେ ଏଠାରେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିଲେ। ଏଠାରୁ ଲୁଟପାଟ, ଚୋରି, ହତ୍ୟା ଭଳି ଅପରାଧ ଘଟାଇ ବାଂଲାଦେଶକୁ ଫେରାର ହୋଇଯାଉଥିଲେ। କିଛିଦିନ ସେଠାରେ ରହିବା ପରେ ପୁଣି ଓଡ଼ିଶାକୁ ଫେରି ବିଭିନ୍ନ ଆପରାଧିକ କାର୍ଯ୍ୟରେ ସାମିଲ ହେଉଥିଲେ। ଭୁବନେଶ୍ୱର ରେଳଷ୍ଟେସନରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବାବେଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସେମାନଙ୍କୁ ଧରିଥିଲା। ଯାଞ୍ଚ କରିଯିବା ପରେ ସେମାନେ ନକଲି ଆଧାରକାର୍ଡ ମାଧ୍ୟମରେ ଓଡ଼ିଶା ଆସିଥିବା ସ୍ପଷ୍ଟ ହୋଇଥିଲା। ସେମାନଙ୍କ ନିକଟରୁ ବାଂଲାଦେଶୀ ଟଙ୍କା, ଭାରତୀୟ ଟଙ୍କା ଏବଂ ମୋବାଇଲ ଫୋନ୍ ଜବତ କରାଯାଇଥିଲା। ଫଳରେ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଏହାର ଶୁଣାଣି ଜାରି ରହିଥିଲା। ୬ଜଣ ସାକ୍ଷୀ ଓ ବିଭିନ୍ନ ଦସ୍ତାବିଜ ଆଧାରରେ କୋର୍ଟ ମଙ୍ଗଳବାର ରାୟ ଶୁଣାଇଛନ୍ତି।

# ଭାଜପା ନେତା ଶିବରାମଙ୍କ ଘର ଉପରେ ଆକ୍ରମଣ, ୮ ଗିରଫ

## ଗାଁ ପରିଦର୍ଶନ କରି ଶାନ୍ତି ପ୍ରତିଷ୍ଠା ପାଇଁ ଏସ୍‌ପିଙ୍କ ନିବେଦନ

ମୋହନା,୩।୨(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟ ଗ୍ରାମର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବରାମ ପୁଷ୍ଟାଙ୍କ ଘର ଉପରେ ସୋମବାର ସନ୍ଧ୍ୟାରେ ଆକ୍ରମଣ ହୋଇଛି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବାକ୍ତି ଏପରି ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଆକ୍ରମଣର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ଏହି ଘଟଣାରେ ପୋଲିସ ୮ଜଣଙ୍କୁ ଗିରଫ କରି ମଙ୍ଗଳବାର ଅପରାହ୍ନରେ କୋର୍ଟଚାଲାଣ କରିଛି। ସେମାନେ ହେଲେ ଚାନ୍ଦିପୁଟ ଗାଁ ଖ୍ରୀଷ୍ଟିଆନ ସାହିର ପ୍ରମୋଦ ପଣ୍ଡିଲ୍ଲା, ସୁଜନ ମାଲି, ତପନ ମାଲି, ଅଜନ ପାଇକ, କୁଞ୍ଜଳ ଲିମା, ରାଜନ ପାଇକ, ଇମ୍ମାନେଲ ନାୟକ ଓ ନୀଳମାଧବ ନାୟକ। ଏ ନେଇ ପୋଲିସ ଏକ ମାମଲା (ନଂ ୧୯/୨୬) ରୁଜୁ କରିଛି। ଏସ୍‌ଆର ବି.ନାଗମାଧବ ରେଡ୍ଡୀ ଏହାର ତଦନ୍ତ କରୁଛନ୍ତି। ତେବେ କେଉଁ କାରଣରୁ ଏପରି ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ରାଜନୈତିକ ଶତ୍ରୁତା ନା ଆଉ କିଛି କାରଣ ରହିଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ମୋହନା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପରେ ମଙ୍ଗଳବାର ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ଗାଁରେ ପହଞ୍ଚି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି। ଗାଁରେ ଶାନ୍ତି ଫେରିବ ଓ ଦୋଷୀ ନିଶ୍ଚିତ ଦଣ୍ଡ ପାଇବେ ବୋଲି ଏସ୍‌ପି କହିଛନ୍ତି।


## Business

## ଭାରତ-ଆମେରିକା ବାଣିଜ୍ୟିକ ଚୁକ୍ତି

# ଇଲେକ୍ଟ୍ରୋନିକ୍ସ ସେକ୍ଟର ପାଇଁ ଗେମ୍‌ଚେଞ୍ଜର

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଭାରତ ଓ ଆମେରିକା ମଧ୍ୟରେ ଦୀର୍ଘଦିନ ଧରି ଅଟକି ରହିଥିବା ବ୍ୟବସାୟ ଚୁକ୍ତି ଉପରେ ମୋହର ଲାଗିଛି। ଏହି ଚୁକ୍ତିକୁ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନକାରୀ ବା ଗେମଚେଞ୍ଜର ଭାବେ ବିଶେଷଜ୍ଞମାନେ ବର୍ଣ୍ଣନା କରୁଛନ୍ତି। ଉଭୟ ଦେଶ ମଧ୍ୟରେ ପ୍ରସ୍ତାବିତ ୫୦୦ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟରେ ଇଲେକ୍ଟ୍ରୋନିକ୍ସ ସେକ୍ଟରର ଅଂଶ ଆଗାମୀ ବର୍ଷଗୁଡ଼ିକରେ ୧୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ପହଞ୍ଚିବା ସମ୍ଭାବନା ରହିଛି। ଅନେକ ମାସ ଧରି ଚାଲିଥିବା ଆଲୋଚନା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବ୍ୟବସାୟ ଚୁକ୍ତି ଉପରେ ଘୋଷଣା କରିଛନ୍ତି। ସେ କହିଛନ୍ତି, ଏହି ଚୁକ୍ତି ତୁରନ୍ତ ପ୍ରଭାବରେ ଲାଗୁହେବ ଏବଂ ଭାରତ ଉପରେ ଲଗାଯାଇଥିବା ମୋଟ ୫୦% ଟାରିଫ୍‌କୁ ୧୮%କୁ ହ୍ରାସ କରାଯାଇଛି। ଏହି ନିଷ୍ପତ୍ତିରେ ଭାରତୀୟ ରପ୍ତାନିକାରୀମାନଙ୍କୁ ଆଶ୍ୱସ୍ତି ମିଳିଛି। ବିଶେଷକରି ଗତ ୨ ବର୍ଷ ଧରି ବର୍ଦ୍ଧିତ ଶୁଳ୍କ ଯୋଗୁ ପ୍ରତିଯୋଗିତାରେ ପଛରେ ରହିଯାଇଥିବା ସେକ୍ଟରଗୁଡ଼ିକ ଉପକୃତ ହେବେ ବୋଲି ଆଶା କରାଯାଉଛି। ଶୁଳ୍କ ବୃଦ୍ଧି ଯୋଗୁ ଆମେରିକୀୟ ବଜାରରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଭଳି ବିଭିନ୍ନ ଭାରତୀୟ ଉତ୍ପାଦର ସ୍ଥିତି ଦୁର୍ବଳ ହୋଇଯାଇଥିଲା। ସୂଚନା ଥାଉକି, ଗତ କିଛି ବର୍ଷରେ ଭାରତର ଇଲେକ୍ଟ୍ରୋନିକ୍ସ ଉଦ୍ୟୋଗ କ୍ଷେତ୍ରରେ ଅଭିବୃଦ୍ଧି ହେବା ସହ ଏହା ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଓ 'ପିଏଲ୍‌ଆଇ ସ୍କିମ୍'ର ଏକ ମୁଖ୍ୟ ସ୍ତମ୍ଭ ହୋଇପାରିଛି। ସ୍ମାର୍ଟଫୋନ, କମ୍ପ୍ୟୁଟର ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର ଆସେମ୍ବଲି ଓ କମ୍ପୋନେଣ୍ଟ ଉତ୍ପାଦନରେ ଭାରତର ଉପସ୍ଥିତି ନିରନ୍ତର ବୃଦ୍ଧି ପାଉଛି। ଆର୍ଥିକ ବର୍ଷ ୨୦୨୪-୨୫ରେ ଭାରତ ପ୍ରାୟ ୩.୨୭ ଲକ୍ଷ କୋଟି ଟଙ୍କା (ଆନୁମାନିକ ୩୮ ବିଲିୟନ ଡଲାର)ର ଇଲେକ୍ଟ୍ରୋନିକ୍ସ ରପ୍ତାନି କରିଛି। ଏଥିରେ ଆମେରିକା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ସବୁଠାରୁ ବଡ଼ ବଜାର ରହିଛି। ଟାରିଫ ହ୍ରାସ ପରେ ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଆମେରିକାରେ ନିଜର ଅଂଶ ବଢ଼ାଇବା ଓ ସେଠାକାର ସପ୍ଲାଇ ଚେନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ବହୁ ସହଜ ହୋଇପଡ଼ିବ ବୋଲି ଆଶା କରାଯାଉଛି। ଅନ୍ୟପଟେ କେନ୍ଦ୍ର ବଜେଟ ୨୦୨୬-୨୭ରେ ଘରୋଇ ଉତ୍ପାଦନ ଓ ନିବେଶକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତ ଯୁକ୍ତରାଜ୍ୟ, ୟୁରୋପୀୟ ସଂଘ ଓ ଅନ୍ୟାନ୍ୟ ଦେଶ ସହ ମଧ୍ୟ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଆଗକୁ ବଢ଼ାଉଛି। ଆମେରିକା ସହ ଏହି ଚୁକ୍ତି ଭାରତକୁ ବିଶ୍ୱବ୍ୟାପୀ ମୂଲ୍ୟ ଚେନ୍‌ରେ ଆହୁରି ଗଭୀର ଭାବେ ଯୋଡ଼ିବାରେ ସହାୟକ ହେବ। ବିଶେଷକରି ଇଲେକ୍ଟ୍ରୋନିକ୍ସ, ଟେକ୍ନୋଲୋଜି ଓ ସପ୍ଲାଇ ଚେନ୍ ରେଜିଲିଏନ୍ସ ଭଳି ରଣନୈତିକ କ୍ଷେତ୍ରରେ ଏହା ଉପଯୋଗୀ ହେବ।



# ବଢ଼ିଲା ସୁନା ଦର

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଗତ କିଛି ଦିନ ଧରି ସୁନା ଓ ରୁପା ମୂଲ୍ୟ ହ୍ରାସ ପାଉଥିବାବେଳେ ମଙ୍ଗଳବାର ଏହି ଧାରାରେ ବଦଳିଛି। ଭୁବନେଶ୍ୱର ବଜାରରେ



୨୪ କ୍ୟାରେଟ ସୁନାର ସୋମବାର ୧,୫୩,୧୩୦ଟଙ୍କା ଥିବାବେଳେ ଏଥିରେ ୬୬୦ ଟଙ୍କା ବୃଦ୍ଧି ହୋଇ ମଙ୍ଗଳବାର ଏହା ୧,୫୩,୭୯୦ ଟଙ୍କା ହୋଇଛି। ୨୨ କ୍ୟାରେଟ୍ ସୁନାଦର ସୋମବାର ୧,୪୦,୪୦୦ ଟଙ୍କା ଥିବାବେଳେ ଏଥିରେ ୭୦୦ଟଙ୍କା ବୃଦ୍ଧି ହୋଇ ମଙ୍ଗଳବାର ୧,୪୧,୧୦୦ଟଙ୍କାରେ ପହଞ୍ଚିଛି। ୧୮ କ୍ୟାରେଟ ସୁନାଦର ସୋମବାର ୧,୧୪,୮୮୦ ଟଙ୍କା ଥିବାବେଳେ ମଙ୍ଗଳବାର ଏଥିରେ ୫୭୦ ଟଙ୍କା ବୃଦ୍ଧି ହୋଇ ଏହି ଦର ୧,୧୫,୪୫୦ ଟଙ୍କା ହୋଇଛି। ଅନ୍ୟପଟେ ରୁପା କିଲୋଗ୍ରାମ ପ୍ରତି ଦର ୩ ଲକ୍ଷ ଟଙ୍କା ରହିଛି।

# ରେଙ୍ଗାଲିରେ ଓଏଚ୍‌ପିସି ଇଣ୍ଟର ୟୁନିଟ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ




ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ ଲିମିଟେଡ୍ (ଓଏଚ୍‌ପିସି) ପକ୍ଷରୁ ନିକଟରେ ରେଙ୍ଗାଲି ଡ୍ୟାମ୍ ସାଇଟ, ରେଙ୍ଗାଲି ଇଲେକ୍ଟ୍ରିକ୍ ପ୍ରକଳ୍ପ (ଆରଏଚ୍‌ଇପି)ଠାରେ ଇଣ୍ଟର ୟୁନିଟ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ସମାରୋହରେ ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହାର ମୁଖ୍ୟବକ୍ତା ଭାବରେ ଓଏଚ୍‌ପିସି ନିର୍ଦ୍ଦେଶକ(ମାନବ ସମ୍ବଳ) ସନ୍ଦୀପ ପଟ୍ଟନାୟକ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ପାଲଲହଡ଼ା ଏସ୍‌ଡିପିଓ ବିଜୟ ଚନ୍ଦ୍ର ସେଠୀ ଏବଂ ରେଙ୍ଗାଲି ତହସିଲଦାର ଚିନ୍ମୟ ଦାସ ଯୋଗଦେଇଥିଲେ। ସ୍ୱାଗତ ଭାଷଣ ଦେଇ ଆରଏଚ୍‌ଇପିର ବରିଷ୍ଠ ମହାପ୍ରବନ୍ଧକ (ବିଦ୍ୟୁତ୍) ଏବଂ ୟୁନିଟ୍ ମୁଖ୍ୟ ସରୋଜ କୁମାର ବେହେରା ଦଳଗତ କାର୍ଯ୍ୟ, ସୁସ୍ଥତା ଏବଂ ସାଂଗଠନିକ ବନ୍ଧନକୁ ପ୍ରୋତ୍ସାହିତ କରିବାରେ କ୍ରୀଡ଼ାର ଗୁରୁତ୍ୱ ଉପରେ କହିଥିଲେ। ପୁରୁଷ ଡବଲ୍ସ ସାମାଜିକ ଗ୍ରୁପ୍‌ରେ ଏବି ତାପସ କୁମାର ପଲ ବିଜେତା ହୋଇଥିବାବେଳେ ଜଶୋବନ୍ତ ନାଏକ ଏବଂ ଜ୍ୟୋତିରଞ୍ଜନ ବେହେରା ଉପବିଜେତା ହୋଇଥିଲେ। ମହିଳା ଡବଲ୍ସରେ ମହାପ୍ରବନ୍ଧକ ସମାଦ ଏବଂ ଶ୍ରୀମତୀ ସୁନୀତା ମୁଣ୍ଡା ବିଜେତା ହୋଇଥିବାବେଳେ ଜ୍ୟୋତି ଟୋପ୍ପୋ ଏବଂ ମୋନାଲିସା ଜାତ ଉପବିଜେତା ହୋଇଥିଲେ। ଆରଏଚ୍‌ଇପିର ମହାପ୍ରବନ୍ଧକ (ବିଦ୍ୟୁତ୍) ଏବଂ ବୈଷୟିକ ୱିଙ୍ଗ୍ ମୁଖ୍ୟ ସୁବ୍ରତ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ଭୁବନେଶ୍ୱରରେ 'ସ୍ନୁଲ୍‌ଓ୍ୱାର୍ଟ ଜିମ୍'ର ୨ୟ ଶାଖା




ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରରେ ଅବସ୍ଥିତ ସ୍ନୁଲ୍‌ଓ୍ୱାର୍ଟ ଜିମ୍‌ର ଦ୍ୱିତୀୟ ଶାଖା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ଅଭିନେତ୍ରୀ ଭୂମିକା ଦାସ, ସୁରଭି ପ୍ରିୟଦର୍ଶିନୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରାୟ ୧୦,୦୦୦ ବର୍ଗଫୁଟ ପରିମିତ ଏହି ଅଞ୍ଚଳରେ ଜିମ୍‌ଟି ଜଗାଲା, ଯୁଇଭାସ୍ଥ, ଜର୍ମାନୀ ଓ ଦକ୍ଷିଣ କୋରିଆର ପ୍ରସିଦ୍ଧ ବ୍ରାଣ୍ଡ ପାନାଭା, ହୋଇଷ୍ଟ, ଷ୍ଟୋର୍ସ ଆର୍ଟ, ଥୋର୍, ଗୁଆ, ଅକ୍ସେନ ଓ ଆଧୁନିକ ଦ୍ୱାରା ନିର୍ମିତ ଅତ୍ୟାଧୁନିକ ଖେଳାଳିମାନଙ୍କ ବିଶ୍ୱସ୍ତରୀୟ ମନ ପସନ୍ଦର ଉପକରଣ ଉପଲବ୍ଧ ହେଉଛି। ଏଠାରେ ନିୟମିତ କାର୍ଡିଓ, ଷ୍ଟ୍ରେଣ୍ଥ ଟ୍ରେନିଂ ଓ କ୍ରସ୍‌ଫିଟ ସହିତ ଫୁଙ୍କସନ୍ଦ କମ୍ପୋଜିସନ ଆନାଲିସିସ୍, ଯୋଗ, ଜୁମ୍ବା ଓ ପିଲାଟିସ ଭଳି ବିଭିନ୍ନ ସୁବିଧା ଅଛି। ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ପରିଚାଳିତ ଏହି କେନ୍ଦ୍ରରେ ପୋଷଣ ବିଶେଷଜ୍ଞ, ଫିଜିଓଥେରାପିଷ୍ଟ ଓ ଇଞ୍ଜୁରି ମ୍ୟାନେଜମେଣ୍ଟ ଏକ୍ସପର୍ଟମାନେ ସହଯୋଗ କରୁଛନ୍ତି। ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଜିମ୍‌ରେ ଆଇସ୍‌ବାଥ୍, ଷ୍ଟିମ୍‌ବାଥ୍ ଓ ଫୁଲ୍‌ବଡି ମସାଜ ସୁବିଧା ମଧ୍ୟ ରହିଥିବା ମୁଖ୍ୟ ପୃଷ୍ଠପୋଷକ ପ୍ରୀତମ ଚୌଧୁରୀ, ପ୍ରକାଶ ସିଂ ଓ ଶିଶିର ସିଂ ପ୍ରମୁଖ କହିଛନ୍ତି।

# ଓଡ଼ିଶା ପାଇଁ ୩.୧୫ ଲକ୍ଷ କୋଟିର ଅଗ୍ରାଧିକାର କ୍ଷେତ୍ର ଋଣ ସମ୍ଭାବନା

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)




ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ମଙ୍ଗଳବାର ରାଜ୍ୟ କ୍ରେଡିଟ ସେମିନାର ୨୦୨୬-୨୭ ଅନୁଷ୍ଠିତ ହୋଇଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ଅଗ୍ରାଧିକାର କ୍ଷେତ୍ର ଋଣ ସମ୍ଭାବନା ରହିଛି ବୋଲି ଆକଳନ କରାଯାଇଛି। ସେଥିମଧ୍ୟରୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ସର୍ବାଧିକ ଅଂଶ ୧.୫୨ ଲକ୍ଷ କୋଟି ଟଙ୍କା ଓ କୃଷି କ୍ଷେତ୍ରରେ ୧.୧୪ ଲକ୍ଷ କୋଟି ଟଙ୍କା ରହିଛି। ଅବଶିଷ୍ଟ ଅଂଶ ଗୃହ, ଶିକ୍ଷା, ଅକ୍ଷୟ ଶକ୍ତି, ସାମାଜିକ ଭିତ୍ତିଭୂମି, ରପ୍ତାନି ଋଣ ଆଦି କ୍ଷେତ୍ରରେ ରହିଛି। ସେମିନାରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିଥିବାବେଳେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଉପସ୍ଥିତ ଥିଲେ। ଅନୁ ଗର୍ଗ କହିଥିଲେ, ୨୦୩୬ ସୁଦ୍ଧା ଏକ ବିକଶିତ ରାଜ୍ୟ ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ପାଇଁ ସମସ୍ତ ହିତାଧିକାରୀଙ୍କ ସମର୍ଥନ ଲୋଡ଼ା। ଓଡ଼ିଶା ଭିଜନ ୨୦୩୬ ଆକାଂକ୍ଷା ପୂରଣ ପାଇଁ ରାଜ୍ୟ ସରକାର, ସରକାରୀ ଓ ବେସରକାରୀ କ୍ଷେତ୍ରର ଉଦ୍ୟମ ଆବଶ୍ୟକ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ 'ମିସିଂ ମିଡିଲ'ର ଆହ୍ୱାନ ଉପରେ ଆଲୋକପାତ କରିଥିଲେ। କୃଷି ଭିତ୍ତିଭୂମି, ପଣ୍ୟାଗାର, ଆନୁଷଙ୍ଗିକ କୃଷି ଉଦ୍ୟୋଗ କ୍ଷେତ୍ର ଏବଂ ମହିଳା ନେତୃତ୍ୱାଧୀନ ଏସ୍‌ଏଚ୍‌ଜି ପାଇଁ ଋଣ ତ୍ୱରାନ୍ୱିତ କରିବା ପାଇଁ ବ୍ୟାଙ୍କ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସହଯୋଗ ପାଇଁ ସେ ପରାମର୍ଶ ଦେଇଛନ୍ତି। ଜନଜାତି ଏବଂ ଅବହେଳିତ ଅଞ୍ଚଳରେ ଋଣ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଆରବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଶାରଦା ପ୍ରସନ୍ନ ମହାନ୍ତି କହିଛନ୍ତି, ବ୍ୟାଙ୍କଗୁଡ଼ିକୁ ରାଜ୍ୟ ଫୋକସ ପେପରର ଧାର୍ଯ୍ୟ ଲକ୍ଷ୍ୟ କରାଯାଇଥିବା ଆକଳନକୁ ଗ୍ରହଣ କରିବା ଉଚିତ୍। ଏସ୍‌ବିଆଇର ସିଜିଏମ୍ ଏ.ଡି. ରତ୍ନାତେଜା, ପରାମର୍ଶ ଏବଂ ବଟମ-ଅପ୍ ଆଭିମୁଖ୍ୟ ମାଧ୍ୟମରେ ରାଜ୍ୟ ଫୋକସ ପେପର ପ୍ରସ୍ତୁତ କରିବାରେ ନାବାର୍ଡର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଏସ୍‌ଏଲ୍‌ବିସିର ସଂଯୋଜକ ଗୌତମ ପାତ୍ର କହିଛନ୍ତି, ବ୍ୟାଙ୍କଗୁଡ଼ିକ ଜମା ଏବଂ ଋଣ ଅଭିବୃଦ୍ଧିରେ ପ୍ରଭାବଶାଳୀ ଅଗ୍ରଗତି କରିଛନ୍ତି। ଅସମାନ କ୍ରେଡିଟ ଡିପୋଜିଟ ଅନୁପାତ, ସ୍ୱଳ୍ପ ମିଆଦୀ ଋଣ ଏବଂ କୃଷିରେ ଋଣ ବ୍ୟବଧାନ ସମେତ ଚ୍ୟାଲେଞ୍ଜ ରହିଛି। ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ବିନୋଦ କୁମାର ଆର୍ଯ୍ୟ କହିଛନ୍ତି, ଓଡ଼ିଶାର ବିଶାଳ ଭୌଗୋଳିକ ସ୍ଥିତି, ବିଭିନ୍ନ କୃଷି-ପରିବେଶ ଏବଂ ବିଗତ ଦଶନ୍ଧି ମଧ୍ୟରେ ଦୃଢ଼ ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ଋଣ ଅଭିବୃଦ୍ଧିରେ ବ୍ୟାପକ ସମ୍ଭାବନା ରହିଛି।

# ଭୁବନେଶ୍ୱର ଏନ୍‌ଏଚ୍‌ରେ ବ୍ଲାକ୍ ସ୍ପଟ୍ ଚିହ୍ନଟ ପାଇଁ ରଣନୀତି

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଭୁବନେଶ୍ୱରରେ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସ୍ୱତନ୍ତ୍ର ବୈଷୟିକ ଜ୍ଞାନକୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜପଥର ବିପଜ୍ଜନକ ସ୍ଥାନ (ବ୍ଲାକ୍ ସ୍ପଟ୍)ଗୁଡ଼ିକୁ ଚିହ୍ନଟକରିବା ଏବଂ ସେଗୁଡ଼ିକର ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ଏଚ୍‌ଏଆଇର ଅଧିକାରୀ ଏବଂ ରାଜପଥ ନିର୍ମାଣ କରୁଥିବା ଠିକାଦାରମାନେ ଯୋଗଦେଇଥିଲେ। ଭାରତୀୟ ରାଜପଥଗୁଡ଼ିକରେ ଦୁର୍ଘଟଣାପ୍ରବଣ ଅଞ୍ଚଳ କିପରି କମାଯାଇପାରିବ, ସେଥିପାଇଁ କ୍ଷେତ୍ର ସ୍ତରରେ ପରୀକ୍ଷିତ ବିଭିନ୍ନ ବ୍ୟବହାରିକ ପଦ୍ଧତି ଉପରେ ଏଠାରେ ଆଲୋଚନା କରାଯାଇଥିଲା। ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ କାଟାଲାଇନ୍ ଲିମିଟେଡ୍ ସହଯୋଗରେ ଏହି ଅଧିବେଶନଟି ଆୟୋଜନ ହୋଇଥିଲା। ସାରା ଭାରତରେ ପାଳନ କରାଯାଉଥିବା ଏହି ମାସ ପାଇଁ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରାଳୟ (ଏମ୍‌ଓଆର୍‌ଟିଏଚ୍)ର ମୁଖ୍ୟ ବିଷୟବସ୍ତୁ 'ସଡ଼କ ସୁରକ୍ଷା, ଜୀବନ ରକ୍ଷା' ରହିଛି। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ସରକାରୀ ଅଧିକାରୀ ଯୋଗଦେଇଥିଲେ, ଯେଉଁଥିରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ଓଡ଼ିଶା ଆଞ୍ଚଳିକ ଅଧିକାରୀ ବୀରେନ୍ଦ୍ର ସିଂ ଏବଂ ଏନ୍‌ଏଚ୍‌ଏଆଇ ପ୍ରୋଜେକ୍ଟ ମ୍ୟାନେଜର (ଟେକ୍) ତଥା ଆଞ୍ଚଳିକ ସଡ଼କ ସୁରକ୍ଷା ଅଧିକାରୀ ଅବିନାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁଝରଃ ୨୨ ମାସରେ ୧୪ ତୀରନ୍ଦାଜ

**କେନ୍ଦୁଝର,୩।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**


ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷାର୍ଥୀ ଅଭ୍ୟାସ କରୁଛନ୍ତି।

କେନ୍ଦୁଝର ଜିଲା ଶଙ୍କରପୁରସ୍ଥିତ ଓଡ଼ିଶା ଟାଟା ଆର୍ଚେରି ହାଇ ପରଫରମାନ୍ସ ସେଣ୍ଟର(ଓଟିଏପିଏଚ୍‌ସି) ଏବେ ଦେଶର ଭବିଷ୍ୟତର ଧନୁର୍ଦ୍ଧରମାନଙ୍କ କ୍ରୀଡ଼ା ଭୂମି ସାଜିଛି। ଓଡ଼ିଶା ସରକାର ଏବଂ ଟାଟାଷ୍ଟିଲ୍‌ର ମିଳିତ ପ୍ରଚେଷ୍ଟାରେ ଏହି ସେଣ୍ଟରରୁ ମାତ୍ର ୨୨ ମାସରେ ୧୪ଜଣ ଜାତୀୟସ୍ତରର ତୀରନ୍ଦାଜ ସୃଷ୍ଟି ହୋଇପାରିଛନ୍ତି। ୨୦୨୪ରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୪ଜଣ କ୍ୟାଡେଟ (୧୨ ବାଳକ ଓ ୧୨ ବାଳିକା)ଙ୍କୁ ନେଇ ବିଶ୍ୱସ୍ତରୀୟ ଭିତ୍ତିଭୂମି, ଆଧୁନିକ ଉପକରଣ ଏବଂ ବିଶେଷଜ୍ଞଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସମୟାନୁକ୍ରମେ ଏହା ଗ୍ରାମାଞ୍ଚଳ ଓ ଜନଜାତି ସମ୍ପ୍ରଦାୟରୁ ଆସୁଥିବା ପ୍ରତିଭାମାନଙ୍କୁ ଉଚ୍ଚକୋଟୀର ଆଥ୍‌ଲେଟ ଭାବେ ଗଢ଼ି ତୋଳିବାର ମାଧ୍ୟମ ପାଲଟିଛି। ଜାତୀୟସ୍ତରରେ ନିଜର ପରିଚୟ ସୃଷ୍ଟି କରିଥିବା ମାଲକାନଗିରି ଜିଲାର ଦୁର୍ଗମ ଗ୍ରାମର ଜଣେ ଚାଷୀଙ୍କ ପୁଅ ଅର୍ଜୁନ ଖରା(୨୨)୨୦୨୪ରେ ଓଟିଏପିଏଚ୍‌ସି ପାଇଁ ମନୋନୀତ ହୋଇଥିଲେ। ଆଜି ସେ ସିନିୟର ନ୍ୟାଶନାଲ ଆର୍ଚେରି ଚାମ୍ପିୟନଶିପ୍‌, ନ୍ୟାଶନାଲ ଗେମ୍ସ ଏବଂ ଏନ୍‌ଟିପିସି ନ୍ୟାଶନାଲ ତୀରନ୍ଦାଜୀ ଟୁର୍ଣ୍ଣାମେଣ୍ଟ ଭଳି ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି। ସେହିପରି ପିଲାଦିନରୁ ବାପା, ମା' ଏବଂ ଭାଇଙ୍କୁ ହରାଇଥିବା ଯାଜପୁର ଜିଲାର ସୀତା ହେମ୍ବ୍ରମ(୧୬) ସାନ ଭଉଣୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କେନ୍ଦୁଝର ସେଣ୍ଟରରେ ଟ୍ରାଏଲ ଦେଇ ମନୋନୀତ ହୋଇଥିଲେ। ୨୦୨୪ରୁ ଓଟିଏପିଏଚ୍‌ସି ସହ ଯୋଡ଼ିହେବା ପରେ ଧନୁର୍ବିଦ୍ୟା ତାଙ୍କୁ ଏକ ନୂଆ ପରିଚୟ ଦେଇଛି। ଗତ ଡିସେମ୍ବର ୨୭-୨୮ରେ କଟକଠାରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ଆର୍ଚେରି ଟୁର୍ଣ୍ଣାମେଣ୍ଟ-୨୦୨୫ରେ ଭଗବତ ବଳିୟାରସିଂହ ଏବଂ ମୋନାଲିସା ନାୟକ ୧୫ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଏକାଡେମୀର ସୁନିତା ନାୟକ(୧୬) ଓ ସାବିତ୍ରୀ ପାତ୍ର(୧୬) ଛତିଶଗଡ଼ ରାୟପୁରଠାରେ ଗତ ଡିସେମ୍ବରରେ ଅନୁଷ୍ଠିତ ୪୫ତମ ଏନ୍‌ଟିପିସି ଜୁନିୟର ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଝାଡ଼ଖଣ୍ଡର ରାଞ୍ଚିରେ ଅନୁଷ୍ଠିତ ୬୯ତମ ଜାତୀୟ ସ୍କୁଲ ଗେମ୍ସ-୨୦୨୫-୨୬ରେ ଇଣ୍ଡିଭିଜୁଆଲ ଅଲିମ୍ପିକ ରାଉଣ୍ଡର ସୁନୀତା ନାୟକ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ସେହିପରି ସାବିତ୍ରୀ ପାତ୍ର ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ବର୍ତ୍ତମାନ ଏହି କେନ୍ଦ୍ରରେ ୧୭ଜଣ କ୍ୟାଡେଟ ଅଛନ୍ତି, ଯେଉଁଥିରେ ଓଡ଼ିଶା ବାହାରୁ ୪ଜଣ ସାମିଲ ଅଛନ୍ତି। ଟାଟାଷ୍ଟିଲ୍‌ର ସ୍ପୋର୍ଟସ ଚିଫ୍ ମୁକୁଲ ବିନାୟକ ଚୌଧୁରୀ କହିଛନ୍ତି, ଏହି ସେଣ୍ଟର ତୃଣମୂଳସ୍ତରରୁ କ୍ରୀଡ଼ା ପ୍ରତିଭାଙ୍କୁ ଖୋଜି ଜାତୀୟସ୍ତରର ଶ୍ରେଷ୍ଠ ଖେଳାଳି ଭାବେ ଗଢ଼ି ତୋଳିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏକାଡେମୀର ପ୍ରଶିକ୍ଷକ ବିକାଶ ଉପାଧ୍ୟାୟ କହିଛନ୍ତି ଉନ୍ନତ ପ୍ରଶିକ୍ଷଣ ସହ କ୍ୟାଡେଟମାନଙ୍କ ପରିଶ୍ରମ ଓ ନିଷ୍ଠା ଯୋଗୁ ସେମାନେ ଅନେକ ପଦକ ଜିତିବାରେ ସଫଳ ହୋଇଛନ୍ତି।

## ୨୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ

**ମାଲକାନଗିରି,୩।୨ (ଦୁର୍ଯ୍ୟୋଧନ ପାତ୍ର)**

ବିଦ୍ୟୁତ୍ ସଂଯୋଗ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଟିପିଏସ୍‌ଓଡିଏଲ୍‌


କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକ

କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକ। ମାଲକାନଗିରି ଜିଲା ସଦର ମହକୁମା ଟିପିଏସ୍‌ଓଡିଏଲ୍‌ରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ନାୟକ ଏକ ଇଟା ତିଆରି କାରଖାନାକୁ ବିଦ୍ୟୁତ୍ ସଂଯୋଗ କରିବା ନିମନ୍ତେ ଭି.କିଶୋର ସ୍ୱାଇଁ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରିଛନ୍ତି। କୋରାପୁଟ ଭିଜିଲାନ୍ସ କେସ୍ ନଂ. ୧।୨୦୨୬, ୭ ପିସି (ସଂଶୋଧନ) ଆଇନ, ୨୦୧୮ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଜୟପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ପଚରାଉଚୁରା ଜାରି ରହିଥିବା ଭିଜିଲାନ୍ସ ବିଭାଗ ତରଫରୁ ସୂଚନା ଦିଆଯାଇଛି। ଭି.କିଶୋର ସ୍ୱାଇଁ ତାଙ୍କ ଇଟା ଫ୍ୟାକ୍ଟ୍ରିକୁ ବିଦ୍ୟୁତ୍ ସଂଯୋଗ ପାଇଁ ବାରମ୍ବାର କନିଷ୍ଠ ଯନ୍ତ୍ରୀଙ୍କ ପାଖକୁ ଦୌଡ଼ିଥିଲେ। ୨୦ ହଜାର ଟଙ୍କା ଦେଲେ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ନାୟକ ତାଙ୍କୁ କହିଥିଲେ। ଫଳରେ ଭି. କିଶୋର ବାଧ୍ୟହୋଇ ଏ ସମ୍ବନ୍ଧରେ ଭିଜିଲାନ୍ସକୁ ଖବର ଦେଇଥିଲେ।ଯୋଜନା ମୁତାବକ ଭି. କିଶୋର କନିଷ୍ଠ ଯନ୍ତ୍ରୀଙ୍କୁ ୨୦ ହଜାର ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସର ଏକ ଦଳ ତାଙ୍କୁ କାବୁକରିଥିଲେ।

# ମାଓବାଦୀ ପ୍ରଭୁଙ୍କ ଆତ୍ମସମର୍ପଣ

**ରାଉରକେଲା,୩।୨(ସଙ୍ଗୀତା ଜେନା)**


ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ସକ୍ରିୟ ହାର୍ଡକୋର୍ ମାଓବାଦୀ ଅମ୍ଲେଲେନ୍ ହୋନହାଗା ଓରଫ୍ ପ୍ରଭୁ(୧୮) ମଙ୍ଗଳବାର ଅପରାହ୍ନ ୨ଟାରେ ରାଉରକେଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ରାଉରକେଲା ପୋଲିସ ମୁଖ୍ୟାଳୟରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଏବଂ ଏସ୍‌ପି ନିତେଶ ୱାଧୱାନୀଙ୍କ ଉପସ୍ଥିତିରେ ସେ ଆତ୍ମସମର୍ପଣ କରିଥିଲେ। ତାଙ୍କୁ ପୋଲିସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ସହ 'ବି' ବର୍ଗରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡିଆଇଜି ରାୟ ସୂଚନା ଦେଇ କହିଲେ, ପ୍ରଭୁ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଛୋଟାନାଗରା ହାଲାମୁଲି ଗ୍ରାମର ବାସିନ୍ଦା ଏବଂ ଦକ୍ଷିଣ ଛୋଟାନାଗରା ଡିଭିଜନର ଲୋକାଲ ଗୁରିଲା ସ୍କ୍ୱାଡ୍ ମେମ୍ବର (ଏଲ୍‌ଜିଏସ୍‌ଏମ୍) ଥିଲେ। ପ୍ରାୟ ୨ ବର୍ଷ ତଳେ ସେ ଏଥିରେ ଯୋଗଦାନ କରି ସୀମାନ୍ତ ଅଞ୍ଚଳରେ ସକ୍ରିୟ ଥିଲେ। ଗତ କିଛିଦିନ ତଳେ ଝାଡ଼ଖଣ୍ଡରେ ବଡ଼ଧରଣର ଅଭିଯାନରେ ମାଓବାଦୀଙ୍କୁ ନିପାତ କରାଯିବା ସହ ମାଓବାଦୀମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ପ୍ରେରିତ ହୋଇ ପ୍ରଭୁ ଆତ୍ମସମର୍ପଣ ରାସ୍ତା ବାଛିଥିଲେ। ତାଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ପାଇଁ ଆବଶ୍ୟକ ସହାୟତା ବାବଦରେ ପ୍ରାୟ ୨ ଲକ୍ଷ ୬୫ ହଜାର ଟଙ୍କାର ରାଶି ପ୍ରଦାନ କରାଯିବ ବୋଲି ଡିଆଇଜି ରାୟ କହିଥିଲେ। ସେହିପରି ଏସ୍‌ପି ୱାଧୱାନୀ କହିଲେ, ପ୍ରଭୁ ସରଣ୍ଡା ଜଙ୍ଗଲରେ ସଙ୍ଗଠନରେ ରାଶନ ସଂଗ୍ରହ ଓ ଅନ୍ୟ ଛୋଟ ବଡ଼ କାମର ତାଲିମ ନେଉଥିଲେ। ୨୦୨୪ରେ ବିର୍ସା ନାମକ ମାଓବାଦୀଙ୍କ ସଂସ୍ପର୍ଶରେ ଆସିବା ପରେ ସେ ସଙ୍ଗଠନରେ ସାମିଲ ହୋଇଥିଲେ। ଦେଶର ସବୁଠାରୁ ଓଡ଼ିଶାରେ ମାଓବାଦୀ ଆତ୍ମସମର୍ପଣ ନୀତି ସର୍ବଶ୍ରେଷ୍ଠ ଓ ସହଜସାଧ୍ୟ ରହିଛି। ପ୍ରଭୁ ମାଓବାଦୀଙ୍କ ନୀତିରେ ଅତିଷ୍ଠ ହୋଇପଡ଼ିଥିଲେ। ସେ ଅନ୍ୟ ସଦସ୍ୟଙ୍କଠାରୁ ମାନସିକ, ଶାରୀରିକ ନିର୍ଯାତନା ପାଉଥିଲେ। ଶେଷରେ ସେ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ମନସ୍ଥ କରିଥିଲେ। ତାଙ୍କୁ ବିବାହ, ରୋଜଗାର ପାଇଁ ଷ୍ଟାଇପେଣ୍ଡ, ଖାଦ୍ୟ ସୁରକ୍ଷା କାର୍ଡ, ଆବାସ ଆଦି ପ୍ରଦାନ କରାଯିବ ବୋଲି ଏସ୍‌ପି ୱାଧୱାନୀ କହିଥିଲେ।

# ଏସ୍‌ଏଫ୍‌ଡିଆର କାର୍ଯ୍ୟଦକ୍ଷତା ପ୍ରଦର୍ଶିତ

**ବାଲେଶ୍ୱର, ୩।୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ଆଇଟିଆରଠାରେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୪୫ରେ ଡିଆରଡିଓ ପକ୍ଷରୁ କଠିନ ଇନ୍ଧନଯୁକ୍ତ ରାମଜେଟ୍ ଜ୍ଞାନକୌଶଳ ସଲିଡ ଫୁଏଲ ଡକ୍ଟେଡ୍ ରାମଜେଟ୍ (ଏସ୍‌ଏଫ୍‌ଡିଆର) ଇଞ୍ଜିନର କାର୍ଯ୍ୟଦକ୍ଷତା ପ୍ରଦର୍ଶିତ ହୋଇଛି। ଏହାପରେ ଭାରତ ଶତ୍ରୁପକ୍ଷଠାରୁ ଅଧିକ ଦକ୍ଷତାସମ୍ପନ୍ନ ଦୂରଗାମୀ ଆକାଶରୁ ଆକାଶକୁ ନିକ୍ଷେପ ହେଉଥିବା କ୍ଷେପଣାସ୍ତ୍ର ବିକାଶ ନିମିତ୍ତ ଜ୍ଞାନକୌଶଳ ହାସଲକାରୀ ପ୍ରମୁଖ ଦେଶ ମଧ୍ୟରେ ସାମିଲ ହୋଇଯିବ ବୋଲି ଡିଆରଡିଓ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଏକ ନିର୍ଦ୍ଦିଷ୍ଟ ମାପକ ପହଞ୍ଚିବା ପର୍ଯ୍ୟନ୍ତ ପ୍ରାରମ୍ଭିକ ଭୂମିଗତ ବୁଷ୍ଟର ମୋଟର ମାଧ୍ୟମରେ ଗତି ଦିଆଯିବା ପରେ ଏସ୍‌ଏଫ୍‌ଡିଆର୍‌ର ନୋଜଲ ଲେସ୍ ବୁଷ୍ଟର, ସଲିଡ୍ ଫୁଏଲ ଡକ୍ଟେଡ୍ ରାମଜେଟ୍ ମୋଟର, ଫୁଏଲ ଫ୍ଲୋ କଣ୍ଟ୍ରୋଲର ଆଦି ସହଯୋଗୀ ଉପକରଣ ଆଶାନୁରୂପକ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଛି। ଆଇଟିଆର ଦ୍ୱାରା ବଙ୍ଗୋପସାଗର ଉପକୂଳରେ ନିୟୋଜିତ ସଂଖ୍ୟାଧିକ ନିରୀକ୍ଷଣ ଉପକରଣରୁ ମିଳିଥିବା ଫ୍ଲାଇଟ ଡାଟାର ବିଶ୍ଳେଷଣ ଅନୁସାରେ ଏସ୍‌ଏଫ୍‌ଡିଆର ଜ୍ଞାନକୌଶଳର ଦକ୍ଷତା ପ୍ରମାଣିତ ହୋଇଛି।

# ବ୍ୟୋମକେଶ ଭଦ୍ରକ ଜିଲା ବିଜେଡି ସଭାପତି

**ଭୁବନେଶ୍ୱର, ୩।୨(ସୁନିତ୍ ମିଶ୍ର)**

- **ଗଞ୍ଜାମ, ରାୟଗଡ଼ା ଓ ମୟୂରଭଞ୍ଜ-୨ ପାଇଁ କାର୍ଯ୍ୟକାରୀ ସଭାପତି ଚୟନ**
- **ଖୋର୍ଦ୍ଧା, ବାଲେଶ୍ୱର ସମସ୍ୟା ତୁଟାଇପାରୁନି ଦଳ**

ପୂର୍ବତନ ବିଜୁ ଯୁବ ଜନତା ଦଳ ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ମଙ୍ଗଳବାର ଦଳ ପକ୍ଷରୁ ନୂଆ ନିଯୁକ୍ତି ଦିଆଯାଇଛି। ବ୍ୟୋମକେଶଙ୍କୁ ଦଳ ପକ୍ଷରୁ ଭଦ୍ରକ ଜିଲା ସଭାପତି ଭାବେ ନୂଆ ଦାୟିତ୍ୱ ମିଳିଛି। ତାଙ୍କ ହାତରେ ଦଳର ଯୁବ ବ୍ୟାପାର ଦାୟିତ୍ୱ ମଧ୍ୟ ରହିଛି। ରାଜନୈତିକ ଦୃଷ୍ଟିକୋଣରୁ ଭଦ୍ରକକୁ ବର୍ତ୍ତମାନ ବହୁ ଗୁରୁତ୍ୱପୂର୍ଣ୍ଣ ଜିଲା ଭାବେ ପରିଗଣିତ କରାଯାଉଛି। ଯେହେତୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଜିଲା ଭଦ୍ରକ, ସେଥିଲାଗି ଏହା ରାଜନୈତିକ ଦୃଷ୍ଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଚାନ୍ଦବାଲି ଆସନରୁ ମନମୋହନଙ୍କୁ ଗତ ସାଧାରଣ ନିର୍ବାଚନରେ ବ୍ୟୋମକେଶ ପରାଜିତ କରିଥିଲେ। ସେହି ଦୃଷ୍ଟିରୁ ବ୍ୟୋମକେଶଙ୍କୁ ଜିଲା ସଙ୍ଗଠନର ମୁଖ୍ୟ ଭାବେ ଦାୟିତ୍ୱ ଦିଆଯାଇଛି ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପଟେ ଭଦ୍ରକ ଛଡ଼ା ଗଞ୍ଜାମ ସାଙ୍ଗଠନିକ ଜିଲାରେ ବିଜେଡି ପକ୍ଷରୁ ୨ ଜଣଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏବଂ ଭଗବାନ ଗନ୍ତାୟତଙ୍କୁ ଗଞ୍ଜାମ ଜିଲା କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ରାୟଗଡ଼ା ଜିଲା କାର୍ଯ୍ୟକାରୀ ସଭାପତି ଭାବେ ପି.ଗୌରୀ ଶଙ୍କରଙ୍କୁ ନୂଆ ନିଯୁକ୍ତି ମିଳିଛି। ମୟୂରଭଞ୍ଜ-୨ ସାଙ୍ଗଠନିକ ଜିଲାରେ ରାଇସେନ ମୁର୍ମୁଙ୍କୁ ଦଳ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ପ୍ରଦାନ କରିଛି। ଏନେଇ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ମଙ୍ଗଳବାର ବିଜ୍ଞପ୍ତି ଜାରି କରାଯାଇଛି।

ବିଜେଡି ପକ୍ଷରୁ ବିଭିନ୍ନ ଜିଲାର ସାଙ୍ଗଠନିକ ନିଯୁକ୍ତି ଚାଲିଥିବା ବେଳେ ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲାରେ ସଭାପତି ଚୟନ ଏପର୍ଯ୍ୟନ୍ତ ଦଳ ପକ୍ଷରୁ କରାଯାଇନାହିଁ। ଏହି ଦୁଇ ଜିଲାର ସଭାପତି ଚୟନ ବିଷୟ ମଧ୍ୟ ରାଜ୍ୟ ରାଜନୀତିରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଖୋର୍ଦ୍ଧା ଜିଲାରେ ଦଳ କାହାକୁ ସଭାପତି କରିବ ସେନେଇ ଏପର୍ଯ୍ୟନ୍ତ ଚୟନ କରିପାରୁନାହିଁ। ଏହି ଜିଲା ଅଧୀନରେ ଆସୁଥିବା ବିଭିନ୍ନ ବିଧାନସଭା କ୍ଷେତ୍ରର ନେତାମାନେ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଥିବା ଚର୍ଚ୍ଚା ହେଉଛି, ଯେଉଁଥିଲାଗି ଦଳ କାହାକୁ ଏଯାଏଁ ସଭାପତି କରିପାରି ନାହିଁ। ଅନ୍ୟପଟେ ବାଲେଶ୍ୱର ଜିଲାର ସଭାପତି ଦାୟିତ୍ୱ ନେବାକୁ ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା ଆଗ୍ରହୀ ଅଛନ୍ତି। ଦଳର ଶୀର୍ଷରୁ ତାଙ୍କୁ ଏହି ପଦ ଦେବାକୁ ରାଜି ନାହିଁ। ଅନ୍ୟପଟେ ଜିଲାର ବହୁ ନେତା ମଧ୍ୟ ତାଙ୍କୁ ବିରୋଧ କରୁଥିବା ଚର୍ଚ୍ଚା ହେଉଛି। ଏହାରି ଭିତରେ କିଛିଦିନ ହେଲା ରବୀନ୍ଦ୍ର ଜେନା ଭାଜପାରେ ମିଶିବା ଲାଗି ଚେଷ୍ଟା କରୁଥିବା ଶୁଣିବାକୁ ମିଳୁଛି। ହେଲେ ଭାଜପା କୁଆଡେ ଏଯାଏଁ ତାଙ୍କ ମିଶିବା ନେଇ ଗ୍ରୀନ୍ ସିଗ୍‌ନାଲ ଦେଉ ନ ଥିବା ଜିଲାରେ କୁହାକୁହି ହେଉଛନ୍ତି।


GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**
No. 34001/14/2526 e-mail ID: supenger_rbjyp@yahoo.co.in
**INVITATIONS FOR BIDS (IFB)**
**Bid Identification No. C.C.E.J.C. (R&B) - 14/2025-26**
No. 1475 Date: 31.01.2026

| | | |
|---|---|---|
| 1. | Nature of the work | : Road & Building Works |
| 2. | Total No. of Works | : 07 (Seven) Nos. |
| 3. | Tender Cost | : Rs.2.58 to 6.44 Crs. |
| 4. | Period of Completion | : 04 (Four) to 11 (Eleven) Calendar Months each |
| 5. | Cost of Bid Document | : Rs.10,000/- |
| 6. | Bid Security (EMD) | : Rs.2.58 Lacs to 6.44 lacs as per column No. 06 of IFB. |
| 7. | Class of Contractor | : "Special", "B" & "A" Class as per Cl. No. 05 of TCN & according to Financial eligibility. |
| 8. | Date & time of availability of bid document in the portal | : From 12.00 hours of 10.02.2026 to 17.00 hours of 24.02.2026 |
| 9. | Last date/time for receipt of bids in the portal | : 17.00 hours of 24.02.2026 |
| 10. | Opening date of Bid | : 11.00 hours of 25.02.2026 |
| 11. | Name and address of the Officer Inviting Bid | : Chief Construction Engineer, Jeypore (R&B) Circle, Jeypore |

Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only.
Sd./- Chief Construction Engineer
OIPR-34001/34108/1/25-26/0014 Jeypore (R&B) Circle, Jeypore



**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ମୁଖ୍ୟ ଯନ୍ତ୍ରୀ/ସିଏନ/ଗାର୍ଡେନ ରିଚ୍, କୋଲକାତା-୭୦୦୦୪୩, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ **www.ireps.gov.in** ରେ ଅପଲୋଡ୍ ହୋଇଛି। ଟେଣ୍ଡରକୁ ଧାର୍ଯ୍ୟ ତାରିଖ ଦିନ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ: ଇ-ଟେଣ୍ଡର ବିଜ୍ଞପ୍ତି ନଂ.- ୦୧-ଡିସିଇ-ସି-ଜିଆରସି-୦୧-୨୦୨୬; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥର ଡେପୁଟି ସିଇ/ସିଏନ/ଗାର୍ଡେନ ରିଚ୍ କ୍ଷେତ୍ରାଧିକାରରେ ବକ୍ରାନାବାଦ ଷ୍ଟେସନଠାରେ ଅତିରିକ୍ତ ଲୁପ୍ ଲାଇନ୍ ସଂକ୍ରାନ୍ତରେ ଇଆଇ ବିଲ୍ଡିଂର ନିର୍ମାଣ ଓ ତତ୍ ସମ୍ବନ୍ଧୀୟ କାର୍ଯ୍ୟ। ଏଷ୍ଟିମେଟ୍ ନଂ. ୧୮୫ଡବ୍ଲ୍ୟୁ/୨୦୨୨; ଆନୁମାନିକ ମୂଲ୍ୟ: ₹୫,୧୮,୫୨,୫୪୩.୩୩; ବିଡ୍ ଅଗ୍ରୀମ: ₹୪,୦୯,୩୦୦.୦୦; ସମାପ୍ତି ଅବଧି: ୦୮ ମାସ; ସମାପ୍ତି ତାରିଖ: ୧୦।୦୩।୨୦୨୬; ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦେଶତା ପାଇଁ ଏବଂ ଅନ୍‌ଲାଇନରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: "ସମ୍ଭାବ୍ୟ ଟେଣ୍ଡରଦାତା ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି"। (PR-1137)



**OFFICE OF THE NOTIFIED AREA COUNCIL, BOUDHGARH**
e-mail: boudhgarhnac@yahoo.co.in, Ph. No.: 06841-222024
No. 315 **EXPRESSION OF INTEREST** Date: 31.1.26
No. 13001/15/2526: Boudhgarh NAC proposes to undertake **"Providing Consultancy Service for preparation of DPR for different projects"**. Proposals are invited to conduct the assignment and submit the deliverables from consulting registered architectural firms that have requisite experience in preparation of DPR for different infrastructure project.
The details of EOI may be accessed and the EOI can be downloaded from the website **www.nacboudhgarh.in** or in person on payment of the required paper cost.
The completed application as per the instructions in the EOI document, should reach the following address by Speed Post/Registered Post/ Courier latest by **3.30 P.M. on dated 11.02.26**.
Boudhgarh NAC reserves the sole right to accept or reject any or all proposals without assigning any reason whatsoever.
Sd./- Executive Officer
OIPR-13001/13155/1/25-26/0015 NAC, Boudhgarh



**GOVT OF ODISHA** No. 25001/16/2526
**OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH**
At/P.O.: Nabaghanpur, Dist.: Nayagarh, Ph.: 06753-252049, E-mail: nayagarhrw2006@yahoo.in
No.: Tender-Online-Nayagarh Divn.-13/2025-26 Date:
**e-Procurement NOTICE**

1. Name of the Work : Road Works
2. Total No. of Projects : 07 (Seven) Nos. of Projects
3. Class of Contractor :
   a) Estimated cost above Rs.20.00 lakhs & upto Rs.3.00 Crore : **B Class** (of Odisha PWD) or relevant class of other licensing authorities
   b) Estimated cost upto Rs.40.00 lakhs : **C Class** (of Odisha PWD) or relevant class of other licensing authorities
   c) Estimated cost upto Rs.20.00 lakhs : **D Class** (of Odisha PWD) or relevant class of other licensing authorities
4. Estimated Cost put to tender : Rs.4.84 lakhs & Rs.45.47 lakhs
5. Time for Completion : 01 (One) Calendar Month
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No.: Tender Online - Divn. NAYAGARH - 13/2025-26 | 06.02.2026 at 10.00 A.M. | 16.02.2026 upto 5.30 P.M. | 17.02.2026 at 11.00 A.M. |

Further details can be seen from the website **www.tendersorissa.gov.in**.
OIPR-25001/25106/1/25-26/0016 Sd./- Executive Engineer, Rural Works Division., Nayagarh


## ଆଜି ବିଶ୍ୱ କ୍ୟାନ୍‌ସର ଦିବସ

# ଅଭିନବ ଭାବରେ ଏକତ୍ର ହେବା



ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରୁ କ୍ୟାନ୍‌ସର ବା କର୍କଟ ରୋଗ ଅନ୍ୟତମ। ପ୍ରାରମ୍ଭରୁ ଏହାର ଲକ୍ଷଣ ବିଷୟରେ ଅବଗତ ହୋଇପାରିଲେ ପ୍ରଥମ ଷ୍ଟେଜ୍‌ରୁ ହିଁ କେତେକ କ୍ୟାନ୍‌ସରରୁ ଆରୋଗ୍ୟ ମିଳିପାରୁଛି। ହେଲେ ଯଦି ବିଳମ୍ବରେ ଏହାର କାରଣ ଜଣାପଡେ ତେବେ ତାହା ଅକାଳ ମୃତ୍ୟୁକୁ ଡାକି ଆଣିଥାଏ। ତେଣୁ କ୍ୟାନ୍‌ସର ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ 'ବିଶ୍ୱ କ୍ୟାନ୍‌ସର ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏହି ଦିବସ ଅବସରରେ ଘୋଷିତ ଚଳିତ ବର୍ଷର ସ୍ଲୋଗାନ ହେଲା- 'ଅଭିନବ ଭାବରେ ଏକତ୍ର ହେବା'। ପ୍ରତିବର୍ଷ କ୍ୟାନ୍‌ସର ଦିବସରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ ପକ୍ଷରୁ ଏହି ସ୍ଲୋଗାନ ଘୋଷଣା କରାଯାଇଥାଏ।

କଥାରେ ଅଛି- କ୍ୟାନ୍‌ସର ନୋ ଆନ୍‌ସର। କିନ୍ତୁ ଯଦି ଠିକ୍ ସମୟରେ ଏହାର କାରଣ ବିଷୟରେ ଅବଗତ ହେବା ଆଉ ତାହାର ଠିକ୍ ଉପାୟରେ ଚିକିତ୍ସା କରିବା ତେବେ ଏଥିରୁ ଆରୋଗ୍ୟ ଲାଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏକ ଆକଳନରୁ ଜଣାପଡ଼ିଛି ଯେ, ବର୍ତ୍ତମାନ ଯୁବପିଢ଼ି ଏହାର ଅଧିକ ଶୀକାର ହେଉଛନ୍ତି। ତେବେ କ୍ୟାନ୍‌ସରର ଲକ୍ଷଣଗୁଡିକ କ'ଣ ? ଏହାର ପ୍ରମୁଖ ଲକ୍ଷଣ ହେଲା- ଶରୀରର କୌଣସି ସ୍ଥାନରେ ଆବୁ ପରି ଗୁଳି ହେବା, ହଠାତ୍ ଓଜନ କମିଯିବା, ଆଦୌ କିଛି କାମ ନ କରି ହାଲିଆ ଲାଗିବା, ଚର୍ମ ରଙ୍ଗରେ ପରିବର୍ତ୍ତନ ଦେଖାଦେବା ଏବଂ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ହେବା ଏବଂ ଏହି ଅବସ୍ଥା ଲାଗି ରହିବା। ଏହାବ୍ୟତୀତ ନିଶାଦ୍ରବ୍ୟ ସେବନ କରୁଥିଲେ କ୍ୟାନ୍‌ସର ଆଶଙ୍କା ମଧ୍ୟ ରହିଛି। ବିଶେଷଭାବରେ ପାନ, ସିଗାରେଟ୍, ବିଡି, ତମାଖୁଜାତୀୟ ଦ୍ରବ୍ୟ ଖାଇବା ଅଭ୍ୟାସରେ ପଡିଯାଇଥିଲେ ଭବିଷ୍ୟତରେ ମୁଖଗହ୍ୱର କ୍ୟାନ୍‌ସର ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଯଦି ଏସବୁ ଲକ୍ଷଣ ବିଷୟରେ ଅବଗତ ହେଲେ ତେବେ ବିଳମ୍ବ ନ କରି ଅଭିଜ୍ଞ କ୍ୟାନ୍‌ସର ଡାକ୍ତରଙ୍କ ନିକଟକୁ ଯାଇ ତାଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ। ଯଦି ବିଳମ୍ବରେ ଏହାର କାରଣ ଜଣାପଡିଲା, ତେବେ ଚିକିତ୍ସା ପାଇଁ ପ୍ରଚୁର ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ। ଅନେକ ସମୟରେ କ୍ୟାନ୍‌ସର ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁବରଣ କରିଥାଆନ୍ତି। ତେଣୁ ସବୁବେଳେ ଏକ ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରିବା ସହ ନିଶାଦ୍ରବ୍ୟ ଠାରୁ ନିଜକୁ ଦୂରେଇ ରଖନ୍ତୁ। ଆଜିକାଲି କ୍ୟାନ୍‌ସରର ଚିକିତ୍ସା ପାଇଁ ବିଭିନ୍ନ ଅତ୍ୟାଧୁନିକ ପ୍ରଣାଳୀ ଅନୁସରଣ କରାଯାଉଛି। ତେଣୁ ଠିକ୍ ସମୟରେ ଏହାର ଲକ୍ଷଣ ବିଷୟରେ ଅବଗତ ହୋଇ ଚିକିତ୍ସା କରାଇ ନେବା ଦରକାର। ଏହାଦ୍ୱାରା ଆମେ କ୍ୟାନ୍‌ସରଜନିତ ମୃତ୍ୟୁହାରକୁ କେତେକାଂଶରେ ରୋକି ପାରିବା।


ଫର୍ମ ନଂ.୧୩
**ଋଣ ଅସୁଲି ପ୍ରାଧିକରଣ, କଟକ**
**ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା**
**ଓ.ଏ. ନଂ.୫୦୧/୨୦୨୫**
**ବ୍ୟାଙ୍କ ଅଫ୍ ଇଣ୍ଡିଆ** ............................. **ଆବେଦନକାରୀ**
ବନାମ
**ମେସର୍ସ ବି.ସି ଏଣ୍ଟରପ୍ରାଇଜେସ୍ ଏବଂ ଅନ୍ୟମାନେ**..........**ପ୍ରତିବାଦୀମାନେ**
**୧.ମେସର୍ସ ବି.ସି ଏଣ୍ଟରପ୍ରାଇଜେସ୍,** ଏହାର ଏକମାତ୍ର ସତ୍ତ୍ୱାଧିକାରୀ ଶ୍ରୀ ଚିତ୍ତରଞ୍ଜନ ମିଶ୍ରଙ୍କ ମାଧ୍ୟମରେ ପ୍ରତିନିଧିତ୍ୱ କରାଯାଉଛି, ପ୍ଲଟ ନଂ.୩୫୩/୪୧୫୭, ଜୟଦେବ ବିହାର, ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟ, ଭୁବନେଶ୍ୱର - ୭୫୧୦୧୩, ଜିଲ୍ଲା: ଖୋର୍ଦ୍ଧା।
**୨. ଶ୍ରୀ ଚିତ୍ତରଞ୍ଜନ ମିଶ୍ର,** ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ମିଶ୍ର, ପ୍ଲଟ ନଂ.୩୫୩/୪୧୫୭, ଜୟଦେବ ବିହାର, ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟ, ଭୁବନେଶ୍ୱର - ୭୫୧୦୧୩, ଜିଲ୍ଲା: ଖୋର୍ଦ୍ଧା।
**୩. ଶ୍ରୀମତୀ ଏ. ସରୋଜିନୀ,** ସ୍ୱା: ଶ୍ରୀ ଚିତ୍ତରଞ୍ଜନ ମିଶ୍ର, ପ୍ଲଟ ନଂ.୩୫୩/୪୧୫୭, ଜୟଦେବ ବିହାର, ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟ, ଭୁବନେଶ୍ୱର - ୭୫୧୦୧୩, ଜିଲ୍ଲା: ଖୋର୍ଦ୍ଧା।
**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ**
ଏହି ନୋଟିସ୍ ଦ୍ୱାରା ଜଣାଇଦିଆଯାଉଛି କି, ଆବେଦନକାରୀ **ଓ.ଏ. ନଂ.୫୦୧/୨୦୨୫** ଦ୍ୱାରା **ଟ.୨୦,୭୮,୭୩୦/-** (କୋଡିଏ ଲକ୍ଷ ଅଠସ୍ତୋରି ହଜାର ସାତ ଶହ ତିରିଶି ଟଙ୍କା ମାତ୍ର) ଋଣ ରାଶି ଓ ତତ୍ ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ମାନ୍ୟବର ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛିକି, ସେମାନେ ଏହି ଖବରକାଗଜ ପ୍ରକାଶନ ତାରିଖର ୩୦ଦିନ ମଧ୍ୟରେ କିମ୍ବା **ତା.୧୭.୦୪.୨୦୨୬ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ତାଙ୍କର ପକ୍ଷ ରଖିପାରିବେ।
ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ଆପଣମାନେ ଏଥିରେ ଖିଲାପ କରନ୍ତି, ତେବେ ଆପଣମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।
ଏହି ଟ୍ରିବ୍ୟୁନାଲ୍‌ର ମୋହର ସହ ମୋ ସ୍ୱାକ୍ଷର ଦିନାଙ୍କ ୨୧ ଜାନୁୟାରୀ ୨୦୨୬ରେ ଆଦିଷ୍ଟ।
ସ୍ୱା/-
ରେଜିଷ୍ଟ୍ରାର (ଭାରପ୍ରାପ୍ତ)



**ପୌର ପରିଷଦ ହିଞ୍ଜିଳିକାଟୁ**
**HINJILICUT MUNICIPAL COUNCIL**
ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ପିନ୍ – ୭୬୧୧୦୨, ଦୂରଭାଷ: ୦୬୮୧୧-୨୮୦୦୨୫, ଟୋଲ୍ ଫ୍ରି: ୧୪୪୨୦
At: Hinjilicut, Dist.: Ganjam, PIN - 761102, Contact: 06811-280025, Toll Free No.: 14420
Email: hinjilicutmunicipality@gmail.com, hinjilimunicipality@gmail.com,
Facebook: Hinjilicut Municipality, Twitter: Hinjilicutmunicipality
Letter No. 558/Dev. Date: 31.01.2026
**QUOTATION CALL NOTICE**
No. 13001/16/2526: Sealed quotations are invited from the Authorized Dealers/Agencies/Suppliers/ Manufactures/for supply of following items for Hinjilicut Municipality.
The rate should be quoted against the item excluding taxes. The quotationers are essentially required to enclose their GST Clearance Certificate, PAN Card, Warranty/Guarantee Certificate. The quotationer shall be required to produce the original copy of the required document before the undersigned at the time of opening of quotation for verification.
The quotationer should submit EMD in shape of Cash/B.D./D.D./T.D.A. pledged in favour of Executive Officer, Hinjilicut Municipality as mentioned detailed below. The quotation paper will be available at the Cash Section from date: 03.02.2026, 10.00 A.M. to 10.02.2026, 05.00 P.M. in the Office hour except holidays. The quotation should receive on or before Dt.11.02.2026 at 5.00 P.M. on Tender Box and the same will be opened on Dt.16.02.2026 at 11 A.M. in presence of respective quotationers or their authorized representatives.
The authority reserves the right to accept, cancel or reject any or all offers without assigning any reason thereof.

| Sl. No. | Description of Items | Paper Cost | EMD |
|---|---|---|---|
| 1 | Supplying & fixing of openable UPVC doors and Windows with color frame of approved make with thick material laminated with glass of approved quality complete with frame, shutter and all fixture, fixing of execution of Aspirational toilet complex under Hinjilicut Municipality | Rs.4000/- | Rs.5000/- |

OIPR-13001/13105/1/25-26/0016 Sd./- Executive Officer, Hinjilicut Municipality



**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**
**आवश्यक सूचना**



**अज्ञात मृतक पुरूष**
**उम्र–करीब 35 वर्ष**
सर्व साधारण को सूचित किया जाता है कि दिनांक–30.01.2026 को समय करीब 12:10 बजे सुन्दरनगर थानान्तर्गत कुदादा स्थित रेलवे ट्रैक (पोल सं0–257/20 से 258/01 के बीच) पर ट्रेन के चपेट में आने से एक अज्ञात पुरूष की मृत्यु हो गई है। शव के पहचान हेतु आसपास के स्थानीय लोगों से पुछताछ किया गया लेकिन अज्ञात पुरूष का शिनाख्त/पहचान नहीं हो पाया है। जिससे उनके परिजनों को सूचित नहीं किया जा सका है।
**अज्ञात मृतक पुरूष का हुलिया निम्न प्रकार है:–उम्र–लगभग 35 पुरूष, कद–05 फीट 03 इंच, रंग–सॉवला/गेंहुआ, बाल–काला, पहचान चिन्ह–दाहिने ऑख पर कटा का निशान, पहनावा–घियाही रंग का हाफ शर्ट, हल्का आसमानी रंग का बनियान, काला रंग का पुराना फटा हुआ जैकेट, नीला रंग का फटा हुआ फुल पैन्ट तथा काले–भूरा रंग का मौजा।**
अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।
**वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006**
**पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228**
**पुलिस उपाधीक्षक, विधि–व्यवस्था : 9431706482**
**थाना प्रभारी, सुन्दरनगर : 9431706516**
**वरीय पुलिस अधीक्षक, पूर्वी सिंहभूम, जमशेदपुर**
**PR 372246 (Police)25-26*D**
POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍ ପି-୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

**Government of India**
**Ministry of Corporate Affairs**
**Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050**
**Email: roc.cpace@mca.gov.in**

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*
ସର୍ବସାଧାରଣ ନୋଟିସ: ଆରଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୮୫୮ ତାରିଖ: ୨୧।୦୧।୨୦୨୬
**ସନ୍ଦର୍ଭ:**
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ **ଓଡ଼ିଶା** ରାଜ୍ୟରେ (୨)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏସି୧୦୭୮୬୪୪ | ୟୁ୯୫୨୪୦ଓଡ଼ି୨୦୨୪ପିଟିସି୦୪୫୪୨୬ | ଟେକ୍ନୋସାଗର ଭାରତ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏସି୧୨୨୨୩୦୪ | ୟୁ୮୬୯୦୦ଓଡ଼ି୨୦୨୪ପିଟିସି୦୪୫୦୩୮ | ଇନୋଭି ହେଲ୍‌ଥକେୟାର୍ ପ୍ରାଇଭେଟ୍ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।
୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।
୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।
ଇର୍ବନ ତିର୍କୀ
ଉପ ନିବନ୍ଧକ
CBC 07123/11/0641/2526 ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ:................................

ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ଭାରତ-ଆଫଗାନିସ୍ତାନ ସେମିଫାଇନାଲ ମ୍ୟାଚ୍

### ୧୯ ବର୍ଷରୁ କମ୍ ବିଶ୍ୱକପ୍

**ହରାରେ,୩।୨(ପି.ଟି.)**

ଚଳିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଭାରତ ଓ ଆଫଗାନିସ୍ତାନ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଅପରାଜିତ ଥିବା ଭାରତୀୟ ଦଳକୁ ଏହି ମ୍ୟାଚ୍ ଲାଗି ଫେଭରାଇଟ ବିବେଚନା କରାଯାଇଛି। ଭାରତ ଟୁର୍ନାମେଣ୍ଟ ଇତିହାସର ସବୁଠୁ ସଫଳ ଦଳ। ଭାରତ ୨୦୦୦, ୨୦୦୮, ୨୦୧୨, ୨୦୧୮ ଓ ୨୦୨୨ ସଂସ୍କରଣ ଚାମ୍ପିୟନ ହୋଇଥିବା ବେଳେ ଅଷ୍ଟ୍ରେଲିଆ ୪ଥର ଏହି ଟ୍ରଫି ହାତେଇଥିଲା। ଲିଗ୍ ପର୍ଯ୍ୟାୟରେ ସମସ୍ତ ମ୍ୟାଚ୍‌କୁ ସହଜରେ ଜିତିଥିବା ଭାରତୀୟ ଦଳ ପାକିସ୍ତାନ ବିପକ୍ଷ ସୁପର-୬ ମ୍ୟାଚ୍‌କୁ ୫୮ ରନ୍‌ରେ ଜିତି ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଆଫଗାନିସ୍ତାନ ମଧ୍ୟ ଟୁର୍ନାମେଣ୍ଟରେ ଭଲ କରିଛି। ଦଳ ଏପର୍ଯ୍ୟନ୍ତ ୫ରୁ ୪ ମ୍ୟାଚ୍ ଜିତିଛି ଓ କେବଳ ଶ୍ରୀଲଙ୍କାଠାରୁ ପରାସ୍ତ ହୋଇଛି। ଫର୍ମରେ ଥିବା ଅଭିଜ୍ଞାନ କୁଣ୍ଡୁ, ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲହୋତ୍ରାଙ୍କ ଭଳି ଖେଳାଳିଙ୍କଠାରୁ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ ଆଶା କରାଯାଉଛି। ଉଇକେଟ୍‌କିପର ବ୍ୟାଟର ଅଭିଜ୍ଞାନ କୁଣ୍ଡୁ ୫ ମ୍ୟାଚ୍‌ରେ ୧୯୯ ରନ୍ କରିଥିବା ବେଳେ ଓପନର ସୂର୍ଯ୍ୟବଂଶୀ ୧୯୬ ଓ ମିଡଲ ଅର୍ଡରରେ ବିହାନ ୧୭୨ ରନ୍ କରିଛନ୍ତି। ଅଧିନାୟକ ଆୟୁଷ ମାହାତ୍ରେ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ସେ ଏପର୍ଯ୍ୟନ୍ତ ମାତ୍ର ୯୯ ରନ୍ କରିଛନ୍ତି। ବୋଲିଂ ବିଭାଗରେ ହେନିଲ ପଟେଲ ଓ ଆର୍‌ଏସ୍ ଅମ୍ବ୍ରିଶଙ୍କ ପ୍ରଦର୍ଶନ ଭଲ ରହିଛି। ଏହି ଦୁଇ ପେସର ୧୧ଟି ଲେଖାଏ ଉଇକେଟ ହାତେଇଛନ୍ତି।

# ଭାମ୍ବ୍ରିଙ୍କୁ କ୍ୟାରିୟରର ଶ୍ରେଷ୍ଠ ଡବଲ୍ସ ର୍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ,୩।୨**

ଭାରତୀୟ ଟେନିସ୍ ଖେଳାଳି ୟୁକି ଭାମ୍ବ୍ରି ମଙ୍ଗଳବାର ଏଟିପି ଡବଲ୍ସ ର୍ୟାଙ୍କିଙ୍ଗ୍‌ରେ ୨୦ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଡବଲ୍ସ ର୍ୟାଙ୍କିଙ୍ଗ୍। ଏହିଉପଲବ୍ଧିସହ ସେ ରୋହନ ବୋପାନ୍ନାଙ୍କ ପରେ ପ୍ରଥମ ଭାରତୀୟ ଖେଳାଳି ଭାବେ ପୁରୁଷ ଡବଲ୍ସ ଖେଳାଳି ରୂପେ ଟପ୍-୨୦ ମଧ୍ୟରେ ପ୍ରବେଶ କରିଛନ୍ତି। ପୂର୍ବରୁ ସେ ୨୨ତମ ସ୍ଥାନରେ ଥିଲେ। ୩୩ ବର୍ଷୀୟ ଭାମ୍ବ୍ରି ଚଳିତ ସିଜନରେ ଭଲ ଫର୍ମରେ ଅଛନ୍ତି। ସେ ଗତ ଅଷ୍ଟ୍ରେଲିଆନ୍ ଓପନ୍‌ରେ ସ୍ୱିଡେନ୍‌ର ଆଣ୍ଡ୍ରେ ଗୋରାନସନଙ୍କ ସହ ମିଶି ତୃତୀୟ ରାଉଣ୍ଡରେ ପହଞ୍ଚିଥିଲେ।

# ଦୀପକଙ୍କ ମାଉଣ୍ଟ କାଙ୍ଗ୍ରି ଆରୋହଣ



ମାଉଣ୍ଟ କାଙ୍ଗ୍ରି ଆରୋହଣ ଅବସରରେ ଦୀପକ ମହନ୍ତ।

**ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)**

ଯୁବ ପର୍ବତାରୋହୀ ଦୀପକ ମହନ୍ତ ଲଦାଖର ୬୦୭୦ ମିଟରବିଶିଷ୍ଟ ମାଉଣ୍ଟ ୟୁଟି କାଙ୍ଗ୍ରି ଆରୋହଣ କରିଛନ୍ତି। ତାଙ୍କ ଘର କେନ୍ଦୁଝର ଜିଲା କାଶିଆ ଗ୍ରାମରେ ଏବଂ ସେ ଆସା(ଆସୋସିଏଶନ ଫର୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍)ର ସଦସ୍ୟ। ଦୀପକ ପୂର୍ବରୁ ୨୦୨୫ରେ ହିମାଚଳ ପ୍ରଦେଶର ମାଉଣ୍ଟ ୟୁନାମ(୬୧୫୦ ମିଟର) ଏବଂ ୨୦୨୨ରେ ମାଉଣ୍ଟ ସେଥିଦର(୪୮୦୦ ମିଟର) ଆରୋହଣ କରିଥିଲେ। ବେସିକ୍ ଏବଂ ଆଡ୍‌ଭାନ୍ସ ମାଉଣ୍ଟେନରିଂ କୋର୍ସ ଶେଷ କରିବାପରେ ସେ ଭବିଷ୍ୟତରେ ଏଭରେଷ୍ଟ ଆରୋହଣ ଲକ୍ଷ୍ୟ ରଖିଛନ୍ତି। ମାଉଣ୍ଟ କାଙ୍ଗ୍ରି ଆରୋହଣ ପାଇଁ ଦୀପକଙ୍କୁ ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଗତ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଆସାର ସମ୍ପାଦକ ତଥା ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା, କ୍ରୀଡ଼ା ବିଭାଗର ସିନିୟର ପ୍ରୋଗ୍ରାମ ଅଫିସର ହରେଶ୍ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସାର କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତି, ଉପସଭାପତି ଶକ୍ତିରଞ୍ଜନ ମହାନ୍ତି, ବିକ୍ରମ କିଶୋର ଦାସ, ବିଜୟ କୁମାର ସାସ୍‌ମଲ ଓ କ୍ଷୀରୋଦ କୁମାର ଷଣ୍ଢ ପ୍ରମୁଖ ଦୀପକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ଏହି ଆରୋହଣ ଅବସରରେ ଦୀପକଙ୍କ ଅଙ୍ଗୁଳି ଗୁଡ଼ିକରେ କ୍ଷତ ସୃଷ୍ଟି ହୋଇଥିବା ଜଣାଯାଇଛି।

# ଏମ୍‌ସିସି ୭୩ ନିୟମ ପରିବର୍ତ୍ତନ କରିବ

**ଲଣ୍ଡନ, ୩।୨(ପି.ଟି.)**

କ୍ରିକେଟ ଆଇନରେ ୭୩ଟି ନିୟମରେ ପରିବର୍ତ୍ତନ କରାଯିବ। ଏକ ବହୁଦିବସୀୟ ମ୍ୟାଚ୍‌ର କୌଣସି ଦିବସର ଶେଷ ଓଭରରେ ଯଦି ଏକ ଉଇକେଟର ପତନ ଘଟେ ତେବେ ଏହି ଓଭରକୁ ଶେଷ କରିବା ବାଧ୍ୟତାମୂଳକ ତନ୍ମଧ୍ୟରେ ଅନ୍ୟତମ। କ୍ରିକେଟ ଆଇନର ପ୍ରଣେତା ମେରିଲବୋନ୍ କ୍ରିକେଟ କ୍ଲବ (ଏମ୍‌ସିସି) ତରଫରୁ ଏହା ଘୋଷଣା କରାଯାଇଛି। ନୂଆ ନିୟମ ଚଳିତବର୍ଷ ଅକ୍ଟୋବରରୁ କାର୍ଯ୍ୟକାରୀ ହେବ। ୨୦୨୨ ପରେ କ୍ରିକେଟ ଆଇନର ନୂଆ ସଂସ୍କରଣ କାର୍ଯ୍ୟକାରୀ କରାଯିବ। ବର୍ତ୍ତମାନ ବଲ୍‌ଗୁଡ଼ିକର ସାଇଜ୍-୧, ସାଇଜ୍-୨ ଏବଂ ସାଇଜ୍-୩ ରହିଛି। ପୁରୁଷ ବିଭାଗରେ ସାଧାରଣତଃ ପାରମ୍ପରିକ ସାଇଜ୍-୧ ବଲ୍ ବ୍ୟବହାର କରାଯାଇଆସୁଛି। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ସମଗ୍ର ବିଶ୍ୱରେ ବ୍ୟାଟ୍‌ର ମୂଲ୍ୟ ବୃଦ୍ଧିକୁ ହ୍ରାସ କରିବା ଉଦ୍ଦେଶ୍ୟରେ କେବଳ ଜୁନିୟର କ୍ରିକେଟ ବଦଳରେ ଓପନ୍ ଏଜ୍ କ୍ରିକେଟରେ ଲାମିନେଟେଡ ବ୍ୟବହାରକୁ ଏମ୍‌ସିସି ଆଇନସିଦ୍ଧ କରିଛି। ବୋଲର ରନ୍ ଅପ୍ ବେଳେ ଷ୍ଟମ୍ପ ଆଗରେ ଗ୍ଲୋଭ ରଖିବାକୁ ନେଇ ଉଇକେଟକିପର ଆଉ ଦଣ୍ଡିତ ହେବେନାହିଁ।

# ରାମେଶ୍ୱର-ବାପୁଜୀ କ୍ରିକେଟ କ୍ଲବ ଫାଇନାଲ





ଏମ୍.ଜି. ଗୋପାଳ ଓ ଅତୁଲ ସରଓ୍ୱର ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)**

ମୁନ୍‌ଲାଇଟ୍ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ୯ମ ନବ ଦାଶ ଓ ୫ମ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ୨ଟିଯାକ ସେମିଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇଥିବା ରାମେଶ୍ୱର ସ୍ପୋର୍ଟ୍ସ ଓ ବାପୁଜୀ କ୍ରିକେଟ କ୍ଲବ୍ ମଧ୍ୟରେ ଫାଇନାଲ ବୁଧବାର ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ରାମେଶ୍ୱର ୫୪ ରନ୍‌ରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ୨୦ ଓଭରରେ ୯ ଉଇକେଟ ହରାଇ ୧୫୨ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ଏମ୍‌ଜି ଗୋପାଳ ସର୍ବାଧିକ ୫୩ ରନ୍ କରିଥିଲେ। ବିପକ୍ଷ ଦଳର ପ୍ରିୟବ୍ରତ ବେଉରା ୪ଟି ଓ ସୁଶୀଲ କୁମାର ବାରିକ ୨ଟି ଉଇକେଟ ନେଇଥିଲେ। ୧୫୩ ରନ୍ ବିଜୟ ଲକ୍ଷ୍ୟରେ ସହିଦ ସ୍ପୋର୍ଟିଂ ୧୯.୫ ଓଭରରେ ୯୮ ରନ୍‌କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳର ଏମ୍.ଜି. ଗୋପାଳ ୪ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଗୋପାଳ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିପରି ଦ୍ୱିତୀୟ ସେମିଫାଇନାଲରେ ବାପୁଜୀ କ୍ରିକେଟ କ୍ଲବ ୭୯ ରନ୍‌ରେ ବ୍ରହ୍ମପୁରର ଆଲ୍‌ଫାକୁ ହରାଇ ଦେଇଛି। ବାପୁଜୀ କ୍ଲବ ଅତୁଲ ସରଓ୍ୱରଙ୍କ ଅପରାଜିତ ଶତକ ବଳରେ ୨୦ ଓଭରରେ ୫ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ଅତୁଲ ସରଓ୍ୱର ମାତ୍ର ୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୧୧ ଛକା ବଳରେ ୧୦୩ ରନ୍‌କରି ଅପରାଜିତ ରହିଥିଲେ। ଆର୍ଯ୍ୟଶ୍ରୀ ଭଞ୍ଜ ୩୫ ରନ୍‌ରେ ଅପରାଜିତ ରହିଥିଲେ। ଜବାବରେ ଆଲ୍‌ଫା ଦଳ ୧୭.୨ ଓଭରରେ ୧୨୦ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ବିଜୟୀ ଦଳ ପକ୍ଷରୁ ଅତୁଲ ସରଓ୍ୱର ୪ଟି ଏବଂ ସୟଦ ଜାକି ଓ ରାକେଶ ପଟ୍ଟନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅତୁଲ ସରଓ୍ୱର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।


# Classified Everyday

**0674-2580101, 9692975378**



## REAL ESTATE

## SALE

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271

ପୁରୀ ଶ୍ରୀମନ୍ଦିରଠାରୁ ମାତ୍ର 5 କିଲୋମିଟର ଦୂର ଶ୍ରୀସେତୁ ନିକଟ ମଙ୍ଗରାଜପୁର ଛକରେ 200ଫୁଟ ରାସ୍ତାରୁ ମାତ୍ର 100ମିଟର ଦୂରରେ ଇଲେକ୍ଟ୍ରି ସୁବିଧାଥାଇ ଅତିଶୀଘ୍ର ଘର କରିବାଯୋଗ୍ୟ ପ୍ଲଟ୍ ବର୍ଗଫୁଟକୁ ମାତ୍ର 2400/- ଟଙ୍କା। ଯୋଗାଯୋଗ: 9438109040/ 9438220432. D-3295

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

ଭୁବନେଶ୍ୱର ବରମୁଣ୍ଡାରୁ 48km farmhouse land ପିଚୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। 8144706560. D-3199

ଜମି ବିକ୍ରି- ଅନୁଗୁଳ ରେଳ ଷ୍ଟେଶନ ସାମ୍ନାରେ ପାଚେରି ଥାଇ ଦୁଇ ଗୁଣ୍ଠ ଘରବାରି ପ୍ଲଟ୍ (ନଂ. 742) ବିକ୍ରି ହେବାର ରହିଛି। ଯୋଗାଯୋଗ ନଂ.- 7327957039. D-3293



## CONSTRUCTION

Construct your home with Colour Tile Plaster, Electrical, PHD, Dor complete 1350/- 9827152441. D-3270





All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

## LOST

ମୁଁ ରୁଦ୍ର କିଶୋର ପ୍ରଧାନ, ପି.- ଏଜଗନ୍ନାଥ ପ୍ରଧାନ, ନି.- ବାନିପାଲି, ଥାନା- ସଦର, ଜିଲ୍ଲା- ବଲାଙ୍ଗୀର। ମୋର ନାମରେ ମୌଜା- ବାନିପାଲି, ଖା. ନଂ.- 93/93, ପ୍ଲଟ୍ ନଂ.- 585/990, ଏରିଆ- ଏ. 0.09 ଡେସିମିଲ ଜାଗା ଅଛି। ଉକ୍ତ ପଟ୍ଟାର Sale Deed ଗତ ତା. ୨୦।୦୧।୨୦୨୬ ରିଖ ମୁଁ ବୁରୋମୁଣ୍ଡା ଛକରୁ ଘରକୁ ଫେରିବା ବାଟରେ କେଉଁଠି ହଜାଇ ଦେଇଛି। ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ପାଇଲି ନାହିଁ। ଧ-୩୨୯୦

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## AFFIDAVIT

By virtue of an affidavit sworn before the Notary Public, Bhubaneswar, dtd.- 20.5.2025, I, Aparna Mohanty, W/o. Arun Kumar Mohanty permanent resident of At: Qtr. No.- type-II-19/6 near Govt Boys, High School, Ashoka Nagar, Bhubaneswar- 751009 Dist.- Khordha declare that now I have changed my daughter's name from Sruti Priyadarshini Mohanty to Sruti Priyadarshini. Henceforth, she shall be known as Sruti Priyadarshini for all purpose.

Aparna Mohanty
D-3292

By virtue of an affidavit sworn before Notary Public, dated 2nd Feb. 2026, I, Phulmay, Address: At- Lelibadi, Village- Dondili, P.O.- Dondili, Dist.- Rayagada, Odisha, 765017 declare that I have changed my name from Pulame Pedenti to Phulmay. Henceforth, I shall be known as Phulmay for all purposes.

Phulmay
D-3291

ମୁଁ, ଡଲି ସାହୁ, ପିତା- ଉଦୟନାଥ ସାହୁ, ଗ୍ରାମ- ବଧି ମଙ୍ଗଳପୁର, ପିପିଲି, ଜିଲ୍ଲା- ପୁରୀ, ୭୫୨୧୦୪, ଓଡ଼ିଶା ବାସିନ୍ଦା ଅଟେ। ଏହି ସତ୍ୟପାଠ ନମ୍ବର ୧୩୩୦, ତାରିଖ ୨୯।୦୧।୨୦୨୬ ଦ୍ୱାରା ଘୋଷଣା କରୁଛି ଯେ ଏବେଠାରୁ ମୋ ବାପାଙ୍କୁ ଉଦ୍ୟନାଥ ସାହୁ ନାମରେ ଜଣାଯିବ। ଧ-୩୨୯୪

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

By virtue of an affidavit sworn before the Executive Magistrate, Kodinga, dated 02.02.26, I, Kapildas Pujari, S/o. Dambarudhar Pujari residence of Vill./P.O.- Rajoda, P.S.- Kosagumuda, Dist.- Nabarangpur state that my name is wrongly mentioned as Kapildash Pujari on my SBI Ac. No. vide 36237574628 at SBI Mokia branch. On my Aadhaar No. xxxx xxxx 3065 my name is recorded Kapildas Pujari which is correct. Both Kapildash Pujari and Kapildas Pujari is one and same person.
D-3289

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୧
ଶ୍ରୀମତୀ କନକଚମ୍ପା ମେହେର, ଓ.ପ୍ର.ସେ. (ଏସ୍.ଏ.ଜି.)
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ. ୪୩/୨୦୨୫
(ଦେଓ୍ୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ତନୁଶ୍ରୀ ତ୍ରିପାଠୀ
...ବାଦୀ/ଦରଖାସ୍ତକାରୀ
ବନାମ
ସ୍ମାର୍ଟ ଲାଇଫଷ୍ଟାଇଲ ମୁଲଟିଟ୍ରେଡ୍ ପ୍ରାଇଭେଟ ଲିମିଟେଡ୍ ଓ ଅନ୍ୟମାନେ
....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୧. ସ୍ମାର୍ଟ ଲାଇଫଷ୍ଟାଇଲ ମୁଲଟିଟ୍ରେଡ ପ୍ରାଇଭେଟ୍ ଲିମିଟେଡ୍, ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶିବ ଶଙ୍କର ଦାସ, ଅଫିସ ଠିକଣା: ବି-୧୯୦, ପ୍ରାଞ୍ଚନ ବିହାର, ପୋ- ବରମୁଣ୍ଡା, ବି.ଡି.ଏ କଂପ୍ଲେକ୍ସ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା- ୭୫୧୦୦୩, ୨. ଯୋଗୀ ଖାଁ, ପିତା- ଇସ୍‌ଲାମ ଖାଁ, ଗ୍ରାମ- ବେଣାପଞ୍ଜରୀ, ପୋ- ଦିରୀମେଲଠା, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦, ୫. ମହମ୍ମଦ ଲୋକମନ, ପିତା- ଲେଟ୍ ମହମ୍ମଦ ଏକରାମ, ଗ୍ରାମ- ବେଣାପଞ୍ଜରୀ, ପୋ- ଦିରୀମେଲଠା, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦, ୬. ଜାହିର ମହମ୍ମଦ, ପିତା- ନୂର ମହମ୍ମଦ ବାଡ଼ିମାନ, ଗ୍ରାମ- ତରାବୋଇ, ପୋ- ତରାବୋଇ, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦ ।
....ପ୍ରତିବାଦୀ/ଅପରପକ୍ଷ

ନୋଟିସ
ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୧ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ଜାରି ନ ହୋଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଇଜାଲସରେ ଆସନ୍ତା ତା୦୨।୦୩।୨୦୨୬ରିଖ ଦିବା ଘ୧୧.୩୦ମି. ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ଥାନା ନଂ.- ୨୪, ମୌଜା- ମଙ୍ଗରାଜପୁର, ସାବିକ ଖାତା ନଂ. ୧୨୪, ସାବିକ ପ୍ଲଟ୍ ନଂ. ୫୪୮, ରକବା- ଏ.୦.୧୨୪ ଡି ରୁ ଏ.୦.୦୨୨.୯୬ଡି, ସ୍ୱତ୍ୱ-ସ୍ଥିତିବାନ୍, କିସମ- ଶାରଦ ଦୁଇ ।
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ଥାନା ନଂ- ୨୪, ମୌଜା- ମଙ୍ଗରାଜପୁର, ହାଲ୍ ଖାତା ନଂ.- ୧୦୬, ହାଲ୍ ପ୍ଲଟ୍ ନଂ.- ୬୮୩, ରକବା- ଏ.୦.୩୪୦ଡି. ରୁ ଏ.୦.୦୨୨.୯୬ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ଶାରଦ ଦୁଇ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଉକ୍ତ ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।
ତା୨୦।୦୧।୨୦୨୬
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୨୮୮

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**୰ବିଦ୍ୟୁଲତା ବଳିଆରସିଂହ**

ଖୁଦୁପୁର, ଜଟଣୀ, ଖୋର୍ଦ୍ଧା
ଆବିର୍ଭାବ : ୨୨.୦୪.୧୯୪୭
ତିରୋଧାନ : ୨୫.୦୧.୨୦୨୬
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ଦୁର୍ଗା ମାଧବ ବଳିଆରସିଂହ ଓ ବନ୍ଧୁ ଏବଂ ପରିବାରବର୍ଗ
ଧ-୩୨୯୬

**୧୨ ତମ ଶ୍ରାଦ୍ଧବାର୍ଷିକୀ**



**୰ ପ୍ରଫେସର ଭାଗିରଥୀ ସେନାପତି**

**ପୂର୍ବତନ କୁଳପତି, ଓୟୁଏଟି**

ଆବିର୍ଭାବ : ୦୫.୦୨.୧୯୪୨
ତିରୋଧାନ : ୧୭.୦୨.୨୦୧୪
(ଫାଲଗୁନ, କୃଷ୍ଣପକ୍ଷ ତୃତୀୟା ତିଥି)
ଗ୍ରାମ - ୪୨ମୌଜା, କଟକ
ଶାନ୍ତି ନିବାସ, ଜାଗମରା, ବରବାରି, ଭୁବନେଶ୍ୱର
ଆପଣଙ୍କ ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିଥାଉ । ଏହି ଶ୍ରାଦ୍ଧଦିବସରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ଶ୍ରୀ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା ।
ପତ୍ନୀ - ଶାନ୍ତିଲତା ସେନାପତି, ବଡ଼ ପୁଅ - ବରେଣ୍ୟ, ପୁତ୍ରବଧୂ - ମୌସୁମୀ, ମଝିଆ ପୁଅ - ପ୍ରଦ୍ୟୁମ୍ନ, ପୁତ୍ରବଧୂ - ଲକ୍ଷ୍ମୀପ୍ରିୟା, କନିଷ୍ଠ ପୁଅ - ପ୍ରସନ୍ନ, ପୁତ୍ରବଧୂ - ଜ୍ୟୋତିର୍ମୟୀ, ଝିଅ - ଚିନ୍ମୟୀ, ଜ୍ୱାଇଁ - ଚିନ୍ମୟ, ନାତି - ଅମ୍ରିତ, ଅର୍ପିତ, ଅଶୁଂଲ, ସୌୟମ, ଶ୍ରେୟାନ, ନାତୁଣୀ - ଶ୍ରଦ୍ଧାସୁମନ ଏବଂ ଆତ୍ମୀୟସ୍ୱଜନ, ପରିବାରବର୍ଗ ସମେତ ବୈଜ୍ଞାନିକ ଡଃ. ଦେବ ପ୍ରସାଦ ମଲ୍ଲିକ, ଓୟୁଏଟି
ଧ-୨୪୧

## ଫୁଲ ଚାଷ



**ସେ**ରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ। ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହ ମାଟିରେ ପ୍ରୟୋଗ କରନ୍ତୁ । ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର ସେଟିଡ ଗୁଣ୍ଡ ପ୍ରୟୋଗ କରନ୍ତୁ ।

## ଭେଣ୍ଡିର ଉନ୍ନତ କିସମ



**ଭେଣ୍ଡି**ର ଉନ୍ନତ କିସମ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ ଏବଂ ପୁଷା-ଏ-୪। ୬୦ ସେ.ମି. x ୩୦ ସେ.ମି. ଦୂରତାରେ ଭେଣ୍ଡି ଗଛ ଲଗାନ୍ତୁ। ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଜମି ପ୍ରସ୍ତୁତ କରିବା ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ । ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ । ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ।

## ସବୁଜ ଗୋଖାଦ୍ୟ ଫସଲ



**ବ**ର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା . ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡି ମକା ପରେ ୨ଧାଡି ବରଗୁଡି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

# ଡାଲୁଅ ଧାନ ରୋଇବା ପରେ ସାର ପ୍ରୟୋଗ



ଡାଲୁଅ ଧାନ ରୋଇବାର ୧୫-୨୦ ଦିନ ଜମିରେ ନଖବୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ସଙ୍କର କିସମ ଧାନରେ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋର୍‌ପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।

### ଏ ମାସର କୃଷି ସୂଚନା

**ମକା :** ମକା ଲଗାଇବାର ୨୧ ଦିନ ପରେ କୋଡ଼ାଖୁସା କରି ଗଛମୂଳରେ ମାଟିଦେବା ଦରକାର। ଫସଲ ବୁଣିବାର ୩୫ରୁ ୪୫ଦିନ ମଧ୍ୟରେ ଆଉ ଥରେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦-୪୦ କି.ଗ୍ରା. ଯବକ୍ଷାରଜାନର ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକି ଦିଅନ୍ତୁ ।

**ତୈଳବୀଜ ଜାତୀୟ ଫସଲ ଚିନାବାଦମ**
ଏହି ଫସଲରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସାକରି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପ୍‌ସମ୍ ସାର ପ୍ରୟୋଗ କରନ୍ତୁ (ଯଦି ମୂଳସାର ରୂପେ ଦିଆଯାଇ ନ ଥାଏ) ବିହାରୀ ଶିଁବାଲୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍‌ଡା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଗହମ :** ଗହମ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ ।

**ସୋରିଷ:** ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରିଦିଅନ୍ତୁ ।

**ରାଶି :** ଖରାଦିନିଆ ରାଶିକୁ ଫେବୃଆରୀଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ । ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା - ଅମ୍ରିତ୍ (୭୫ ଦିନ), ଉମା (୭୫ ରୁ ୮୦ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ ରୁ ୮୦ ଦିନ ) ଓ ଉଷା (୭୫ ରୁ ୮୦ ଦିନ)।

**ସୂର୍ଯ୍ୟମୁଖୀ :** ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସାକରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରେପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

**ଆଖୁ :** ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।

**ପନିପରିବା:** ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ୧ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ଆଳୁ :** ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ । ଆଳୁ ପାକଳହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ । ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।

**ପିଆଜ :** ପିଆଜ ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ। ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ ।

**ପୋଟଳ:** ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍‌ସିଲ୍ + ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

**ଖରାଦିନିଆ ପନିପରିବା**
ଖରାଦିନିଆ ପନିପରିବା ଯଥା - କଲରା, ଜହ୍ନି, ପୋଟଳ, କାକୁଡ଼ି, ବରଗୁଡ଼ି, ଗୁଆଁର, କଖାରୁ, ପୋଇ, ଖଡ଼ା ଇତ୍ୟାଦି ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ । ତରଭୁଜ ଲଗାଇବା ଆରମ୍ଭ କରନ୍ତୁ। ଅନ୍ୟ ପନିପରିବା ଯଥା - ବିଲାତି ବାଇଗଣ, ବନ୍ଧାକୋବି, ମୂଳା ଓ ଗାଜରର ଠିକ୍ ଯତ୍ନ ନିଅନ୍ତୁ ।

**ଅଦା ଓ ହଳଦୀ :** ଅଦା ଓ ହଳଦୀ ଫସଲ ଅମଳ ପାଇଁ ଏହା ପ୍ରକୃଷ୍ଟ ସମୟ । ଜମିର ବତର ଦେଖି ଫସଲ ଅମଳ କରନ୍ତୁ ।

**ଗୋପାଳନ:** ଗୋରୁଙ୍କୁ ନଡ଼ା ଖାଇବାକୁ ଦେବା ପୂର୍ବରୁ ପ୍ରଥମେ ନଡ଼ାକୁ କାଟି ପାଣିରେ ୪ ଘଣ୍ଟା ବତୁରାଇ ଦିଅନ୍ତୁ । ପରେ ନଡ଼ାକୁ ପାଣି ଛଡ଼ାଇ ଶୁଖାଇ ଦିଅନ୍ତୁ। ଏହି ନଡ଼ାକୁ ଖାଇବାକୁ ଦେଲେ ନଡ଼ାରେ ଥିବା ଆକ୍‌ଜାଲିକ୍ ଅମ୍ଳ ପରିମାଣ କମିଥାଏ । ଦୁଧିଆଳୀ ଗାଈକୁ ପ୍ରତ୍ୟେକ ୨.୫ ଲିଟର ଦୁଗ୍ଧ ପାଇଁ ୧ କି.ଗ୍ରା. ସନ୍ତୁଳିତ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ । ପ୍ରତ୍ୟେକ ଦିନ ୩୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଗାଈକୁ ଖାଇବାକୁ ଦିଅନ୍ତୁ। ଦାନା ଖର୍ଚ୍ଚ କମାଇବା ସହ ଗାଈମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିବା ପାଇଁ ସବୁଜ ଗୋଖାଦ୍ୟ ଫସଲ ଚାଷ କରନ୍ତୁ ।

**ଛେଳି ପାଳନ:** ଛେଳିମାନଙ୍କୁ ଏଣ୍ଟରୋଟକ୍‌ସିମିଆ ରୋଗ ଏହି ମାସରେ ଦେଖାଯାଇଥାଏ । ଏହାର ପ୍ରତିକାର ପାଇଁ ଏଣ୍ଟରୋଟକ୍‌ସିମିଆ ଟିକା ଛେଳିଙ୍କୁ ଦିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର

## ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ



**ଖ**ରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଯଥା- ମୁଗ କିସମ - ଆଇପିଏମ୍-୦୨-୧୪ (୬୫ ଦିନ), ଆଇପିଏମ୍-୦୨-୩ (୬୫ ଦିନ), ପିଡିଏମ୍-୧୧ (୬୫ ଦିନ), ପିଡିଏମ୍-୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ-୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ - ସାରଳା (୬୫ ରୁ ୭୦ ଦିନ), ପିୟୁ-୩୧ (୭୦ ଦିନ), ପିୟୁ-୩୦ (୬୫ ରୁ ୭୦ ଦିନ), ପିୟୁ-୩୫ (୬୫ ରୁ ୭୦ ଦିନ), ପିୟୁ-୧୯(୬୫ ରୁ ୭୦ ଦିନ) ବିହନ ସଂଗ୍ରହକରି ଜମିରେ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କିଲୋଗ୍ରାମ୍ ବିହନ ଆବଶ୍ୟକ । ବିହନକୁ ବିଶୋଧନକରି ବୀଜାଣୁ କଲ୍‌ଚର (୫୦୦ ଗ୍ରାମ୍) ଉପଚାରକରି ଧାଡ଼ିରେ ବୁଣନ୍ତୁ ।

## ପୋଟଳରେ ଫୁଲଫଳ ଧରୁଥିଲେ...



**ପୋଟଳ** ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରି ରଖେ । ଏହାଦ୍ୱାରା ଫଳଗୁଡିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏ ନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି । ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।

## ଆଖୁ ହୁଡ଼ା ଭାଙ୍ଗିବା ସମୟରେ...



**ଆ**ଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ଏକ କିଗ୍ରା କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଆଖୁ ଗଛକୁ ଏକ ଧାରୁଆ କଟୁରିରେ ଭୂମି ପତ୍ତନ ସହ ସମାନକରି କାଟି ଦିଅନ୍ତୁ । ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ । ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ ରୁ ଅଧିକ ହେଲେ ଆଖୁ କାଟିବା ଉଚିତ ।

## ହଳଦୀ ଲଗାଇବା ପୂର୍ବରୁ...



**ରୋ**ମା, ସୁରମା, ରଙ୍ଗ, ରଶ୍ମି ନାମକ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ । ୧ଏକର ଜମି ପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡଗୁଡ଼ିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷକରି ଏକ ମିଟର ଓସାର, ୧୫ସେ.ମି ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ୍) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡ଼ି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ,୧୨କି.ଗ୍ରା. ଫସ୍‌ଫରସ, ୩୬କି.ଗ୍ରା. ପଟାସ ୩ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସ୍‌ଫେଟ୍ ଓ ଅଧା ମ୍ୟୁରେଟ୍ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।

## କୁକୁଡ଼ା ପାଳନ



**ବା**ର୍ଡ ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ। ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ ବ୍ରଏଲର କୁକୁଡ଼ା ଚିଆଁ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍)। କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ କରିଦିଅନ୍ତୁ। ୭ ଦିନର କୁକୁଡ଼ା ଛୁଆମାନଙ୍କୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆମାନଙ୍କୁ ଆଇବିଡି ରୋଗ ଟିକା ଦିଅନ୍ତୁ। ନିମ୍ନଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡଫ୍ଲୁ ରୋଗ ହେବା ସୂଚନା ମିଳିଥାଏ। କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଘାଂଣି ବାହାରିବା ସହ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହି ରକ୍ତଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

# ସଘନ ମାଛଚାଷ



**ମା**ଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାରର ଜାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୂପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାରର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାରର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଏହାଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୂଚାରୁ ରୂପେ ବଢ଼ିଥାନ୍ତି । ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛ ଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ଏକ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ ଟି ଭାକୁର, ୧୬୦୦ଟି ରୋହି ଏବଂ ୧୨୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ। ଚାରୋଟି ପ୍ରଜାତିର ମାଛଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ଏକର ପିଛା ଭାକୁର ୧୨୦୦ ଟି, ରୋହି ୧୬୦୦ ଟି, ମିରିକାଳି ୮୦୦ ଟି ଏବଂ ବିଲାତି ରୋହି ୪୦୦ ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ଛଅ ପ୍ରକାରର ମାଛ ଚାଷ ପାଇଁ ସାଧାରଣତଃ ଏକର ପିଛା ୮୦୦ ଗୋଟି ଭାକୁର ଓ ୪୦୦ ଗୋଟି ସିଲ୍‌ଭର କାର୍ପ, ୧୨୦୦ ଗୋଟି ରୋହି ଓ ୪୦୦ ଗୋଟି ଗ୍ରାସ୍ କାର୍ପ ଓ ୮୦୦ ଗୋଟି ମିରିକାଳି ଓ ୪୦୦ ଗୋଟି ବିଲାତି ରୋହି ଛଡ଼ାଯାଇଥାଏ।

# ଧରିତ୍ରୀ DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୪/୨୦୨୬ | Bhubaneswar, Wednesday, February 4/ 2026









ପଞ୍ଜାବରେ ଅନୁଷ୍ଠିତ ୭ମ ଜାତୀୟ ଦିବ୍ୟାଙ୍ଗ ତୀରନ୍ଦାଜୀ ଚାମ୍ପିୟନଶିପର ୫୦ ମିଟର ଦୂରତା ବର୍ଗରେ ରୌପ୍ୟ ଓ ୫୦ ମିଟର କମ୍ପାଉଣ୍ଡ ଅଲିମ୍ପିକ୍ ରାଉଣ୍ଡରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଓଡ଼ିଶାର ଦିବ୍ୟାଙ୍ଗ ତୀରନ୍ଦାଜ ପାୟଲ ନାଗ।

## ସାବାଲେଙ୍କା ନମ୍ବର ୱାନ୍ ରହିଲେ

**ମେଲ୍‌ବୋର୍ନ, ୩।୨(ଏପି)**

ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲରେ ୨୪ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନୋଭାକ୍ ଜୋକୋଭିଚ୍‌ଙ୍କ ବିପକ୍ଷରେ ବିଜୟ ହାସଲ କରିବା ପରେ କାର୍ଲୋସ ଅଲ୍‌କାରାଜ ସିଙ୍ଗଲ୍ସରେ ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରା କରିଥିଲେ। ମାତ୍ର ମ୍ୟାଚ୍ ପରାଜୟ ସତ୍ତ୍ୱେ ଜୋକୋଭିଚ୍‌ଙ୍କୁ ଏକ ସାନ୍ତ୍ୱନା ମିଳିଛି। ୨୦୨୪ ଅଗଷ୍ଟ ପରେ ଏହି ୩୮ ବର୍ଷୀୟ ସର୍ବୀୟ ଟେନିସ୍ ଷ୍ଟାର ପ୍ରଥମଥର ଶ୍ରେଷ୍ଠ ୩ ମଧ୍ୟରେ ସ୍ଥାନ ପାଇଛନ୍ତି। ଅଲ୍‌କାରାଜ ପ୍ରଥମ ସ୍ଥାନ ବଜାୟ ରଖିଥିବା ବେଳେ ଜାନିକ ସିନର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମେଲବୋର୍ନ ପାର୍କରେ ସେମିଫାଇନାଲରେ ସିନରଙ୍କୁ ପରାସ୍ତକରି ଜୋକୋଭିଚ୍ ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ଫାଇନାଲରେ ଏଲିନା ରିବାକିନାଙ୍କଠାରୁ ଆରିନା ସାବାଲେଙ୍କା ପରାଜିତ ହୋଇଥିଲେ ସୁଦ୍ଧା ଡବ୍ଲ୍ୟୁଟିଏ ଟୁର୍‌ରେ ତାଙ୍କ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ରିବାକିନା ଦୁଇ ସ୍ଥାନ ପଦୋନ୍ନତି ସହ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ଇଗା ସ୍ୱିଟେକ୍ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ ସ୍ୱିଟେକ୍‌ଙ୍କ ପଛକୁ ୩ଜଣ ଆମେରିକୀୟ ଅଛନ୍ତି। ସେମାନେ ହେଲେ ଆମାଣ୍ଡା ଆନିସିମୋଭା(୪ର୍ଥ), କୋକୋ ଗଫ୍(୫ମ) ଓ ଅଷ୍ଟ୍ରେଲିଆନ୍ ଓପନ୍ ସେମିଫାଇନାଲିଷ୍ଟ ଜେସିକା ପେଗୁଲା।

# ଡବ୍ଲ୍ୟୁପିଏଲ୍: ଗୁଜରାଟର ଦୃଢ଼ ବ୍ୟାଟିଂ

**ଭଦୋଦରା,୩।୨**

ଚଳିତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ମଙ୍ଗଳବାର ଖେଳାଯାଇଥିବା ଏଲିମିନେଟର ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ବେଥ ମୁନିଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ବଳରେ ପ୍ରତିପକ୍ଷ ଦିଲ୍ଲୀ ସମ୍ମୁଖରେ ୧୬୯ ରନର ଟାର୍ଗେଟ ଧାର୍ଯ୍ୟ କରିଛି। ଜବାବରେ ଦିଲ୍ଲୀ ରିପୋର୍ଟ ଲେଖା ହେଲା ବେଳକୁ ୪ ଓଭରରେ ବିନା ଉଇକେଟ ହରାଇ ୪୩ ରନ କରିଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ପାଇଁ ଆରମ୍ଭରୁ ବେଥ ମୁନି ଗୋଟିଏ ପକ୍ଷରେ ଭଲ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପକ୍ଷରେ ଉଇକେଟ ପତନ ଜାରି ରହିଥିଲା। ଦଳର ନିର୍ଭର ଯୋଗ୍ୟ ସୋଫି ଡିଭାଇନ ୬, କନିକା ଆହୁଜା ୬, ଅନୁଷ୍କା ଶର୍ମା ୧୬ ରନ କରି ଆଉଟ୍ ହୋଇଥିବା ବେଳେ ଅଧିନାୟିକା ଆଶେଲ ଗାର୍ଡନର ଖାତା ଖୋଲିବାରେ ବିଫଳ ହୋଇଥିଲେ। ଫଳରେ ୯ ଓଭର ଶେଷ ସୁଦ୍ଧା ଦଳ ୪ ଉଇକେଟ ହରାଇ ୬୦ ରନ କରିଥିଲା। ଏଭଳି ପରିସ୍ଥିତିରେ ଜର୍ଜିଆ ୱାରେହାମ ଓ ମୁନି ପଞ୍ଚମ ଉଇକେଟରେ ଦ୍ରୁତ ୬୧ ରନ ଯୋଡ଼ିଥିଲେ। କ୍ରିଜରେ ସେଟ୍ ହୋଇସାରିଥିବା ଜର୍ଜିଆ ୨୫ ବଲରେ ୩୫ (୩ ଚୌକା ଓ ୧ ଛକା) ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ମୁନିଙ୍କ ସହ କାଶଭି ଗୌତମ ମିଶି ସପ୍ତମ ଉଇକେଟରେ ୧୯ ବଲରେ ଦ୍ରୁତ ୩୮ ରନ କରି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ। କାଶଭି ୧୮ (୩ ଚୌକା) ରନ କରି ଆଉଟ୍ ହୋଇଥିବା ବେଳେ ମୁନି ୫୧ ବଲରେ ୬୨ ରନ (୬ ଚୌକା) କରି ଅପରାଜିତ ରହିଥିଲେ। ଫଳରେ ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୮ ରନ କରିଛି। ଦିଲ୍ଲୀ ପାଇଁ ବୋଲିଂରେ ଚିନେଲ ହେନରୀ ୩, ନନ୍ଦିନୀ ଶର୍ମା ୨ ଓ ମିନୁ ମାନି ଗୋଟିଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ବେଥ୍ ମୁନି ଓ ଜର୍ଜିଆ ୱାରେହାମ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଜାଏଣ୍ଟ୍ସ: ୨୦ ଓଭରରେ ୧୬୮/୭ (ବେଥ ମୁନି-୬୨*, ଜର୍ଜିଆ ୱାରେହାମ-୩୫, ଚିନେଲ ହେନରୀ-୩/୩୫, ନନ୍ଦିନୀ ଶର୍ମା-୨/୪୪, ମିନୁ ମାନି-୧/୨୩)।

**ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ**

## କିଟ୍‌ରୁ ଭାଗନେବେ ୯ ଆଥ୍‌ଲେଟ

**ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)**

ଚାଇନାର ଟିଆନଜିନ୍‌ରେ ଚଳିତ ମାସ ୬ରୁ ୮ ପର୍ଯ୍ୟନ୍ତ ହେବାକୁଥିବା ୧୨ଶ ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ କିଟ୍ ବିଶ୍ୱବିଦ୍ୟାଳୟର ୯ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) ପକ୍ଷରୁ ଘୋଷିତ ୧୭ ଜଣିଆ ଆଥ୍‌ଲେଟ୍ ଦଳରେ ଏହି ୯ ଜଣ ସାମିଲ। କିଟ୍ ଆଥ୍‌ଲେଟଙ୍କ ମଧ୍ୟରେ ମଣିକାନ୍ତ ହୋବିଲଧର ପୁରୁଷ ୬୦ ମିଟର ରେସ୍, ତେଜାଶ ଶିର୍‌ସେ ପୁରୁଷ ୬୦ ମିଟର ହର୍ଡଲ୍ସ, ପ୍ରଭିନ ଚିଥ୍ରାଭେଲ ପୁରୁଷ ଲଙ୍ଗ୍‌ଜମ୍ପ, ସମରଦୀପ ସିଂ ଗିଲ୍ ପୁରୁଷ ଶଟ୍‌ପୁଟ, ତାଜିନ୍ଦରପାଲ ସିଂ ତୁର୍ ପୁରୁଷ ଶଟ୍‌ପୁଟ୍, ତେଜସ୍ୱିନ ଶଙ୍କର ପୁରୁଷ ହେପ୍ଟାଥଲନ୍, ମୌମିତା ମଣ୍ଡଳ ମହିଳା ୬୦ ମିଟର ହର୍ଡଲ୍ସ ଓ ଲଙ୍ଗ୍‌ଜମ୍ପ, ପ୍ରଜ୍ଞା ପ୍ରଶାନ୍ତି ମହିଳା ୬୦ ମିଟର ହର୍ଡଲ୍ସ ଏବଂ ଆନ୍‌ସି ସୋଜାନ ଏଡାପ୍ପିଲି ମହିଳା ଲଙ୍ଗ୍‌ଜମ୍ପ୍‌ରେ ଭାଗନେବେ। ଏହି ସମସ୍ତ ଆଥ୍‌ଲେଟ୍‌ଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

# ପିସିବି ବିରୋଧରେ ପ୍ରସାରଣକାରୀ ସଂସ୍ଥା କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରେ

**ନୂଆଦିଲ୍ଲୀ/କରାଚୀ,୩।୨(ପି.ଟି.)**

ଆସନ୍ତା ୧୫ ତାରିଖରେ ଭାରତ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ବିରୋଧରେ ପ୍ରସାରଣକାରୀ ସଂସ୍ଥା ଜିଓଷ୍ଟାର କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରେ। ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଚେତାବନୀ ଦେଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ପାକିସ୍ତାନ ଭାରତ ବିପକ୍ଷ

**ବିଶ୍ୱକପ୍ ମ୍ୟାଚ ବର୍ଜନ**

ମ୍ୟାଚ୍‌କୁ ବୟକଟ୍ କରିବାକୁ ନିଷ୍ପତ୍ତି ନେଇଛି। ହେଲେ ଏପର୍ଯ୍ୟନ୍ତ ମ୍ୟାଚ୍ ବର୍ଜନ ପଛର କାରଣ ପ୍ରକାଶ କରାଯାଇନାହିଁ।

ଏକ ରିପୋର୍ଟ ମୁତାବକ, ପାକିସ୍ତାନକୁ ମିଳୁଥିବା ବାର୍ଷିକ ରାଜସ୍ୱର ଅଂଶକୁ ସମ୍ପୂର୍ଣ୍ଣ ରୂପେ ଆଇସିସି କାଟ୍ କରିପାରେ, ଯାହାକି ପାଖାପାଖି ୩୫ ମିଲିଅନ ଆମେରିକୀୟ ଡଲାର। ଏହି ଅର୍ଥକୁ ପ୍ରସାରଣକାରୀ ସଂସ୍ଥାକୁ ଦିଆଯାଇପାରେ। ଯଦି ପାକିସ୍ତାନ ନିଜ ଜିଦ୍‌ରେ ଅଟଳ ରୁହେ ଓ ଭାରତ ବିପକ୍ଷରେ ଖେଳିବାକୁ ମନାକରେ, ତେବେ ପିସିବିକୁ ଆର୍ଥିକ ପ୍ରତିବନ୍ଧକ ସହ ପ୍ରସାରଣକାରୀ ସଂସ୍ଥା ସହ ଆଇନଗତ ଲଢ଼େଇ କରିବାକୁ ପଡ଼ିବ। କିନ୍ତୁ ଆଇସିସି ଡିସ୍‌ପ୍ୟୁଟ୍ ରିଜୋଲ୍ୟୁଶନ କମିଟି(ଡିଆର୍‌ସି )ରେ କରାଯାଇଥିବାର ଆବେଦନ ବିଫଳ ହେବ। ଆଇସିସିର ଡିଆର୍‌ସି ଏକ ଆନ୍ତଃ କମିଟି, ଯାହା ବୋର୍ଡ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିର ଶୁଣାଣି କରେନାହିଁ। ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପିସିବିକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ପ୍ରଥମତଃ, ସେମାନେ ନ୍ୟୁଟ୍ରାଲ ଭେନ୍ୟୁରେ ଖେଳୁଛନ୍ତି, ଯାହାକି ପାକିସ୍ତାନର ଇଚ୍ଛା ଥିଲା। ଦ୍ୱିତୀୟତଃ, ଭାରତ ସରକାର କୌଣସି ଦଳକୁ ପାକିସ୍ତାନରେ ଖେଳିବାକୁ ଅନୁମତି ଦେଉ ନ ଥିଲେ ମଧ୍ୟ ଏସିଆ କପ୍ କିମ୍ବା ଆଇସିସି ଇଭେଣ୍ଟରେ ପାକିସ୍ତାନ ବିପକ୍ଷରେ ଖେଳିବାକୁ ମନା କରିନାହିଁ। ଭାରତ ବିପକ୍ଷ ମ୍ୟାଚ୍ ବର୍ଜନ କରିବା ସମ୍ପର୍କରେ ପିସିବି ଏପର୍ଯ୍ୟନ୍ତ ଆଇସିସିକୁ ଲିଖିତ ଆକାରରେ ଜଣାଇନାହିଁ। ଆଇସିସି ପକ୍ଷରୁ ୪ ବର୍ଷ ମଧ୍ୟରେ ହେବାକୁଥିବା ସମସ୍ତ ଇଭେଣ୍ଟ ଲାଗି ପ୍ରସାରଣକାରୀ ସଂସ୍ଥା ସହ ଚୁକ୍ତି କରିଥିଲା। ଏହି ଚୁକ୍ତିରେ ଭାରତ ଓ ପାକିସ୍ତାନ ମ୍ୟାଚ୍ ସାମିଲ ଥିଲା।

## ଭାରତରେ ହେବ ଏସିଆନ ଅଲିମ୍ପିକ୍ କ୍ୱାଲିଫାଇଂ ଚାମ୍ପିୟନଶିପ୍

**ନୂଆଦିଲ୍ଲୀ, ୩।୨(ପି.ଟି.)**

ଆସନ୍ତା ବର୍ଷ ଦିଲ୍ଲୀରେ ହେବ ଏସିଆନ ରାଇଫଲ/ପିସ୍ତଲ ଚାମ୍ପିୟନଶିପ୍। ଏଥିରେ ଲସ୍‌ଏଞ୍ଜେଲ୍ସ ୨୦୨୮ ଅଲିମ୍ପିକ୍ସ ପାଇଁ ୮ କୋଟା ନିରୂପିତ ହେବ। ଦେଶର ଶୁଟିଂ କ୍ୟାଲେଣ୍ଡରରେ ଏହା ପ୍ରଥମ। ଏହା ବ୍ୟତୀତ ଆସନ୍ତାବର୍ଷ ଏପ୍ରିଲ ୨୧ରୁ ୩୦ ଦିଲ୍ଲୀରେ ହେବାକୁଥିବା ବିଶ୍ୱକପ୍ (ରାଇଫଲ/ପିସ୍ତଲ/ଶଟ୍‌ଗନ୍)ରେ ୧୨ଟି କୋଟା ହାସଲର ସୁଯୋଗ ରହିଛି। ଭାରତକୁ ଏସିଆନ୍ ଇଭେଣ୍ଟ ଆୟୋଜନର ଅଧିକାର ମିଳିଥିବା ବିଷୟ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ(ଏନ୍‌ଆର୍‌ଏଆଇ) ସଭାପତି କଳିକେଶ ସିଂଦେଓଙ୍କୁ ଏସିଆନ ଶୁଟିଂ କନ୍‌ଫେଡେରେଶନ ଏକ ଚିଠି ଜରିଆରେ ସ୍ପଷ୍ଟ କରିଦିଆଯାଇଛି। ତେବେ ଏସିଆନ କ୍ୱାଲିଫାୟର୍ସ କେବେ ହେବ ତାହା ଠିକଣା ସମୟରେ ଜଣାଇ ଦିଆଯିବ ବୋଲି ଏନ୍‌ଆର୍‌ଏଆଇ କହିଛି।

# ପ୍ରୀତିଶାଙ୍କୁ ଡବ୍ଲ୍ୟୁଆଇଏମ୍ ଟାଇଟଲ



ପ୍ରୀତିଶାଙ୍କୁ ଡବ୍ଲ୍ୟୁଆଇଏମ୍ ଟାଇଟଲ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)**

ସମ୍ପ୍ରତି ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଦିଲ୍ଲୀର ପ୍ରୀତିଶା ଗୁପ୍ତାଙ୍କୁ ମଙ୍ଗଳବାର ବିଧିବଦ୍ଧଭାବେ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମାତ୍ର ୧୪ ବର୍ଷ ବୟସରେ ଏହି ସଫଳତା ପାଇଥିବା ପ୍ରୀତିଶା ୨୦୨୫ ଜୁଲାଇରେ ଅନୁଷ୍ଠିତ ଟ୍ରୋଫେ ଡୋଲେ ପାସିନୋ ଗ୍ରାଣ୍ଡ ଓପନ ଟୁର୍ନାମେଣ୍ଟରେ ପ୍ରଥମ ଡବ୍ଲ୍ୟୁଆଇଏମ୍ ନର୍ମ ହାସଲ କରିଥିଲେ। ସର୍ବିୟାର ସେଣ୍ଟାରେ ଅନୁଷ୍ଠିତ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୨୨ ଫାଣ୍ଟାଷ୍ଟିକୋ ପ୍ରତିଯୋଗିତାରେ ଦ୍ୱିତୀୟ ଏବଂ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୧୩ ଫାଣ୍ଟାଷ୍ଟିକୋରେ ତୃତୀୟ ନର୍ମ ପାଇଥିଲେ। ଚେକ୍ ରିପବ୍ଲିକ୍‌ରେ ଅନୁଷ୍ଠିତ ଟେପଲିସ ଓପନ ଚେସ୍‌ରେ ୨୨୦୦ ଏଲୋ ରେଟିଂ ଅତିକ୍ରମ କରିଥିଲେ। ୨୦୨୫ ଅଗଷ୍ଟରେ ପ୍ରୀତିଶା ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ବିଶ୍ୱର ନମ୍ବରୱାନ୍ ର୍‍ୟାଙ୍କ୍‌ପ୍ରାପ୍ତ ହୋଇଥିଲେ। ୨୦୨୬ ଫିଡେ ରେଟିଂ ତାଲିକା ଅନୁସାରେ ଏବେ ସେ ୧୫ ବର୍ଷରୁ କମ୍ ବର୍ଗରେ ନଂ.୧ ଅଛନ୍ତି। ୨୦୨୫ରେ ସେ ୧୬ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଚେସ୍ ଚାମ୍ପିୟନ ହୋଇଥିଲେ। ଡବ୍ଲ୍ୟୁଆଇଏମ୍ ନର୍ମ ହାସଲ କରିଥିବାରୁ ପ୍ରୀତିଶାଙ୍କୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ଅଭିନନ୍ଦନ ଜଣାଇଛନ୍ତି।

## କେରଳ, ପଞ୍ଜାବ, ସର୍ଭିସେସ, ରେଲୱେ ସେମିଫାଇନାଲରେ

**ସିଲାପଥର (ଆସାମ), ୩।୨ (ପି.ଟି.):** ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିରେ ମଙ୍ଗଳବାର କେରଳ, ପଞ୍ଜାବ, ସର୍ଭିସେସ ଓ ରେଲୱେ ସେମାନଙ୍କ କ୍ୱାର୍ଟରଫାଇନାଲ ମ୍ୟାଚଗୁଡ଼ିକରେ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସିଲାପଥର ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ସର୍ଭିସେସ ରେଲୱେ ସହିତ ମୁକାବିଲା କରିବାକୁ ଥିବା ବେଳେ ଧାକୁଖାନା ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁଥିବା ମ୍ୟାଚରେ କେରଳ ପଞ୍ଜାବକୁ ଭେଟିବ। ସର୍ଭିସେସ ଓ ପଶ୍ଚିମବଙ୍ଗ ମଧ୍ୟରେ ଖେଳାଯାଇଥିବା କ୍ୱାର୍ଟରଫାଇନାଲ ମ୍ୟାଚର ନିର୍ଦ୍ଧାରିତ ସମୟ ଓ ଅତିରିକ୍ତ ସମୟ ଖେଳ ଗୋଲଶୂନ୍ୟ ରହିବା ପରେ ପେନାଲ୍ଟିରେ ସର୍ଭିସେସ୍ ୩-୨ ଗୋଲ୍‌ରେ ବିଜୟୀ ହୋଇଥିଲା। ଅନ୍ୟ ଏକ ମ୍ୟାଚରେ କେରଳ ଆୟୋଜକ ଆସାମକୁ ୩-୦ ଗୋଲ୍‌ରେ ପରାସ୍ତ କରିଥିଲା। ପଞ୍ଜାବ-ତମିଲନାଡୁ ମ୍ୟାଚର ନିର୍ଦ୍ଧାରିତ ଓ ଅତିରିକ୍ତ ସମୟ ଖେଳ ୧-୧ରେ ଅମୀମାଂସିତ ରହିବା ପରେ ପେନାଲ୍ଟି ଶୁଟ୍ ଆଉଟରେ ପଞ୍ଜାବ ୪-୧ ଗୋଲ୍‌ରେ ବିଜୟ ଲାଭ କରିଥିଲା। ରାଜସ୍ଥାନ ବିପକ୍ଷରେ ରେଲୱେ ସୌରଭ ଭନୱାଲା (୭୮ତମ ମିନିଟ) ଓ ଜୋଶେଫ ମାଥ୍ୟୁସ (୮୩ତମ)ଙ୍କ ବିଳମ୍ବିତ ଗୋଲ୍‌ରେ ୨-୦ରେ ବିଜୟୀ ହୋଇଥିଲା।

# ସେମିରେ ଭୁବନେଶ୍ୱର ସାଇ ଇଲେଭେନ

**ଧାମନଗର, ୩।୨(ଦେବେନ୍ଦ୍ର ଆନ୍ଦିଆ)**

ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଭୁବନେଶ୍ୱରର ସାଇ ଇଲେଭେନ ଓ କୋଲକାତା ଏଲ୍‌ଆର୍‌ଏସ୍ କ୍ଲବ୍ ମଧ୍ୟରେ ଦ୍ୱିତୀୟ

**ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

କ୍ୱାର୍ଟର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଇ ଇଲେଭେନ ବିଜୟୀ ହୋଇ ସେମିଫାଇନାଲ ଖେଳିବାକୁ ବିବେଚିତ ହୋଇଛି। ସାଇ ଇଲେଭେନ ୨୫ ଓଭରରେ ୯ ଉଇକେଟ ହରାଇ ୨୩୯ ରନ୍ କରିଥିଲା। ଦଳ ପକ୍ଷରୁ ଆୟୁଷ କ୍ରିଷ୍ଟପର ୭୮, ସୂର୍ଯ୍ୟକାନ୍ତ ପ୍ରଧାନ ୫୯ ଓ ବିପ୍ଳବ ସାମନ୍ତରାୟ ୩୧ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଯୋଗେଶ କୁମାର ୫ ଓଭରରେ ୬୦ ରନ୍ ଦେଇ ୩ ଉଇକେଟ ଏବଂ ଆଦିତ୍ୟ ଯାଦବ ୫ ଓଭରରେ ୩୫ ରନ୍ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ଏଲ୍‌ଆର୍‌ଏସ୍ ଟିମ୍ ୧୪.୫ ଓଭରରେ ୭୯ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସକ୍ଷମ ଚୌଧୁରୀ ୧୮ ରନ ଓ ରାଜ ଭାରତୀ ୧୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ରାମଚନ୍ଦ୍ର ବେହେରା ୫ ଓଭର ବୋଲିଂ କରି ୨୨ ରନ୍ ଦେଇ ୪ ଉଇକେଟ ଏବଂ ରବୀନ୍ଦ୍ର ରାଉତ ୫ ଓଭରରେ ୨୭ ରନ୍ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ସାଇ ଇଲେଭେନର ରାମଚନ୍ଦ୍ରଙ୍କୁ ଅବସରପ୍ରାପ୍ତ ଅଧ୍ୟାପକ ଗଦାଧର ସାହୁ ଓ ଅଧ୍ୟାପକ ହିମାଂଶୁ ଶେଖର ଦାଶ ପୁରସ୍କୃତ କରିଥିଲେ। ବିଶ୍ୱଜିତ ପତି ଓ ଜ୍ୟୋତିପ୍ରକାଶ ମଲ୍ଲିକ ମ୍ୟାଚ୍ ପରିଚାଳନା କରିଥିବା ବେଳେ ନୀହାର ରଞ୍ଜନ ବେହେରା ଓ ସୁଧାଂଶୁ ସାହୁ ସ୍କୋରର, ବଳରାମ ସାହୁ ଅନ୍‌ଲାଇନ ସ୍କୋରର ଥିଲେ। ଜ୍ଞାନରଞ୍ଜନ ଘଡ଼େଇ ଓ ଏସ୍‌କେ ଇମ୍ରାନ ଧାରା ବିବରଣୀ ପ୍ରଦାନ କରିଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ୍ ରାମଚନ୍ଦ୍ର ବେହେରାଙ୍କୁ ପୁରସ୍କୃତ କରାଯାଉଛି।

# ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରର ସଫଳତା

**ଭୁବନେଶ୍ୱର, ୩।୨ (ବିଜୟ ରଣା)**

ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ଓ ଗ୍ରାସ୍‌ରୁଟ୍ ସେଣ୍ଟର ଏବଂ ରାଉରକେଲା, ପୁରୀ ଓ ଜୟପୁରରେ ରହିଥିବା ଏହାର ଗ୍ରାସ୍‌ରୁଟ୍ ସେଣ୍ଟରଗୁଡ଼ିକର ଆଥଲେଟମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୩୫ ସ୍ୱର୍ଣ୍ଣ, ୩୪ ରୌପ୍ୟ ଓ ୩୩ ବ୍ରୋଞ୍ଜ ସହ ମୋଟ ୧୦୨ ପଦକ ଜିତିବାରେ ସଫଳ ହୋଇଛନ୍ତି। ପୁରୀରେ ଅନୁଷ୍ଠିତ ୪୪ତମ ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ଉଭୟ ପୁରୁଷ ଓ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସର ବିଭିନ୍ନ ବୟସବର୍ଗ ଓ କାଟେଗୋରୀରେ ଅଂଶଗ୍ରହଣ କରିଥିଲେ। ନିକଟରେ ଲିସ୍‌ବନ୍‌ରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ କଣ୍ଟିନେଣ୍ଟାଲ କପ୍‌ରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ଆଥଲେଟମାନେ ୨୦ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ରାଜ୍ୟର ଯୁବ ପ୍ରତିଭାଙ୍କ ସମେତ ଏଲିଟ୍ ଆଥଲେଟମାନଙ୍କ ଦକ୍ଷିଣ ବୃଦ୍ଧି କ୍ଷେତ୍ରରେ କେତେଦ ପରିମାଣରେ ପ୍ରତିବଦ୍ଧ ଏଥିରୁ ତାହା ସୂଚୀତ ହେଉଛି।



ପୁରସ୍କାର ସହ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରର ଜିମ୍ନାଷ୍ଟମାନେ।


Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ